ଗଟେ ଗାଁରେ ବୁଢ଼ିଟିଏ ଆଉ ତା'ର ପୁଅ ଦୁଇଟା ରହିଥିନାଇଁ ବଡ ପୁଅର ନାଁ ହାଡୁ ଆରି ସାନପୁଅ ର ନାଁ ନାଗର ତାଙ୍କେ ବେଶି ଗରିବ ଥିଲାଇଁ ନାଗର କହିଲ ଯେ ମୁଇଁ ଯେଠି ହେଲେ ହଳିଆ ରହିବି ଆରି ଆମର ପରିବାର ଚଳିବା ବଲା ହେଠୁ ହଳିଆ ରହିବା କଇ ଗଲା । ଗାଁ ସାରା ଡାକି ଡାକି କହିଲ ଯେ ମକଇ କିଏ ହଳିଆ ରଖିବ ରାଜା କହିଲା ମୁଁଇଁ ହଳିଆ ରଖିବି ରହିବେତା ନାଗର କହିଲା ହୋଇ ରହିବି ତାକଇ ରଜାଘର କଇ ନେଲା ଆରି ଜୁର କାମ କରାଲା ଆରି ଖାବା କଇ କମ୍ ଦେଲା । ସିଏ ଭାବିଲା ଯେ ମୁଇଁ ଏଠି ରହି କରି ଜୁର କାମ୍ କରିସଇଁ ଆରି ଖାବାକଇ କମ୍ ଦେସନ୍ତ ମୁଇଁ ଏଠି ରହିନାପାରଇଁ ସିଏ ରଜା କଏ କହିଲା ଯେତିକି କାମ୍ କରି ଥିଲିମକଇ ସିଟଙ୍କା ଦେଅ ମୁଇଁ ଘର କଇ ଯିବି, ରଜା କହିଲା ପଇସା ନେବତା ଆଇ ବଲି କରି ଡାକିଲା ଆରି ପଇସା ନ ଦେଇ ହାଡୁ କଇ ଜୁର ପିଟିଲା ନାଗର ଘରକଇ କାନ୍ଦି କାନ୍ଦି ଗଲ ହେଟୁ କଇଲା ମୁଇଁ ହେଠି ନାରହୁଇଁ ରଜା ମକଇ ଜୁର୍ ପିଟିଲା ଆରି । ପଇସା ନାଦେଲା ତା'ର ବଡଭାଇ ଜୁର୍ ରାଗିଲା କହିଲା କି ମୁଇଁ ହଳିଆ ରହି ଯିବି ତୁଇଁ ଘରେ ଥା ମାକଇ ଜଗିବେ ନାଗର କହିଲା ହିଁ ହାଡୁ ଗଲା ରାଜାର ପାସକଇ ମୁଇଁ ତମର ଘରେ ହଳିଆ ରହିବି ରଜା ବଲା ରହିବେତା କିନ୍ତୁ ମୋର କଥା ରଖିବେ ହେଲେ ତା' ରହିବେ ନା, ହେଲେ ନା, ରହିପାରସ୍ ହାଡୁ ବଲା, ତୁଇଁ କହି ସାରିଲେ ।

ମୁଇଁ ଗଟେ କଥା କହିବି ମୋର କଥା କଇ ରଖିବେତା ରଜା ବଲା ହିଁ ରଖିବି ବଲାଁ ତେନ୍ତେଳି ପଥରରେ ଭାତ ଖାବେଆରି ତେନ୍ତେଳି ପଥରରେ ତୁଣ୍ ଖାବେ ହାଡୁ ବଲା ମୁଇଁ ତେନ୍ତେଳି ପଥରରେ ଭାତ ନାଖାଇଁ କଂସା ତାଳିରେ ଭାତ୍ ଖାବି ଆରି କଂସା ଗିନାରତୁଣ ଖାବି ବଲା ବେଳେ ରଜା ହିଁ ବଲା ରଜାଘର କଇ ଡାକି ନେଲା ହାଡୁ ସବୁ ଦିନେ ଗାଇ ଛେଳି ଚରାଇ ନେଲ । ଦିନେ ରାଜା ବଲା ହାଡୁ ସବୁ ଦିନେ ଜଙ୍ଗଲ କଇ

ଗାଈ ଚରାଇ ନେଇ ଦିନେଲେ ଦିନେ କଟାର୍ କି ବରାଲେ ମାରିକରି ଆଣିତେ ହାଡୁ ବଲା ହଁ ଆଜ୍ ଆଣିମି ମକଇ ବନ୍ଧୁକ ଗଟେ ଦେତା ତାକଇ ବନ୍ଧୁକ ଗଟେ ଦେଲାଇ ହେଠୁ ସିଏ ଜଙ୍ଗଲରେ କିସି ଗଟେ ହିଁ ଶିକାର ମେଳିଲାଇଁ ନାହିଁ ବଳେ ହାଡୁ ଭାବିଲା ମୁଇଁ ତା ରଜାକଇ କହି ଦିସଇ ମାଉଁସ୍ ଆଣିମି ବଲି ଯେତଲେ ହିଁ ନେମାକଇ ପଳସି ଦେଖିଲା ଯେ ରାଜାର ବଡ ଖାସୁଟିଏ ଗଟେ ଟାଙ୍ଗର ଉପରେ ଠିଆ ହିସି ହାଡୁ ବନ୍ଧୁକଟାରେ ଖାସୁ ଟାକଇ ମାରି ଦେଲା ଆଉ ବୁଡିଆରେ କାଟିକରି ଭଇଲା I ଘରକଇ ରାଜା ବଲାଆଜି ହାଡୁ ମାଉଁସ ଆଣିବ ରାଣି ଦୁହେଁ ମସଲା ବାଟ ଆରି ଭାଜ୍ ରାଣି ଭାଜି ଦେଲା ସଭିଏଁ ମିଶିକରି ଖାଇନାଇଁ ଏଠୁ ପସର ଦିନ ଛେଳି ବେପାରି ଆଇଲା ରଜାକେ କହିଲା ଯେ ତମେ ଛେଳି ଛୁଲାବିକି ବକି ରାଜା ବଲା ବିକିବି ଆରେ ହାଡୁ ଆମର ବଡ ଖାସୁଟା ଆଣ୍ତ ବିକିବା ହାଡୁ ବଲା କାଲ୍ର ବଡ ଖାସୁଟା ଖାଇଲାଇଁ ଯେ ତମର ମନେ ନାହିଁ ରଜା ବଲା କାଲର୍ କଟାର ମାଉଁସ ଖାଇ ଲାଇଁ ହାଡୁ ବଲା ନାହିଁ କଟାରୀ କି ବରା ନା ପାଇଲି ବଳେ ତା ବଡ ଖାସୁଟା କଇ ମାରିଲି ରଜା ତାକଇ ଜୁରସେ ରାଗିଲା ଆରି ଦିନେ ହାଡୁ କଇ ରଜା କହିଲା ହାଡୁ ଯିବେ ଯା ନଦୀ ତଳାରେ ଜମିଣା ଆସି ବାଇଗଣ ବିଲାତି ରୁଆ ହିସି ସଫା କରିଦେବ I ହାଡୁ ଗଲା ସବୁ ସଫା କରିଦେଲା ରାଜା ଆର ଦିନର ଜମି କଇ ଯାଇକରି ଦେଖିଲେ ଯେ ଯେତେ ତାର ଘାସ୍ ବାଇଗଣ, ବିଲାତି ସବୁ ହିଳରେ ଯାଇ ପଳିସି ରଜାଯାଇ କରି ହାଡୁକଇ କହିଲ ଯେ ହାଡୁ ତକଇ କିସ୍ କାମ୍ କହିଲା ବଳେ ତୁଇଁ କିସ୍ କାମ୍ କରିଲେ ହାଡୁ ବଲା ତମେତ ମଣିମା ଯାହା କହିଲ ମୁଇଁ ତାହା କରିଲ ତମେ କହିଲି ଯେ ସବୁ ସଫା କରି ଦେବା କଇ ବଳେ ମୁଇଁ ସଫା କରି ଦେଲି । ତାର୍ ଆର ଦିନ ରାଣି ବଲା । ଯେ ରାଜା କାଠ ସରିଗଲା କାହିଁ କେ ଭାତ ରାନ୍ଧିବା ରଜା ବଲା ହାଡୁ ଯା କାଠ ଆଣି ଯିବେ ହାଡୁ ଗଲା କାଠ ଆଣି ଭାବିଲା ଯେ ଜଙ୍ଗଲ କଇ ଗଲେତା ଏତେ ଦୂରିଆ ମୁଇଁ ଜଙ୍ଗଲ କଇ ନାଇଯାଇ ଏଠିତା କାଠ୍ ମେଳିଆକ୍ ବଲା ରଜାର ଜେତେ ଲଙ୍ଗଳ ଗା କଇ କାଟିକରି ନେଲା ରାଣି ନିଆଁ ଜଳାଇ ଦେଖିଲା ଯେ ବଢ଼ିଆଁ ଜଳସି ହାଡୁ କଇ କଇଲା ରାଣୀ କେଠୁ କାଟ ଆଣିସ୍ସ ଯେ ବଢ଼ିଆ ଜଳସି ହାଡୁ ବଲା ଜଳିଆ କତା ଆରେ ଶରଗି କାଠପରାଇ ତା'ର ଆର ଦିନର ରଜା ବଲା ହାଡୁ ଜମିକଇ ଯିବେ ଯା ଲଙ୍ଗଳ ଗାକଇ ଆଣେମେ କାଲ କି ହଳ ଧରି

ନେମେ ହାଡୁ ବଲା ଯେ ଲଙ୍ଗଳକଇ ନିଆଁ ଠେକାଇଲ ଯେ ମୁଇଁ ଖଜି ଦେଖିଲି କାଠ ନା ପାଇଲି ବଲେ ହିଁଲା କାଟି କରି ଆଣିଲି । ରଜା ହାଡୁ କଇ କେମତ୍ କରଲେ ମାରି ପାରତି ରାଣି କଇ କହିଲା । ରାଣୀ ହାଡୁ ଆମର୍ ବଡେ କ୍ଷତି କରିସାରିଲା ନେ ତାକଇ କେମତ କରି ମାରିବା ରାଣୀ ବଲା ହାଡୁ କଇ ଆମର ଜୁଆଁଇଁ ପାସକଇ ବଟାଇ ଦେବା ଆରି ଗଟେ ଚିଠି ଟିଏ ଲେଖି କରି ଦେବା ଯେ ହାଡୁଯାସି ତାକଇ ଗଲେ ଦଶଦିନର ପଚିଲା ଭାତ ଆରି ଦଶ ଦିନର ପଚିଲା ତୁଣ ଦେବ ଶୋଇ ବାକଇ ଗାଈ ଗୁହାଳେ ଦେବ ଯଦି ପଳାଇ ଖଜିଆକ୍ ହେଲେ ମାରି ପକାଇ ଦେବ ବୋଲି ଲେଖିଲାଇଁ । ଆରି ହାଡୁ ଇଚିଟା ଧାରି କରି ଯିବେ ଯା ଆମର ଜୁଆଁଇ ଘରକଇ ହାଡୁ ଚିଠିଟା କଇ ଧରି କରି ଗଲା ବାଟେ ଦେଖିଲା ଗଟେ ସ୍କୁଲ ସୁଆଟା ବସିସି ହାଡୁ ବଲା ଯେ ବାବୁ ଇଟାରେ କିସ୍ ଲେଖା ହସି ଫିଲାଟା ପଢ଼ି ସାରିକରି କହିଲା ବାବୁ ତୁଇଁ କେଁଟିକି ଯାସସ ? ହାଡୁ ବଲା ଯେ ମୁଇଁ ଜାସଇଁ ମୋର ସାହୁର ଜୁଆଇଁ ଘରକଇ ସି ପିଲାାବଲା ତୋର ସାହୁ ମାରିବା କଇ ପଠାସି ତୁଇଁ ଗଲେ ତାକଇ ଦଶ୍ ଦିନର ଭାତ ଆରି ଦଶ ଦିନର ତୁଣ ଦେମାଇଁ ଆର ନା ରହିଲେ କି ତକଇ ମାରି ଦେମାଇଁ ହାଡୁ ବଲା ହିଁ ଚିଠିଟା ଚିରିଦି କରି ଆରି ଗଟେ ଲେଖ୍ ତା ସି ପିଲାବାଲା କିସ୍ ଲେଖିବି କଲା ହାଡୁ ବଲା ମୁଁ ରଜା ଦିସଇଁ ଯେ ହାଡୁ ତମର ଘରକଇ ଯାସିଗଲା ପରେ ତୁଇଁ ତାକଇ ସବୁ ଦିନେ ମାଂସ ମାଛ, ଅଣ୍ଡା ଦେବୁ ଆଉ ଶୋଇ ବାର ଲାଗି ଗୋଟେ ପଲଙ୍କ ଦେବୁ ମଇଁ ଗଲେ ମକଇ ପଖାଳ ଭାତ ଆରି ତେନ୍ତେଳି ତୁଣ ଦେବୁ ନା ହେଲେ ତୁଇଁ ମୋର ଜୁଆଇଁ ନାହିଁ । ଇମିତି କରି ଲେଖିଦେ ରଜାର ଜୁଆଇଁ କି ଦେଲା ହାଡୁ କୁ ସବୁ ଦିନେ ମାଂସ, ମାଛ, ଅଣ୍ଡା ଦିଲାଇଁ ଦିନେ ରାଜା ଭାବିଲା ମରିଲାକି ନାଇଁ ବୋଲି ରାଜା ଭାବିଲା ମରିଲା କିନାଇଁ ବୋଲି ଦେଖି ଆସିଲା ବେଳେ ରାଜା କଇ ତେନ୍ତେଳି ତୁଣ ଆରି ପଖାଳ ଭାତ ଦେନାଇଁ ରାଜା ତାର ଜୁଆଇଁ କି ପଚାରିଲା ଯେ ହାଡୁ କଇ କିଲାଗି ମାଛ, ମାଂସ, ଅଣ୍ଡା ଦେସ ତାର ଜୁଆଇଁ ବଲା ତୁମେ ଯାହା ଲେଖିକରି ଦିଥିଲ ମୁଁ ସିମିତି କାମ୍ କରସଇଁ ରାଜାବଲା ମୁଇଁ ହେମିତି ଲେଖିକରି ନାଦେଇ ତାକଇ ମାରିବାର ଲାଗି ଲେଖି କରି ଦିଥିଲି ତା'ର ଜୁଆଇଁ ବଲା ଏଠି ମାରି ନାହେଇ ତମର ଘର କଇ ଗଟେ ଚିଠି ଲେଖି କରି ପଠାଅ ଯେ ହାଡୁ ଯାସି ଘରକଇ ତାକଇ ମାରି କରି ରକ୍ତ ରଖି ଦିଥିବ ମୁଇଁ ଗଲେ

ପିଇବି ବୋଲି କରି ଗୋଟେ ଚିଠି ଟିଏ ଲେଖିକରି ଦିଇଁ ଥିଲି, ଆରି ହାଡୁକଇ କଇଲାଇଁ ଯେ ଇ ଚିଠି ଟା ବଡ ପୁଅକୁ ଦେବେ ବୋଲି ହାଡୁ ଚିଠିଟା କଇ ନିକରି ଗଲା ଆରି ବଳେ ସଇସ୍କୁଲିଆ ପିଲା ପିଲାଟାକଇ ଭେଟାଲା ଆରିସେ ପିଲାଟା କହିଲା ଯେ ତୁଇଁ ଏଠୁ ଗଲେ ତକଇ ରଜାର ବଡପୁଅ ମାରି କରି ରକତ ରଖି ଦିଥିଆକ୍ ଆରି ରାଜା ଆସିଲେ ପିଆକ୍ । ହାଡୁ ବଲା ହିଁ ଚିଠିଟା ଚିରି ଦିକରି ଆରି ଗଟେଲେଖି ହାଡୁ ଘରକେ ଯାସି ଆରି ଯାଇ ସାରିଲେ ମୋର ସାନଝିଅକଇ ହାଡୁ ସାଙ୍ଗେ ବାହା ଦେବେନା ହେଲେ ମୁଁ ଏଠୁ ଗଲେ ରକତ ପିଇବି ବୋଲି ସି ପିଲା ଲେଖି ଦେଲା ଚିଠି ଟାକଇ, ଧେରି କରି ଗଲା ରାଜାର ବଡ ପୁଅ କୁ ଦେଲା । ରାଜାର ବଡ ପୁଅ ତାର ସାନଭଉଣି କୁ ହାଡୁ ସାଙ୍ଗେ ବାହାକରି ଦେଲା ରାଜା ଆସିଲା ହେଠୁଁ କହିଲା ମୁଇଁ ଯାହା କହିଥିଲି ଆଣ ବଲଇ ବଳେ ମାଉସ ଭାତ ନିଦେନ୍ତ ରଜା ଫିଙ୍ଗି ପକାଇ ତାର ବଡ ପୁଅକୁଇ ଡାକିଲା । ଆରି କହିଲା କିସ୍ କରସସ ଯେ ମଇଁସ ଭାତ ଆଣସଶ ତାର ପୁଅ ବଲା ଆଜି ପରା ଆମର ମିନିର ବାହାଘର ହାଡୁ ସାଙ୍ଗରେ ରଜା କାବା ହେଲା ଅରେ ମୁଁଇଁ ତା କହିଥିଲି ଲେଖି ଥିଲି ଯେ ହାଡୁକଇ ମାରିବାର ଲାଗି କିଏ କହିଲା ବାପା କିସ୍ ଲେଖିଚୁସ୍ ଯେ ଦେଖିବେ ରଜା ଦେଖିଲା ହାଡୁର ବାହାଘର କଥା ଲେଖାହିସି । ରାଜା ଭାବିଲା ଆଜ୍ ହାଡୁ କଇ ମାରି ଦେବି । ରାତିରେ ଶୋଇଲା ବଳେ ହାଡୁ ଗଟେ ବାଛୁରୀ ସୁଆ ଟାକଇ ଆଣିକରି କମଳ ଅଳାଇ ଦେଲା ଆରିସିଏ ସଙ୍ଗାଉପରେ ଶୋଇଲା ରାଜା ଗଲା ହାଡୁ କଇ ଭକକରି ହାଣିଦେଲା ଦେଖିଲା ଯେ ବାସୁରୀ ସୁଆଟା ହାଡୁ ଉଁପୁରୁ କହିଲା ହିଁ ରାଜା ତୁ ବାସୁରୀ ସୁଆଟାକଇ ମାରିସସ୍ କହି ଦେବିଯେ ବଲା ହାଡୁ ବଳେ ରାଜା ବଲା ଯେ ହାଡୁ ନାକହିବେ ତକଇ ମର ରାଇଜରୁ ଫାଲେବେ ଦିବଲା ବଳେ ହାଡୁ ନା କହିଲା ଆରି ତାରମାକଇ ଆରି ତାର ଭାଇ କଇ ହିଁ ଡାକିଆଣିଗଲା ଏକାଠି ସଭିଏଁ ରହିଲାଇଁ ।

## ଭାଲ୍‌କାଣ୍ ଆଉ ବଉ

ଏକ୍ ଥିଲା ସାଦବ ବୁଢ଼ା ତାର ପରାୟ ଗୋଟେ ପୁଅ ନୂଆ ବଉ ଆଣିଥାଏ । ଦିନେ ପରାୟ କମାଣ୍ କୟ ହଳ ଧେରି ଯାଇ ଥିଲାୟ ଯେ ବଉଟା କୟ ପରାୟ ଭାତ ନି ଦେବେ ବୋଲି କହି ଲାୟ ବଳେ ବଉଟା ପରାୟ ଭାତ ନିଦେଥିଲା ବଳେ ବାଟେ

ପରାୟ ଗୋଟେ ଭାଲୁ ଭେଟେଲା । ଯେ ଭାଲ୍‌ଟା ବଲା କାହିଁ ଯାଛସ୍ ବଲା ବଲେ ବଉଟା ବଲା ପରାୟ କିମାଣ୍ କି ଭାତ ନି ଦେସଇଁ ବଲା ବଲେ ଭାଲ୍‌ଟା ବଲା ଦେ ତୋର ଲୁଗାଟା ପିନ୍ଧି ଦେଖାୟଁ କେମତ୍ ଦିସଇଁ, ନାଲେ ତୋକାୟ ଖାଇ ଦେବି ବଲା ପରାୟ ବଲେ ନେଏଁ ହୋନ୍ତେ ବଲା ଆରି ଦେ ତାର ଯାକିଟଟା ପିନ୍ଦି ଦେଖାୟ ବଲା । ହେଟୁଁ ନେଏଁ ବଲା ପରାୟ ଭାଲ୍ ଯେ ତାର କାନର ନାକର୍ ସବୁ ମାଗ୍‌ଲା ହାର ପିନ୍ଧିଲା । ହେଟୁଁ ଦେ ତର୍ ଭାତ୍ ଟୁକୁଲଟା ଭୟୀ ଦେଖାୟ କେମତ୍ ଦିସଛୟଁ ବଲା ହାର ଘରକାୟ ଗଲା ହେଟୁଁ । ବଉଟା ନେଗେଲା ହି କରି ଗୋଟେ ରାଇଝିଲିମିଲି ଗଛଟାରେ ବସିଛି । ହେଟୁଁ ପସେ ହଳ ଧେରା ଲୋକ୍‌ଲା ବଲାୟ ଯେ କିସ୍ କଲା ବଉଟା ଯେ ଭାତ୍ ନା ଆଣି ଦେଲା । ବଲାୟ ହାର ହଳ୍ ଶାଡି ଦେଲାୟ ହାର ଘର କାୟ ଗଲାୟ ବଲେ ସି ଭାଲୁଟା ପରାୟ ଦଳତଳି ଭିତିରେ ଢ଼ଂପାୟ୍ ହିକରି କୁହୁଁରୀ ବୁଲସି ହେଟୁଁ ତାର ଘଇତାକ୍ ପରାୟ ବଲା ଯେ କିସ୍ ହେଶସ୍ ବଲା ବଲେ ସିଇ ଭାଲ୍‌ବଲା ଯେ କିସ୍ ଭାୟ ଜୁରେ ଜର କଲା ବଲେ ତାନା ନି ଦେଇ ବଲା ବଲେ ପରାୟ । ହେଁ ବଲା, ସିଇ ଭାଲୁବଲା ଯେ ଯା ମା କାୟ ଆରି ବୁଆକାୟ କହି ଦେବେ ଦେଖି ଆସବାୟ ବଲା ପରାୟ ବଲେ ଗଲା ପରାୟ ହାର କହିଲା ଜୁରେ ଜରାସି ଯିବହାର ଦେଖି କରି ଆସ୍‌ବ । କେମତ ନାଇ କେମନ୍ତ ହେୟାକ୍ ବଲାବଲେ ପରାୟ ବୁଢ଼ାଟା ବଲା ଯେ ଏ ବୁଢ଼ି ଯା ଭାତ ଦୁଇଟା ରାନ୍ଦବେ ଦେଖି ଯିବା ବଲା ବଲେ ହଁ ବଲା ହାର ଭାତ୍ ରାନ୍ଧିଲା ହାର ଭୌଁଲାହାର ଗଲାୟ ପରାୟ ଯେଁ ଗଛଟାରେ ବସିଥାୟ ସିଇ ଗଛଟା ବାଟ୍ ତଳାକେ ଥାୟ ମାହାଁକ୍ ଆରି ବାପକ୍ ଗଲାୟ ବଲେ ଟକିଟା ଦେଖିଲା ଆର୍ ଗୋଟେ ଗୀତ ଗାଁଇଲା । ମା ଯାଇଛି ମା ଯାଇଛି ଭାଲ୍‌କାଣି ଝିଅ ଦେଖି ।

ମୁଇଁ ବ ମା ମୁଇଁ ବମା
ରାଇ ଝିଲିମିଲି ଗଛେ ।
ମୁଇଁ ବ ମା ମୁଇଁ ବମା
ରାଇ ଝିଲିମିଲି ଗଛେ ।

ବଲା ବଲେ ବାପାକ୍ ଯେ କେତେ ଜରାସି ନନୀ ଯେ ଚଳୟ୍‌ଟା ହେଡେ ହେମତ୍

କରି କାନ୍ଦିଛି ବଲା ବଲି ହେଲାୟଁ ବଳେ ଆରି ଥରେ ଗାଁ ଇଲା ।

ବୁଆ ଯାଉଛି ଯାଉଛିର
ଭାଲ୍ କାଣ୍ ଝିଅ ଦେଖି
ମୁଇଁ ବ ବୁଆ ମୁଇଁ ବ ବୁଆ,
ରାଇ ଝିଲିମିଲି ଗଛେ ।
ମୁଇଁ ବ ବୁଆ ମୁଇଁ ବ ବୁଆ,
ରାଇ ଝିଲିମିଲି ଗଛେ ।

ବଲା ବଳେ ଚ୍ଲ୍ ଚ୍ଲ୍ ବେଗି ଯାଉଁ ବଲାୟ ହେଟୁଁ ଗଲାୟ ହାର ପଚାରଲାୟ କେଣ୍ଡି ନୋନୀ ଶୋଇଛି ବଲାୟ ବଳେ । ଭିତରେ ଶୋଇଛି ବଲାୟ ବଳେ ଗଲାୟ ହାର ଉଠ୍ଲାୟ ଉଠ୍ ନୋନୀ ଭାତ ଦୁଇଟା ଆଣିଛୁ ଯେ ଖାଇବେ ବଲାୟ ବଳେ । ସିଇ ଭାଲ୍ ବଲା ଯେ ଉହୁ ମା ଉହୁ ବୁଆ ମୁଇଁ ଉଠିନା ପାରଇଁ ବସିନା ପାରଇଁ ବଲି କହିଲା ବଳେ ମାହାଁକ୍ ବଲାଯେ ଉଠ୍ ଗାରସେ କେତେଲେ ଖାଇଦେ ବଲା ପରାୟ ହେଲେହିଁ ନାଇବଲା ପରାୟ । ବଳେ ହୋଁ ବଲାୟ ହାର ପଳାଲାୟ ଯାଉଁ ହୋତେ ବଲାୟ ହାର ପଳଲାୟ ହାର କୋକା କହାରି କାକି କ ଆସ୍ଲାୟବଳେ ସିଇ ମିତିରି ଗୀତ ଗାଁୟଲା ।

କୋକା ଯାଉଛି କୋକା ଯାଉଛି
ଭାଲ୍ କାଣ୍ ଝିଅ ଦେଖି ।
ମୁଇଁ ବ କୋକା ମୁଇଁ ବ କୋକା,
ରାଇଝିଲିମିଲି ଗଛେ ।

ବଲା ବଳେ ତାକେଇଁ ବଲାୟ ଯେ ବଡେ ଜରାଛି କିସ ଚଳଇଟି ହେଡେ ହେମତ୍ କରି କାନ୍ଦୁଛି । ବଲାହାର ଚାଲ୍ ବେଗି ଯାଉଁ ବଲାୟ ବଲେ ଆରି ଥରେ ଗାଁୟଲା ।

କାକି ଯାଉଛି କାକି ଯାଉଛି
ଭାଲ୍କାଣ୍ ଝିଅ ଦେଖି ।
ମୁଇଁ ବ କାକି ମୁଇଁ ବ କାକି,
ରାଇଝିଲିମିଲି ଗଛେ

ମୁଇଁ ବ କାକି ମୁଇଁ ବ କାକି,
ରାଇଝିଲିମିଲି ଗଛେ ।

କୋକାକ ବଲା ଯେ ଚାଲ୍ ବେଗି ଯାଉଁ ବଲାୟହାର ଘରକୟ ପହଁଚିଲାୟ ହେଟୁଁ ତା କେଇଁ ବଲାୟ ଉଠ୍ ନୋନୀ ଦେଖୁଁ ଦେଖ୍ ଆଇଛ ବଲାୟ ବଳେ ଭାଲ୍ ବଲା ଯେ ଉହୁ କୋକା ଉହୁ କାକି ମୁଇଁ ଉଠିନା ପାରଇଁ ବଲା ବଳେ କୋକା କ,ଆରି କାକି କି ଚାଲ୍ ପଳାଉଁ ନାନୀ ନା ଉଠିଲା ବଲାୟ ହାର ପଳାଲାୟ ହେଟୁଁ ତାର ସାନ ଭଅଣୀକ୍ ଆରି ସାନ୍ ଭାୟୀକ୍ ଆସି ଲାୟ ଭାୟୀ କର ନାଁ ଟୁରା ଥାୟ ତଳେ ଦି ଭାଇ ଭଅଣି । ଦେଖ୍ ଗଲାୟ ବଳେ ତାକୟ ହିଁ । ଗୀତ ଗାଁୟୀଲା

ନୋନୀ ଯାଉଛି ନୋନୀ ଯାଉଛି
ଭାଲ୍‌କାଣ୍ ନାନୀ ଦେଖି ।
ମୁଇଁ ବ ନୋନୀ ମୁଇଁ ବ ନୋନୀ
ରାଇଝିଲିମିଲି ଗଛେ ।
ମୁଇଁ ବି ନୋନୀ ମୁଇଁ ବି ନୋନୀ
ରାଇଝିଲିମିଲି ଗଛେ ।
ବଲା ବେଳ ଠିଆ ହେଲାୟ ଆରୀ ଥରେ କାନ୍ଦିଲା
ଟୁରା ଯାଉଛି ଟୁରା ଯାଉଛି

ଭାଲ୍ କାଣ୍ ନୋନୀ ଦେଖି ।
ମୁଇଁ ବ ଟୁରା ମୁଇଁ ଟୁରା
ରାଇଝିଲିମିଲି ଗଛେ ।
ମୁଇଁ ବ ଟୁରା ମୁଇଁ ଟୁରା
ରାଇଝିଲିମିଲି ଗଛେ ।

ବଲା ବଳେ ଟୁରା ବଲା ଯେ ହିଁଟା ତା ନାନୀ ଢ଼ଙ୍ଗର କାନ୍ଦିଛି । ଚାଲ୍ ଦେଖୁଁ ବଲାପରାୟ ବଳେ ଦେଖିଲାୟ ଯେ ନେଗେଳ ହିକରି । ଗୋଟେ ଗଛଟାରେ ବସିଛି । ନାନୀ ଅଦର ନେଲୁଗାଟା ପିନ୍ଧ୍ ବଲା ହାର କିସକୟ ଇଠି କାନ୍ଦଶଷି ବଲାୟ ବଳେ ବଲା

ଯେ କିସ୍ କି ହଳ ଧରା କୟ ଭାତ ନି ଦେବେ ବଲାୟ ବଲେ ଆଣିଦେଥିଲି ଯେ ବାଟ୍‌ରେ ଗୋଟେ ଭାଲ୍ ଭେଟାଲି ଯେ ଭାଲ୍‌ଟା ସବୁ ମାଗଲା । ହାର ଘରକୟ ଗଲା ବଲା ବଲେ ଚାଲ୍ ଆମର ଶାଙ୍ଗେ ବଲ୍ ବଲାୟ ହାର ଡାକି ନେଲାୟ । ହେଟୁଁ ଘରେ ଯାଇ ବଲାୟ ଯେ ହିଁଟା ତୋମର ବଉନାଇଁ ଭାଲଟା ବଲାୟ ବଲେ । ହୋଁ ବଲାୟ ହେଟୁଁ ବଉଟାକୟ ପଚାରଲାୟ କେମତ୍ କରି ହିଁତି ହେଲା ବଲାୟ ବଲେ । ବଉଟା ସବୁକଥା କହିଦେଲା ହେଁ ବଲାୟ ହାର ବଡ ହୋଣ୍ଡାଟାରେ ପାଣି ତୋତାଲାୟଁ ହାର ଗଲାୟା ହେଟୁଁ ଉଠାଲାୟ ଉଠ୍‌ଉଠ୍ ଗାଧିପକା ବଲାୟଁ ବଲେ ମୁନାୟଁ ମୁନାୟଁ ମୁଇଁ ଉଠି ନା ପାରଇଁ ବଲା ବଲେ ପରାୟ ସବିଏ ଗଲାୟ ହାର ଟାଣିଟାଣି ଭାହାର କଲାଏ୍ ହାର୍ ତୋତିଲାପାଣିଣା ଢ଼ାଳି ଦେଲାୟ ବଲେ ଭାଲ୍ ବଲାଜାଣି ପାର୍‌ଲୋ ବ ଜାଣି ପାର୍‌ଲୋ ନାହେଲେ ଖାଇ ଦିତି ବଲା ହାର୍ ମଲା ମୋର ବଖାଣି ସରଲା ।

## ଶିଆଳ ଖେଳିଆଓ ବିଲେଟ୍ଟ ମଞ୍ଜୁର

ଦିନେ ଖେଳିଆ ଆଉ ଶିଆଳ ମେଚ ଡକନାଇଁ ମଞ୍ଜୁର କଇ । ମଞ୍ଜୁର ଆଶିଲା । ମଞ୍ଜୁର ଖେଳିଆ ସାଙ୍ଗେ ଖେଳିଲା ଯେ ଜିତିଲା । ମଞ୍ଜୁରକଇ ପୁରସ୍କାର ଦେନାଇଁ ଗୋଟେ ବଡ ଖାସୀ ଖେଳିଆ କହିଲା ଆମେ ସିନା ଏତେ ଟଙ୍କା ଦିକରି ଖାସୀ ଟାକଇ କିଣି ଥିଲାଇ ହେଲେ ଆମର କିଛି ଲାଭ ହେଲାନାହିଁ । କେମତି କଲେ ଉଧୁରୁବାଯାଉଁ ଯିବା ଖାସିଟାକଇ ମାରିବା । ଗନାଇଁ ଆଉ ଖାସୀଟାକଇ ପଟକରି ନେନାଇଁ ହେଠୁ ମାରୀ ଦେନାଇଁ । ଚୁପଚାପ କରୀ ଯେ ବାନ୍ଧିଥିଲା ସିଠି ରଖି ଦେନାଇଁ ।

ସକାଳେ ଗନାଇଁ ମଞ୍ଜୁରକଇ କହିଲାଇ ଶୁଣୁ ତୋର ଛେଳିଟାକଇ ଚରାଇ ନେମା, ମଞ୍ଜୁର ଦେଖିଲା ଯେ ମରୀସିନେ ମଞ୍ଜୁର କହିଲା ମରୀଛି ନେତା, ଚଲକାଟି ନେଉଁ ତାପରେ କାଟୀ ନେନାଇଁ । କାଟୀ ନେନାଇଁ ମଞ୍ଜୁର କଇ କହିନାଇ ଯା ତୁହିଁ ନିଆଁ, ହଳଦୀ, ତେଲ, ମସଲା ଆଣିବେ । ମଞ୍ଜୁର ଗଲା ଶିଆଳ କହିଲା ଆମେ କେମତ କଲେ ବେଶୀ ମାଉସ୍ ଖାଇବା । ନାହିଁ ଯା ତୁହିଁ ଲୁକାଇ ନେମେ ଶିଆଳ ଲୁକାଇ ନେଲା । ମଞ୍ଜୁରି ଆସିଲା ଶିଆଳ ବେଗି ଆଇ କି କେତେ ହଗସସ୍, ହଗିନାସାରୀ ଶିଆଳ ଆସିଲା କାଟୀ ସରନାଇଁ । ଖେଳିଆ କହିଲା ହାଣ୍ଡିକେ ଅଧା ରାନ୍ଧିକରୀ ଖାଇଲାଇ ଘରକଇ ନେନାଇଁ ମଞ୍ଜୁର କହିଲା

ପଇସା ଦିଅ ମଦ ଆଣିଯିବ ଆଉ ପିଇବା ମଜା ମସ୍ତକରୀବା ମଦ ଆଣିଲାଇ ରାନ୍ଧିଲା ଖାଇଲାଇ ତାପରେ ସକାଳେ ମାଂସଗାକଇ ରାନ୍ଧିକରୀ ଜଙ୍ଗଲକଇ ଗନାଇ କେତେ ଘ । ପରେ ଶିଆଳ କହିଲା ମକଇ ତା ଜୁର ବକକସି ଗଲେନେ ଖାବୀ । ଘରକଇ ଆସିଲାଇ ଭାତ ବାଢ଼ୀଲାଇ ଦେଖିଲା ଯେ ଶିଆଳର ମାଂସକେ ବିଲାଇ ଜଗି ଦିଛିନେ । ଖେଳିଆ କହିଲା ହେଠି ଆଜି ଗେନ୍ଧକ ପଡିଛି ଭଲକରୀ ଦେଖିନାଇଯେ ବିଲାଇ ହଗି ରହିଛି ହେତ୍ ହେତ ଶଳା ବିଲାଇ ରହ କାହିଁ ଯିବେ ଭାଜି ଥିଲାଇ ଗାକଇ ସିନା ଖାଇଦେଲା । ସି ଲୁକଇ ଥିଲା  ଖୁଗା ଯେ ଟାଲ ଆଣିଯିବା ଆଣି ଗନାଇଁ । ତାପରେ ତେଲ ମସଲା ହଳଦି ଲୁଣ ଯୁଗାଇନାଇଁ ସବୁ ମିଶିକରୀ ଢ଼ାଳି ଦେଲାଇଯେ ବିଲାଇ ଗୁ ହେତ୍ ହିଁ ସଳା ବିଲାଇ କେମତ କଲେ ମାରୀବା  ନାହି ଫାସି ଅଡିବା ଘରେ ମାଂସ ରଖି ଦେବା ବିଲାଇ ଆସିଯାକ ହେଠୁ ଖାଇଯାବେ । ଘର ବନାଇଁ କରୀ ଆସି ବିଲାଇ ଗଲା ହେଠୁ ଖାଇଦେଲା ମକର କରୀ ଦେଲା ଖେଳିଆ କହିଲା ଲାଗିଲା ବିଲାଇ ଟାଲ ଟାଲ । ଦେଖିଲାଇ ଯେ ମଂସ ଗାକଇ ଖାଇଦିକରୀ ପଳାଇସିନେ କିସକଲେ ବିଲାଇକୁ ମାରୀବା, ନାହିଁ ମାଂସକେ ଉଷଦେବା ହେଠୁ ଗୋଟେ ଗିନାକେ ଉଷଦେଲଇ ନିଜେ ମାରିବାକଇ ଅଲଗା ରଖି ଦେନାଇ । ବିଲାଇ ଆସିଲା ଦେଖିଲା ଯେ ଗୋଟେ ଗିନାକେ ଖାସି ଏଗାଜାଉଗା ଦିସନ୍ତି ଖୋଜିଲା ଯେ ପାଇଲା ହେଠୁ ଖାଇଲା ହେଠୁ ଉଷଦିଥିଲା ଗାକଇ ଏକାଠି ମିଶାଇ ଦେଲା । ହେଠୁ ପଳାଲା । ଦେଖିନାଇଯେ ଗିନାକେ ନାହିଁ ବିଲାଇ ଖାଇ ଦିସିନେ ବିଲାଇ ମରିଯାକ୍ ତାପରେ ରଖି ଥିନାଇଁ ମାଉଁସଗାକଇ ଆଣିନାଇଁ ଦେଖୁ ନାଇଯେ ଖାଇକରୀ ମିଶାଇ ଦିଛି । ଶଳା ବିଲାଇ କେମତ କଲେ ମାରୀବା, ନାଇଁ ମଞ୍ଜୁର ପାଖରେ ଗୋଟେ ବନ୍ଧୁକ ଆସି ଟାଲ ଯିବା । ଗନାଇଁ ଏ ମଞ୍ଜୁର ତୋର ବନ୍ଧୁକଟା ଦେ ଶିକାର କରିମୁ ତୋକଇ ହିଁ ଦେମୁ । ଅଣିନାଇଁ ଆଜି ବିଲାଇକଇ ମାରୀବା ତାପରେ ଗନାଇଁ ଯେ ବିଲାଇ ଦଳ ତଳି ଲୁଚିଛି । ହେଇଟା ବିଲାଇ ଶିଆଳ କହିଲା ମାର ମାର ଖେଳିଆ ବଇଲା ମାରୀ ଦେବୀ ତାପରେ ବନ୍ଧୁକ ଟାକଇ ଯେଁ ପାଖେ ଗୁଳି ବାହାରେ ସିଟା ତାର ଗୋଡ଼ରେ ରଖିକରୀ ସୁଇଜଗ ଜାଙ୍କିଦେଲା ସିଏ ଚିତ୍ରାଙ୍ଗ ହେଲା ଶିଆକହିଲା ଢୁଇଁତା ଉଠି ପଳାଶସ୍ ତାପରେ ଶିଆଳ ହିଁ ଯେ ବାଖେ ଗୁଳି ବାହରଇ ସିଟା ତାରଛାତୀରେ ଦିକରୀ ସୁଜ୍ଟା ଜାଙ୍କୀଦେଲା ସିଏ ହିଁ ଫଳକି ଫଳକି ମଲା । ତାପରେ

ବିଲେଇ ଖୁସିରେ ରହିଲା ।

## ବାପ ପୁଅର କାହାଣୀ

ଗଟେ ରାଇଜିରେ ଗଟେ ସାଦବ ବୁଢ଼ା ଥିଲା । ତାଙ୍କର ଗଟେ ପୁଅ ଥିଲା ଦିନେ କର କଥା ତାର ବୁଆ ଜଙ୍ଗଲକଇ ଯାଇଥିଲା । ପୁଅ କ ଘରେ ଥିଲା ଘରେ ବଳେ ଯଣେ ମାହାଜନ୍ ଆସିଲା ତାପରେ ତାର ପୁଅକୁ କହିଲା ତୋର ବୁଆ ମୋଠାରୁ ପା ହଜାର ଟଙ୍କା ଆଣିଛି । ମକଇ ଦେ ବେଶୀ ଦେଲା ତାପରେ ସିଏ ତାଠାରୁ ପଇସା ଦେଲା ତାପରେ ବୁଆ ଜଙ୍ଗଲରୁ ଆସିଲା । ପୁଅ କହିଲା ବୁଆ ତୁଇଁ ପରାଇଗଟେ ମହାଜନ୍ଠାରୁ ପା ହଜାରଟଙ୍କା ଆଣିଥିଲେ ଯେ ମୁଁ ଦିସଇଁନେ ବୋଲା ତାହାକଇ ପିଟି ପିଟି ଘରୁ ବାହାରକି ଦେଲା । ତାପରେ ସିଏ କେତେ ଦୂରଗଲା ତାପରେ ଗଟେ ଖେଳିଆ ପାଇଲା ତାହାକଇ ଦେଖିଲା ଓ ଗଟେ ଗାଁ କଇ ପ ୍ଲା ସେ ଗାଁରେ ଗଟେ ବୁଢ଼ୀଟିଏ ଥିଲା । ବୁଢ଼ି ଦେଖିଲା ଆରେପୁଅକେ ବାଟେ ଯାସଶ୍ ପୁଅଟା କହିଲା ମକଇ ଲାଗିଲାଇ ବଲିକରି ପଳାସଇଁ ବଢ଼ାଟା କହିଲା ଆଇପୁଅ ଆମଠି ରହିବେ ଏତିକି ବେଳେ ପୁଅ ଆସିଲା କହିଲା ବୁଆ ଖେଳିଆଟା ଆଣିସଇଁ ମାର୍ ଖାବା ବୋଲି କହିଲା ବୁଢ଼ା ଖେଳି ଆଟା ମାରିଲା ତାପରେ କାଟି ବାଛି କରି ଗୁଡଲା ଥିଲାତାର ପୁଅକଇ ସୁଶା ହାଡଳାନେ ଦିଥିଲା । ବୁଢ଼ା କହିଲା ଆଇ ପୁଅ ଭାତ୍ ଖାବେଲେ ବୋଲି କହିଲା । ମୁଁ ପଛେ ଖାବିନେ ଏତିକି ବେଳକଇ ତାର ପୁଅକ୍ ଦେଖିଲା ଯେ ସୁଶାକ୍ ହାଡ଼କା ତାପରେ ସେ ଭାଗଟା ରଖିଦେଲା ପୁଅକ୍ ଖାଇ ସାରିଲାପରେ ବୁଢ଼ା ଖାବାକଇ ଆସିଲା । ଖାଥିଲା ବଳେ ବେକ୍‌କେ ହାଡ ଖଣ୍ଡେଲାଗିଲା ବୁଢ଼ା ମଲା ପରେ ଯଣେ କର ବାଳିରେ ନିକରି ଠିଆ କରିଥିଲା । ଏତିକି ବଳେ ଜଣେ ମାହାଜନ ଆସିଲା ତାହାକଇ ପେଲେକାଇ ଦେଲା ବଳେ ମଲା ବୁଢ଼ାଟା ଉଣ୍ଡିପଳିଲା ତାର ପୁଅକ ଆସିଲା, କଇଲା ଏ ମହାଜନ୍ ମୋର ବୁଆକଇ କିଶ୍‌କଇ ମାରିଲେ ପା ହଜାର ଟଙ୍କାଦେ ନାହାଲେ ତକଇ ଥାନାରେ ଦେବିକହିଲା । ବକଇ ତାହାକଇ ପା ହଜାର ଟଙ୍କା ଦେଲା ସିଏ ପଳାଇମନ କଲାଯେ ଗଟେ ନାଳେ ଧବାଟା ଲୁଗା କାଚ ଝୁଲାତାର ସୁଆଟା ଜୁରେ ଯୋରୁ କାନ୍ଦଅଥିଲା ସେ ପିଲାଟା ଗଟେ ପାରୁଟି

ଦେଲା ଦେରାଇ ବଳେ କରି ହେଲା ଏତିକି ବକଇ କହିଲା ଯେ ଆର ଟକା କେଠାଣୁ ଆଣିଲେ ଯେ ମୋର ସୁଆଟା ଏତେ କାନ୍ଦଅ ଥିଲା । ଥିରହେଲା ମକଇ କୋହିଦେ ଖାଇଯିବି ଜୁରେ ବଖାସଇଁ ଟକାକହି ଦେଲା ବଳେଗଲା ଏତିକି ବଳେ ନିକ ନିକ କଂଥାକମଳ ବହି ପଳଲା ଆସିଲା ବକଇ ଦେଖିଲା ଯେ କଂଥା କମଳ ନାହିଁ । ନେ, ସିଏ ବୋସିକର କାନ୍ଦିଲା ଏତିକି ବଳେ ସେ ଟକାଗଟେ ବଳ ଗଛଟାଏ ଲୁଗାଳା ବାନ୍ଦିଦିକରି ଜୁଗିଦେଛି । କଂଥାକମଳା ଯେତେ ତଳେ ଗଦା ହିଛି । ଗଟେ ମାହାଜନ୍ ଆସିଲା କହିଲା ଯେ ଆରେ ଟକା ଏଟାତର୍ ଲୁଗା ମିସିନି ବଲା ବକଇ ଟକାଟା କହିଲା ହପରା ମୁଁଇଟାରେ ପେଟ୍ ପୁସୁଶଇ ମହାଜନ୍ କହିଲା ଆରେ ଭାଇ ଏଠା ବିକି କେବି ହଭାଇ ବିକି ଦେବି ମହାଜନ୍ କହିଲା କେତେ ଟଙ୍କାରେ ବିକିବେ ହିଁ ବକଇ କହିଲା ପା  ହଜାର ଟଙ୍କା ଦେବେଲ ଦେବି ମହାଜନ୍ ପା  ହଜାର ଟଙ୍କା ଦେଲା ପିଲାଟା ପଳାଇ ମନ କଲାଯେ ଭାଲୁଟା କଇ ପାଇଲା ଭାଲୁଟା କହିଲା କାହିଁ ଯାଇଥିଲେ ଯେ ହାଏ ଏତେ ରଗଡ଼ରେ ଯାସଇହିଁ ବାଟେ ପିଲା କହିଲା ତୁହିଁଲା ଯାହାସ୍ନହିଁ ଭାଏ ଉଇଖାଇ ଯାହାଶହିଁ । ପିଲାଟା ତାଙ୍କର ନିଜର ଘରକଇ ପହ ୍ଲା ମାମାଡାକିଲା ବଳେ ଆଜ୍ ନାହିଁ । କାଲ ନାହିଁ କିଏ ମାମା ବଲଛ ଏତିକି ବଳେ ଦେଖିଲା ଯେ ଆରେ ପୁଅ କେ ବାଟେ ଯାଇ ଥିଲେ ପୁଅକ ହିଲା ଯଦି ମକଇ ତୁମର ପୁଅ ବଲି କରି ନାଁଇନିସ୍ ଯେ ଗଟେ ଗଛକଇ ଉଠିକରି ପରେଟା ପକାଆ ଯଦି ପରେଟା ମୋର ଟିକି ପଳିଲେ ସତକଇ ତୁମର ପୁଅଥିବି ଏତିକିରେ ପକାଇ ଦେଲାବଳକଇ ମୁଣ୍ଡିରେ ପଳିଲା ବକଇ ତାଙ୍କର ନିଜର ପୁଅ ବୋଲି ଯାଣିଲା ।

## ବୁଢ଼ା ଓ ବୁଢ଼ୀର ଗପ

ଗୋଟେ ଗାଁରେ ବୁଢ଼ା ଏକ୍ ଥିଲା ସାଧବ ବୁଢ଼ା ତାର ବୁଢ଼ୀଟିଏ ଥାଏ ଦିନେ ବୁଢ଼ା ଜଙ୍ଗଲକି ଯାଇ କନ୍ଦା ଆଣିଲା ଆଣି ଦେଲା ବୁଢ଼ୀ କହିଲ ବୁଢ଼ୀ ଷୁକ ରସି କରି ଥିବ ମୁଁହି ଆସିଲେ ଖାଇବା ଏମିତି କେବେଦିନ ବିତି ଗଲା ଦିନେ ଚିଙ୍ଗୁଡିଟିଏ ତାର କନ୍ଦା ଖାଇଁ ଦେଲା ବୁଢ଼ା ଏହା ଦେଖି ରାଗି ଯାଇ ମନେ ମନେ ସ୍ଥିରକଲା ଆଜି ଦେବି କିଏ ଆସୁଛି

ସେଦିନ ଧରିବି । ଚିଙ୍ଗୁଡି ଆସିଲା ବୁଢ଼ା କବାଟ ପାଖରେ ଟିଆ ହୋଇଥିଲା ଚିଙ୍ଗୁଡିକୁ ଦେଖିଲା ବୁଢ଼ା ଗୋଟେ ପାହାର ପିଟିଲା ଚିଙ୍ଗୁଡି ମରିଲା । ବୁଢ଼ା ତାକୁ କୁଟା କୁଟୀ କରି ବୁଢ଼ିକୁ ନେକହିଲା ବୁଢ଼ୀ ଏମାଂସ ରାଦି ମୁଁହି ଆସିଲେ ଦିଇଜଣ ମିଶିକରି ଖାଇବା । ହେଲେ ବୁଢ଼ି ତାର ଖାଇବାକୁ ଇଛା ଥାଏ । ବୁଢ଼ୀ ଯେମିତିକି କରାଇରୁ ଖଣ୍ଡେ ଆଣିକାରୀ ସେମିତି ଆଉ ଖାଇବାର ଇଛା ହେଲା ଶେଷରେ ଖାଉ ଖାଉ ସବୁ ସରେଇ ଦେଲା ବୁଢ଼ା ପାଇଁ ଆଉ କଣ ଅଛି ଶେଷରେ ବୁଢ଼ୀ ନୀଜର ପିଚ୍ଚ ଖଣ୍ଡେ ମାଂସ କାଟି ରାନ୍ଧି ଦେଲା । ବୁଢ଼ୀ ଗାଧୋଇ ସାରି ଖାଇବ ସିଛି ଏତିକିରେ ବିଲେଇ ଟିଏ ଆସି କହିଲା ମିଆଁଉଁ ବୁଢ଼ୀ ଖାଇଲା ଚିଙ୍ଗୁଡି ମାଂସ ବୁଢ଼ା ଖାଇଲା ପିଚାର ମାଂସ ସତକି ମିଛ ଭାତ ବୁଢ଼ୀ ପାଖାକୁ ଯାଇ ଦେଲାନ ବୁଢ଼ୀ ଶୋଇଛି ବୁଢ଼ା ରାଗିଯାଇ ବୁଢ଼ା ଭାଗିଦେଲେ ଓ ନିଜ ଖୁସିରେ କାମ କରି ଆନନ୍ଦରେ ରହୁଥାଏ ।

## କର୍ମାପରବ କଥା

ସାଧବାଣୀ ବୁଢ଼ୀ ସାଧବ ବୁଢ଼ା । ସିଜାଇଲେ ଡାକୁ ଓହ୍ଲାଇଲେ । ତେଣିକି ଖାଇବାକୁ ଚାହିଁଲେ । ଖାଇନ ପାରିଲା ଓଲ ରହିଲା । ହେଲେ କି କରବା ବୁଢ଼ା ଆମ ଓଲ ରହିଗଲା ଯେମିତି ବେଉସା କରିବା । ସରିଗଲା । ପା  ଜଣ ଗାଁ ବଲା ଡାକିବା । ତାପରେ ଓଲ ଖାଇବା । ଖାଇଁ ସାରି କରି ଖେଳ ଖେଳିବା ଗୀତ ଗାଇବା । ଆମେ ଛୁଆମାନେ ଘରକୁ ଗଲେ ପରଣା ହେମୁଁ ।

ଏକ ବୁଢ଼ା କରମା କଲେ ବୁଢ଼ା
କି କରମା କଲେ
ସବୁ ଥିଲା ରସି ମଦ ତାଡି ଖାଲେ
ଏ ବୁଢ଼ା କି କରମା କଲେ ।

ଏ ବୁଢ଼ା କରମା କଲେ । ବୁଢ଼ା କରମା କଲେ ଜଗି ଥିଲା ମହୁଲ ମୂଳେ ସବୁ ଖାଇ ଦେଲେ ।

ମହୁଲ ପଡେ ଡୁମା ଡୁମା ବୁଢ଼ା
ଡେଙ୍ଗ କରିଥା କୁମା

ତହରି କୁମା ଠାରେ ଧାରିବ ଅଣ୍ଡା
ବୁଢ଼ା ଡେଙ୍ଗ କରିଥା କୁମା ।
ଜୁଆ ଜୁଆଲି ମୁଇଁ କରିଆଙ୍କ ଜୁଆରେ
ସେଇ ଜୁଆ ମୋର ଫଟା ଫାଟିଲା ଜୁଆ
ଡକ ମେଲିଲା
ଜୁଆ ଲହରି ଅଲିଲା । ସେପଟ ହେପଟ ଚାଲି ଗଲା
ଶୀତଳ ବଉଳ ମୂଳେ ଯାଇ ରହିଲା ।
ଜୁଆ ଜୁଆଲି ମୁଇଁ ସୋରିଷ ଟିକର ଜୁଆ
ଶୀତଳ ବଉଳ ମୂଳେ ଯାଇ ରହିଲା ।
ଜୁଆ ଜୁଆଲି ମୁଇଁ କୋଳଥ ଜୁଆ
ସେଇ ଜୁଆ ମୋର ଫଟା ଫାଟିଲା ମୋର
ଡକ ମେଲିଲା ହେ ।
ଡକ ମେଲିଲା
ବଉଳ ଶୀଳକ ମେଳେ ଯାଇ ରହିଲା ରେ
ଡକ ମେଲିଲା
ଜୁଆ ଜୁଆଲି ମୁଇଁ କତଳାଙ୍କ ଜୁଆରେ
ସେଇ ଜୁଆ ମୋର ଫଟା ଫାଟିଲା ଜୁଆ
ଡକ ମେଲିଲା ଜୁଆ
ଲହରି ଖେଳିଲା ରେ ଜୁଆ
ଶୀଳକ ବଉଳ ମୂଳେ ଯାଇ ରହିଲା ରେ
ଜୁଆ ଜୁଆଳି ମୁଇଁ ସୋରିଷଙ୍କ ଜୁଆରେ
ସେଇ ଜୁଆ ମୋର ଫଟା ଫାଟିସ ରେ
ଡକ ମେଲିଲା ମୋର
ଶୀତକ ବଉଳ ମୂଳେ ଯାଇ ରହିଲା ।

ଏକ୍ ଥିଲା ସାଧବ ବୁଢ଼ା ତା'ପର ସାଧବାଣି ବୁଢ଼ୀର ଛୁଆଟା ସକାଳ ସଞ୍ଜରେ କାନ୍ଧନ୍ତି କାନ୍ଦ ନାହିଁବ ଛୁଆ ମାନେ ରାତ୍ କାଳ ଦିନ କାଳ କାନ୍ଦି କାନ୍ଦିବ ନାହିଁ । ଆସିମାଇଁ ବାଘ କହିଲା କେମତ୍ ରାତକାଳଦିନ ଦେଖିବି ଚୁର୍ ଦୁଇ ଜଣ ଗାଈ ନେମାକଇ ଆସିଥିନାଇଁ ଏସଡୁ ଭାଇ ଭଲ ଭଲ ଗାଈଲାକଇ ନେବା ରେକେଳେ ରେକେଳେ ଗାଈକାକଇ ନା ନେମା ଜୁର ଧୁରୀ ଆକଇ ନେନାଇଁ ବାଟ୍‌ରେ ଦେଖିନାଇଁ ଯେ ବାଘଟା । ତକଇ ଆମେ ଛାଡି ଦେମୁ ନେମ ହେଲେ ନେଅ ନାନେମ ହେଲେ ନାହିଁ ଛାଡି ଦେବ ହେଲେ ଛାଡି ଦେଅ ନା ନେମ ହେଲେ ନାହିଁ ବାଘଟାର ବେକ୍‌ରେ ଠଳକା ବାନ୍ଧି ଦେନାଇଁ ତାପରେ ବାଟରେ ନେନାଇଁ ବଳେ ବାଟ୍‌ରେ ସକାଳ ପାହିଲା ପଛର ଚୁରଟା ଦେଖିଲା ସଡୁଭାଇ ପଛକଇ ଟିକେ ଅନା ଦେଖିଲା ହେ ବାଘଟା ତକଇ ଛାଡି ଦେମୁଁ ନେମ ହେଲେ ନେଅନା ନେମ ହେଲେ ନାହିଁ ତା ପରେ ତାକଇ ଛାଡି ଦେନାଇଁ ଗଟେ ସିଂହଟା ଜଙ୍ଗଲର ରାଜା ଥିଲା ରାଜାକହିଲା ଶିଆଳ କଇ ଯେତେ ଜଙ୍ଗଲରେ  ପଶୁମାନେ ସବିଏଁ ଆସ ପଶୁମାନେ ସଭିଏଁ ଆସିନାଇଁ ଗଟେ ବାଘଟା ଠଳକା ବାନ୍ଧି ହିକରି ଆସଥିଲା ଠଳକାଟା ଠଳ ଠଳ ଶବ୍ଦ ହେଲା ଦେଖ ଦେଖ କାହାର ବୁଢ଼ୀ ଗାଈ ଆସିଛି ଭଲ ସେ ଛେକ କର, ଖାଇବା ଦେଖିନାଇଁ ହୋ ଆମର ସାଙ୍ଗଟା ବକଇ କିଏ ବାନ୍ଧିଲା ଶିଆଳ କହିଲା ମକଇ ବାନ୍ଧିଥିଲେ ତା ରୀଟ୍ କରୀ ଚାବିଦେତି ଫକ୍ କରି ଡେଗି ଦେତି  । ତୋକଇ କିଏ ବାନ୍ଧିଲା ମୋକଇ ବାନ୍ଧିଥିଲେ ତା ରୀଟ୍ କରୀ ଚାବିଦେତି ଫକ୍କରି ଡେଗି ଦେତି ଗଛଟାଇ କୁଟି ହେଲା ଚୁର୍ ଦୁଇ ଜଣ ତଳେ ପଡିନାଇଁ ଶିଆଳ ଥିଲା ଯେ ବଡ ବଡ ମୁଣ୍ଡ ଦେଖିକରି କାଟ୍ ବଡ ବଡ ମୁଣ୍ଡ ଦେଖି କରୀ କାଟ୍ ବାଘଗା ଘଟ୍ କିନାଇଁ ଜୁର ଘଟ୍‌କିନାଇଁ । ଘଟ କିନାଏଁ ଯେ ବଡ଼ ପାହାଡ଼ରେ ପଥର କୋରଡ଼ରେ ଢୁକିନାଏଁ ଆର ବିଶ୍ରାମ କରି ସାରି ବିଚ୍ରର କରନାଏଁ । ଏ ଶଳା କଳା ମୁଣ୍ଡିଆ ଲକ୍ ଗା ବଡତ୍ ବୁଧିଆ, ଆମର ବାଘ, ଭାଲୁ, ହାତୀମାନେକେ ନେଇ କରି ବାନ୍ଧି କରି ନଚାସନ୍ତ୍ । ଆମେ ଆଉ ନାଇ ପାରିବା ।

## ଚାର

ଏକ୍ ଥିଲା ସାଦ୍ୱ ବୁଢ଼ା ତାର ପରାନ୍ଧୀ ସାତଟା ଝିଅ ଯେ ଯାହା ଖାଲେହିଁ ପରାନ୍ଧ ଖାବା କନ୍ଧ ନା ଦେଚ୍ଚ । ଦିନେ ପରାନ୍ଧୀ ତାର ବୁଢ଼ିଟାକନ୍ଧ କହିଲା ଯେ ଏ ବୁଢ଼ି ଆଜ୍

ଶୁଆଳା ଖଇସାର୍‌ଲେ ପିଠା ବାଟ୍ ବା ଆରି ଖାବା ବଲା ପରାୟୀ ବୁଢ଼ିଟା । ହଁ ବଲା ହେଟୁଁ ବାଟିଲାହାରା ପୁଳିଲା ବୁଢ଼ାଟାବଲା ଯେ ଏ ବୁଢ଼ି ଯା ଲୋଟାବେ ବଲାବଳେ ପରାୟୀ ବଡ ଶୁଆଟା ବଲାଏମା ମୁଇଁ ଲେଉଟାଇ ଦେବି ବଲା ହେଟୁଁ ଆରି ଥରେ ବୁଢ଼ାଟା ବୁଢ଼ିଟାକୟ କହିଲା ଯା ଅହ୍ଳାବେ ଆର କଟେ ଛୁଆଟା ପରାୟ ଉଠିକରି କହିଲା ଏମା ମୁଇଁ ଅହ୍ଳାବି ବଲା ହେଟୁଁ ଅହ୍ଳାବି ବଲା ହେଟୁଁ ଅହ୍ଲାଲା ପରାୟା ଟେଁ ସବିଏ ହିନ୍ତି ବଲାୟ ହାର୍ ହିନ୍ତିକରୀ ଖାଇଦେଲାୟା ହେଟୁଁ ଆର ଦିନ ବାପକ ପରାୟ ଚ୍ଚର ଖାଇ ଗଲା ବଡେ ଦୁରିଆ ଯେ ସିଟି ଜୁରେ ଆଲହି ପାଚିଥାଏ । ବୁଢ଼ା ପରାୟ ଯାହା ପାର୍‌ଲା ଖାଲା ହାର୍ ଦୁଇଁଟା ଆଣ୍‌ଲା ହେଟୁଁ ଛୁଆଳାକାୟ ଦେଲା ନେଅଁ ତା ଇଚ୍ଚର୍‌ଟା ଖାଇ ଦେଖ ବଡେ ସୁଆଧ୍ ଖାବଲେ ନିଛାଡି । ବଲା ହାଂର୍ ଛୁଆଳା ପରାୟ ହୋଁ ବଲାୟ ଯାଉଁ ଗଲାୟ ଯେ ଗଲାୟ ଯେ ଜବର ଦୁରିଆ ହେଟୁ ପହ ୍ଚିଲାୟ ହେଟୁଁ । ବୁଢ଼ା ପରାୟୀ ଉଠିଲା ହେଟୁଁ ଛଡି କୁଟିଏ ତୁମାଟାରେ ପାଣି ଭୟୀଥାତ୍ ଯେ ସି ପାଣିଣା ପରାୟ ସବୁପିଇ ଦେଲା । ହାଉଘର କୟ ପଳାଲା । ଛୁଆଳ ଯେ ଜୁରେ ଶୋଷା ଲାୟ ହାର୍ ଡାକିଲାୟ ଏ ବୁଆ ଏବୁଆ ବଲନ୍ତ୍ ବଳେ ପରାୟ ତୁମାଟା ବୁଦା ତଳେ ରଖ୍ ଦିଥାହ ପବନ ଦେଇ ବଳେ ଭୋଁ କରୟ ବଳେ । ହୋଁ ବୁଆ ଆଇଲା ନେ ବଲତା ହିଁତ ବରାୟ କେତେ ଘ । ଦେଖିଲାୟ ଯେ ନା ଆସିଲା ଶୋଷ୍‌ଟାରେ ଛୁଆଳ । ମଲାୟା ସାନ୍‌ଣା ମଲାୟ ଆରି ବଡ ଦୁଇଟାକ ରହିଲାୟ ହେଟୁଁ କାନ୍ଦିଲାୟ ହାର୍ ସାନ୍‌ଟା ବଲା ଯେ ଏନାନୀ ଦେଖ୍ ଯେ ବାଟେ କାଉ ଉଡଥିୟାକ୍ ସିବାଟେ ଘର୍ ଥିୟାକ୍ ଆରି ଯେ ବାଟେ ବଗ୍ ଉଡଥିୟାକ୍ ସିବାଟେ ପାଣି ଥିୟାକ୍ ବଲା ହେଟୁଁ । ଦେଖିଲା ଯେ କାଉ ଉଡଛତ୍ ଏନନୀ ହାୟ ଯେତା ଯେବାଟେ କାଉ ଉଡଛତ୍ ସିବାଟେ ପାଣି ଆଛିନାନୀ ଗଲ୍ ଯିବା ବଲା ହେଟୁଁ ଗଲାୟ ଯେ ରାଜାର୍ ବଗିଚ୍ଚ କୟ ପାଣି ପିଇବାକୟ ଗଲାୟ ବଳେ ପାଣି ଅ ିଲା ବଳେ ଥିର କରି ବସିଲାୟ ହେଟୁଁ ମନେ ଭାବିଲାୟ କିସ୍ କର୍‌ବା ବଲାୟା ହେଟୁଁ ବଡ୍ ନାନୀକ ଗୋଟେ ହିରା ମୁଦି ବନ୍ଧିଥାଏ । ତାର ସାନ ଭଣିକୟକି କହିଲା ଏନନୀ ଇମୁଦିଟା ଦେଇ ପାଣି ପିଇବା ବଲା ହାର୍ ଦେଲା ପରାୟ । ଦେଲା ବଳେ ପାଣି ପୁର୍‌ଲା ମନ୍ ଶାନ୍ତି କରି ପିଇଲାୟହାର୍ ଉଙ୍ଗୁଣି ଖୁ । ଖୁ ି ହେଲାୟ ହାର୍ ନାନୀକ ବଲା ଯେ ଏ ନନୀ ମୁଇଁ ମୋର ମୁନ୍ଦିଟା ଆଣି ଯିବି ବଲା । ହାର୍ ବନ୍ଧ ଭିତର କୟ ଡୁକିଲା ବଳେ ସାନ ଭଣକି

ଯେ କାନ୍ଦି କନ୍ଦି ଗୋଟେ ବଳ ଗଛଟାରେ ଉଠିକରି ଜୁର୍ କାନ୍ଦଥାଏ । ତଳେ ଯେ ରାଜା ଶୋଇଥାଏ କାନ୍ଧୁଁ କାନ୍ଧୁଁ ଆଖିର ପାଣି ରାଜାର ଦେଏକ୍ ପଳିଲା ବଳେରାଜା ବଲା ଯେ ଦେଖି ଦେଖି କିନାଇ କି ପାଣି ପକଲା ଚଳୟର ପାଣିଲେ ସିଠା ଲାଗିଆକ୍ ମୁତ୍ଶର୍ ପାଣିଲେ ମିଠା ଲାଗିଆକ ବଲା । ହେଟୁଁ ତାର ପସକେ ଗୋଟେ କଣାଟା ଥାଏ ଯେ ଗ୍ଟି ଦେଖିଲା ବଳେ ମିଠା ଲାଗ୍ଲା ବଲେ ରାଜା ବଲା ଏକଣା ଯା ଯା ଉଠ୍ବେ ବଳେ ପଳିଲେ ତର ଖଟ୍କେ ପଳିଲେ ମୋର ବଲା । ଦେଖିଲା ଯେ ଖଟ୍କେ ପଳିଲା ବଳେ ମୋର ବଲାରାଜା ହେଟୁଁ ଯାଆ ଯାଅ ଜଲ୍ଦେଇ ମାନେ ଢଲ ଟମକ ଆଣ ବାହାଘର କରିବା ବଲାୟ ବଳେ ଆଣିଲାୟ ହାର ବାହାଘର କଲାୟ ହାର୍ ନେଲାୟ ଘର୍କୟା ହେଟୁଁ ଗଲା କେତେ ଦିନ୍ ଗୋଟେ ପୁଅଟିଏ ହେଲା ରାଜାକୟ ଯାଇ ଜଳପେଇମାନେ କହିଲାୟ ଯେ ଏ ରାଜା ଏ ରାଜା ଦେଖିଲା କହିଁମୁଁ କି ଚାହିଁଲା କହିମୁ । ଦେଖିଲା କୋହ କିସ୍କି ରାଜା ତର୍ ପୁଅ ଖାଲି କେନ୍ଦୁ ଖୁ ।ଟା ରାଜା ବଲା ଯେ ଯାହା ବନ୍ଦ କାୟ ଫିଙ୍ଗି ନେଅଁ ବଲା ନେଲାୟ ଆରି ଫିଙ୍ଗି ଦେଲାୟ ହେଟୁଁ ଗୋଟେ ଗଲା ଆରି ଗୋଟେ ଝିଅ ଟିଏ ଜନମ୍ ହେଲା ବଳେ ସିଟାକୟ ହିଁ ପରାୟ ବନ୍ଦ କୟ ଫିଙ୍ଗି ଦେଲାୟ ବଡାୟକ ଆରି ଦୁଇଟା ଛୁଆ ଫୁଲ୍ ଫୁଟି ଥିଲାୟ ରାଜାର୍ ମୌଁଶାଳଟା ମଇଁଶ୍ ଚରାଇ ନିକରି ବନ୍ଦେ ଧୋଅ ଥିଲା ଧୋଉଁ ଧୋଉଁ ଫୁଲ୍ ଦେଖିଲା ହାର୍ ତଳିବାକୟ ଗଲାବଳେ ଗୋଟେ ଗୀତ୍ ଗାଁଇଲାୟ ।

ଭୁଲିରେ ଭୁଲି କିଏ
ତଳୟ ଫୁଲ ।
କପାରାଇଜର୍ ଲୁକ୍ ଆଇଚନ୍
ଦେବା କି ନଦେବା ଛାଡି ।
ସରଷ ମେଲାୟ ଡାଳ ପତର ପତର କେଟାୟ ଚେର୍
ଆମେ ଥାଉଁ ଥାଉଁ ଧାଉଁ ଗୋ
ବଡାୟ ମା ଯୋଗୟ ଘୁଡାଶାଳ୍ ।

ବଲା ବଳେ ମୌଁଶାଲ୍ଟା ଯାଇକରି ରାଜାକୟ କହିଦେଲା ବଳେ ରାଜା ରାଘିଲା

ହାର ଯାଅ ଯାଅ ଥାନରେ ଢୁକାଅ ବଲା ହେଟୁଁ ଆରି ଦିନେ ଛେଳ ଚରାୟ ନି ଥିଲା ଟେଳୟା ହିଁ ପରାୟ ଫୁଲ୍ ତଳ ବା କୟଗଲା କୟ କହିଲା ବଳେ ରାଜା ବଲା ମୋର ବାଦ୍‌ରେ ତା କିଛି କୁଟାନାଇଁ କେଚେରାନାଇଁ କେବାଟୁଁ ଫୁଲୁ ଫୁଟିଲା କଲାହାର ତାକୟ ହି ଧାନରେ ଦେଲା । ହାର୍ ସିଏ ମନେ ଭାବିଲା ଯେ ଫୁଲ ପୁଲ୍ ଫୁଟିଛି ଫୁଟିଛି ବଲାୟ ଦେଖିଯାଇଁ । ବଲାହାର ଦେଖିଲାଯେ କେଡେ ସୁନ୍ଦର ଫୁଟି ତଲ୍‌ବାକାୟ ଗଲା ବଳେ ଗୀତ ଗାଁଇଲାୟ ।

## ବାର ମାସି ଗୀତ

ପୁଷମାସେ ଯେଉଁ ଶର କାଣ୍ଡ ବିନ୍ଧୁଛନ୍ତି ରାବଣ ଶର
ପଡିଲା ସିତା ପାଖର
ମାଘରେ ପଡେ ଦଶମି
ପା   ଦିନେ ପଡେ ଶିରି ପ  ମି ସେ ମାସେ ମାଘ ପୁନମି
ଫଗୁଣରେ ଫଗୁ ଗୁଣ୍ଡ, ଶବୁ ପିଲାମାନେ ହୁଅନ୍ତି ରୁଣ୍ଡ
ମାଖୁ ଛନ୍ତି ଫଗୁ ଗୁଣ୍ଡ
ଚଇତରେ ପଣା ପାଣି ବାର ଦିନେ ପଡେ ଗଙ୍ଗା ବାରୁଣି
ଗୋନାସିକା ବୈତରଣି
ବୈଶାଖେ ଦୁତିୟ ଚାନ୍ଦ ତୃତୀୟ ବଲନ୍ତି ପରମାନନ୍ଦ
ମନକୁ ଲାଗେ ଆନନ୍ଦ
ଜ୍ୟୋଷ୍ଠରେ ଗୋଡା ଗୋଡି ରାମ ଚନ୍ଦ୍ର ଗଲେ ଭାଗୁଡି ଖେଳି
ସିତା ଯାତ କଲେ ଦୋଳି
ଆଶାଢେ ମେଘ ଘଡ ଘଡି ଜଗନ୍ନାଥ ଗଲେ ରଥରେ ଚଢ଼ି
ନିଅଦିନେ ଆସେ ବାହୁଡି
ଶ୍ରାବଣ ମାସିଆ ଘାସ ଗୁଜି ଜଙ୍ଗଲରେ କରନ୍ତି ଚାଷ
ଚିତ୍ର ହୁଏ ମିଶମାସ
ଭାଦ୍ରବରେ ଥଣ୍ଡାଦିନ ଗୋପାଳ ଗୌଉଡ ହରି ଜନମ

ନାମ ଦେଲେ ବୃନ୍ଦାବନ
ଆଶ୍ୱିନେ ଦେବି ଦଶରା ପାଣିର ମେଲାଣି ଦେବି ପଶୁରା
ଶୁଳିଆ ପଦାଯାତରା
କାର୍ିକେ ଧବଳେଶ୍ୱର ଉ  ରେ ଅଛନ୍ତି କୁଶଳେଶ୍ୱର
ଦୁଃଖ ଉଦ୍ଧାରିବେ ମର
ମାର୍ଗଶିର ହେଲେ ଶେଷ ଘରେ ଘରେ ଲକ୍ଷ୍ମୀ କରନ୍ତି ବାଷ
ଏ ଗୀତ ହଇଲା ଶେଷ
ବାରମାସି ଗୀତ ହୋଇଲା ଶେଷ
ବଣା ହୋଇଥିବ କିଷ
ନୁଆଁ ହାଣ୍ଡି ଖଣ ଖାଣ ବାର ମାସି ଗିତ ହେଲା ସଂପୁର୍ଣ୍ଣ
ଶୁଣୁଛନ୍ତି ପା   ଜଣ

## ରାଜା ରାଣୀ ଗୀତ

କଳି ଯୁଗେ ଜଗନ୍ନାଥ ଶୁଣ ଶବା ଜନେ ଗାଉଛି ଗୀତ
କୃଷ୍ଣ ଚରି ଭାଗବତ ଶୁଣ ଶବାଜନେ ଗାଉଛି ଗିତ
କଂସଲା କଲେ ଭଗାରୀ
କି ଖାଇ ବ ୍ବା ବନ ସୁନ୍ଦରୀ
କାଂସଲା ଭଣଜ୍ଞା ହୋଇ ନେଇ ଗୋପପୁରେ
ଚରଲେ ଗାଇ ବନରେ ବଂଶୀ ବଜାଇ
ରାଜା ମନେ ବିଚାରିଲା ଛତା ବାଡିଧରି ପଳାଇଲା
ଶଡକ ଧାରେ ବସିଗଲା
ଶଡକରେ ଲାଲ ମାଟି ଆଗରେ ଅଛନ୍ତ
ଈଶ୍ୱର ପାର୍ବାତୀ ରାଜାକୁ ଫେରାଇଛନ୍ତି
ସେ ରାଜା ଫେରି ଆଶିଲେ ଶତ୍ୟ ଆମ୍ବଫଳ ତୁଳି ଆଣିଲେ
ରାଣିକୁ ନେଇ ଭେଟିଲେ

ରାଣି ଯେ ଗଲେ ଗାଧୋଇ ପଲଙ୍ଗ ଉପରେ ଫଳ କାଟଇ
କନିଆଁକୁ ଫାଳେ ଦେଇ
ରାଣି ଦଶମାସ ହେଲେ ଦଶମାସେ ରାଣି ଗର୍ବେ ଧରିଲେ
ରାମକୃଷ୍ଣ ଜନ୍ମ ହେଲେ
ରାମକୁ ଦିନି ପନ୍ଦର ରାମ ଖେଳୁଛନ୍ତି ବଡ ଦାଣ୍ଡର
ସଙ୍ଗରେ ଲକ୍ଷ୍ମଣ ବିର
କାଗଜ ପତର କେରି ରାମ ଖେଳୁଛନ୍ତି ବାଟୁଳା ଧରି
ଦେଖିଲେ ପଡିବ ଟଳି
ନଦି ଜଳେ କିନ କିନ ସାନ ରାଣି ଧରିରେ ଗଲେନି ବନ
ତିଳେ ନାହିଁ ତାଙ୍କ ଜ୍ଞାନ
ବାଟ କାଟି କାଟି ଗଲେ ସେଘୋର ବନକୁ ଯାଇ ମିଳିଲେ
ରାଣି କି ଶୋଷ କରିଲେ
ଆହାରେ ରଜା ମହର ଶୁସ କଲା ଜଳଦିଅ ଏଥର
ଶୁସରେ ହେଲି କାତର
ଆହାରେ ପର୍ବତ ମାଳ କେତେବାଘ ଭାଲୁ ଗଣ୍ଡା ଗୟଳ
କାହୁଁ ଆଣିଦେବି ଜଳ
ହୁଁ କଲା ଚାଲି ଗଲା ଜଳ ଆଣିବାକୁ ଗୁବନ ଗଲା
ବୃକ୍ଷ ମୂଳେ ଠାବ କଲା
ଶିଆଳି ପତର ଚଉତି କଲା
ହସ୍ତ ଫେଡି ଲୁହ ନେଲା
ଆହାରେ ରାଣି ମୋ ହର ଆଣି ଦେଲି ଜଳ ପିଅ ଏଥର
ଶୁଶ ମରିଯିବ ତୋର
ନଦି ଜଳ ଖିନ ଖିନ କି ଜଳଆଣିଛ ରକତ ବନ
ପିଇବାକୁ ନାହିଁ ମନ
ଆହାରେ ରାଣି ମହର ତାଙ୍କ କୁଅ ପାଣି ହିଞ୍ଜୁଳତଳ

ପଡିଛି ଗଛ ପତର
ଖନ୍ଦି ମାଟି ଦଶଦାଶ ପିଇ ଦେଲି ପାଣି ମରିଲା ଶୁଶ
ଚ୍ଚଲ ରଜା ବାଟ କାଟ
ବାଟ କାଟି କାଟି ଗଲେ ସେ ଘୋର ରବନରେ ଯାଇ ମିଳିଲେ
ରାଣିକୁ ଭୁକ କରିଲେ
ଆହାରେ ରାଜା ମହର ଭୋକକଲା ଫଳ ଦିଅ ଏଥର
ଭୋକରେ ହେଲି କାତୁର
ହୁଁ କଲା ଚାଲିଗଲା ଫଳ ଆଣିବାକୁ ଗୁବନ କଲା
ବୃକ୍ଷ ମୁଳେ ଠାବହେଲା
ଶିଆଳି ପତର ବିଛାଇ ଦେଲା ଜଙ୍ଗରୁ ଫାଳେ କାଟିଲା
ଆହାର ରାଣି ମୋହର ମୃଗ ମାଂସ ଭଜଣାକର
ଭୁକମରିଯିବ ତୋର
ମୁଁଇ ମୃଗ ମାଂସ ଭାଜିବି ନାହିଁ ମୋର ଦେହ ଶୁଖ ନାହିଁ
ବାଳି ବାଇଗଣ ଭେଜି ଆଛା ତବେ ରାଣି ମୁଁ ଦେବି ଭାଜି
ଖାଇ ପରା ଦେବା ଆଜି
ଡାଇକି ତତାଣିର ଭଜା କଲା ଭାଗ ଭାଗ କରି
ଛଅ ଭାଗ କଲା ରାଣିକୁ ଖାଅ ବଇଲା
ଜଡା ତେଲ ବେଲେ ବେଲେ ଜଳର ମେଲାଣି
ଜଳରେ ଦେଲେ ।

## ଛଅ ଭାଇ ଗୋଟେ ଭଉଣୀ

ଏକ୍‌ଥିଲା ସାଦ୍‌ବ ବୁଢ଼ା ତାର ଛଅଟା ପୁଅ ଆର ଗୋଟେ ଝିଅ । ସବୁଦିନେ ଜଙ୍ଗଲ କାୟଁ ପାରଦି ଯାନ୍ତ ଦିନେ ଝିଅଟା ଶାଗ୍ କାଟୁ କାଟୁ କାଟି ହେଲା  ରକତ ବାହାରଲା । କହିଁକେ ଦେବି ବଲା । ମାଟ୍‌କେ ଦେଲେ ମାଟ୍ ଖାୟା ଖୁ  । କେ ଦେଲେ ଖୁ  । ଖାୟା, ହିନ୍ତ ବଲା ହାର ଶାଗ୍‌କେ ଦେଲୋ । ତାର ଭାଇ ମାନଙ୍କ ପରଦିରୁ ଆସିଲାୟ ଭାତ

ଖାଲାୟ ଯେ ଶାଗ୍‌ଳ । ଜୁରୁ ମିଠା ଲାଗିଲା, ବଳେ ତାର ଭଉଣୀ କାୟ ପଚାରିଲାୟ । ନନି ଆଜି୍ କାହାର ତୁ ଶୁଣ ଆଣିଥିଲୁ ଯେ ଜୁର୍ ସେ ମିଠା ଲାଗ୍‌ଛି । ତାଙ୍କର ଭଉଣୀ କହିଲା ୟ ଯେ କାହକିଘରୁଁ ଆଣିଥିଲି । ଝିଅଟାର ଭାଇକି କାକି କରଟି ପଚ୍‌ରାଇ ଗଲା । କାକି କରଟି କାକି ତମରୁଠୁ ନନି ନୁଁଣ୍ ନିଥିଲା କି ? କାକି କହିଲା ଯେ ନାହିଁ ତା ଆମରଠୁ ନା ନେଇଁ ତା ବଲା ଆ ଥରେ କହିଲା ଭଉଁଣ କୟ ନନି ସତ କଥା କଉ । ହେଠୁ ଭଉଣିକ କହିଲଶା ଯେ ଶାଗ କାଟୁ କାଟୁ କାଟି ହେଲି ଯେ କାହିଁକେ ଦେବିକହିଲି । ଶାଗେ କେ ମିଶାଇ ଦେଲି ବଲି କହିଲା, ହେଠୁ ତାଙ୍କ ଛଅ ଭାଇ ବିଚାର ହେଲାୟ ତାର ରକତଟା ବଢ୍ଢେ ସୁଆଦ୍ ଲାଗିଲା । ତାର ମାଉଁସୁ ଟା ଆରି ମିଠା ଲାଗ ଥିୟା ବଲି କହିଲାୟ ହେଲେ ଆଜି୍ ପିଠା କୁଟିବେ ବଲି କହିଲାୟ ପିଠା କୁଟି ନେଲା । ପିଠା କୁଟିକରି ଆଣିଲା ତା ପରେ ଭାଇକିମାନେ କହିଲା ଯେ ନନି ଚେଉଟ୍ ତା ନାହିଁ । ପତର ଆଣିଯିବା, ପତର ପିଠା କରବା, ତାପରେ ଆଣିଗଲାୟ ଗଟେ ଶରଗି ଗଛଟା କୟ ସଭିଏଁ ଉଠିଲାୟ ଯେ କେହିନା ପାର୍‌ଲାୟ । ତାର ଭଉଣୀ କୟ ଉଠା କର୍‌ଲାୟ । ସିଏ ଉଠିଲା ଯେ ପୁରା ଅଗି କୟ ହେଠୁ ବିନ୍ଧିବା କାୟ ଆରମ୍ଭ କଲାୟ । ଫାଷ୍ଟ ବଡ ଭାଇକ ବିନ୍ଧିଲା ।

ଭାଇ - ଗଲା ଗଲାରେ ନନି ତଶରସର କାନ୍
ଭୁକେ ବାଜୁ ଶର୍ଗେ ଉଠୁ ତଶରସର କାନ୍
ଭଉଣୀ - ଆସୁ ଆସୁରେ ଭାଇ ତଶରସର କାନ୍
ଭୁକେ ବାଜୁ ଶର୍ଗେ ଉଡୁ ତଶରସର କାନ୍
ଭାଇ- ଗଲା ଗଲାରେ ନନୀ ତଶରସର କାନ୍
ଭୁକେ ବାଜୁ ଶର୍ଗେ ଉଡୁ ତଶରସ କାନ୍
ଭଉଣୀ - ଆସୁ ଆସୁ ଭାଇ ତଶରସର କାନ୍
ଭୁକେ ବାଜୁ ଶର୍ଗେ ଉଡୁ ତଶରସର କାନ୍ ।

ଛନ୍ତି ଛଅ ଜଣଯାକ ବିନ୍ଧିଲାୟ ଯେ କେହି ନା ବିନ୍ଧି ପାରଲାୟ । ଲାଷ୍ଟେ ଟୁରା ସମସ୍ତଙ୍କରଠୁ ସାନ୍ ସିଏ ବିନ୍ଧିଲା । ଯେ ତଲ୍ କୟ ଝଲ୍‌ଲା । ଆରି ଘର କୟ ଭୁଇଁ ନେବା କୟ ଯିଏ ନାଭୁର ନେଲା । ଟୁରାକୟ ଭୁଇଁ ଆଣିଥାୟ ଲୁଗାଟା ଧଳା ଥିଲା, ହେଲେ

ରକତ ହିଥାୟ ଯେ ଟୁରା ଭାଇକି ମାନ୍‌କେ କହନ୍ତ ଯେ ଯା ଇ ଲୁଗାଟା ଧଳା କରି କି ଆଣବେ ନା ହେଲେ ନାଆସବେ । ବଲନ୍ତ ଯାୟ ହାର୍ ବସ କରି କାନ୍ଦ ଥାୟ ଦୁଇଟା ବଗ୍ ଉଡିଉଡି ଯାଥାନ୍ତ । ଟୁରା କି ଦେଖନ୍ତି, କିସ୍ କୟ ଟୁରା କାନ୍ଦଛସି ? ଭାଇ ହାରେ ଇ ଲୁଗା ଧଳା କରବେ ଦେ ବିଛା ଲୁଗା ହଗି ଦେନ୍ତ, ବେଳେ ଧଳା ହେୟ, ଶୁଖାଇ ବସୟ । ମାଛ ଆରି କଙ୍କଡା ଧରାୟ ଭାଇ ହାରେ ମାଉଁସୁ ଖାବାୟ ବଳେ, ମାଛ କଙ୍କଡା ଖାବି, ମୁଇଁ । ଘରକୟ ଯାୟ ପାଣି ଅଣା କରନ୍ତ କଣାଁ ମାଠିଆ ଯାରେ ପାଣି ବୁଢ଼ା ବଳୟ ବେଙ୍ଗ ଟା ମର୍ଞ୍ଜି କଣାଁଟାୟ ଛେଙ୍କେ ହେବ ମଠିଆଟା ପାଣିନେୟ ଘରେ ଦେୟ ଭାତ ରାନ୍ଧନ୍ତ, ମାଉଁସ ରାନ୍ଧନ୍ତି, ସାରି କରି ବାଟ ଲାୟ ତାଙ୍କେ ମାଉଁସୁ ଖାନ୍ତ ଟୁରା ମାଛେ ଖାୟ, ତାଙ୍କେ ହାଡେ କାନ୍ତେ, ବଳେ ଟୁରା କଙ୍କଳା ଖାୟ । ତାର ଭାଗର ମାଉଁସ ନେଲା ବେଣୁଆଁ କୟ ବେଣୁଆଁ ଟାରେ ଢପି ଦେଲା । ଆଜ୍ ଆସି ଗଜା ହିଥିବେ ଯେ ପତର ପାଲେ ଥିବେ । କାଲ କି ଆସିବି ଲହ ଥିବେ । ଗଲା ଯେ ଲହ ହିଥିଲା । କାଲ୍‌କି ଆସିବି କତ ହିଥିବେ । ଗଲା ଯେ କଢ଼ି ହିଥିଲା । କାଲ୍‌କି ଫୁଲଟା କୟ ଟୁରା ତୋଳିବା କୟ ବଳେ ।

ପତ୍ରର ନ ତୋଳିବେ ଟୁରା, ଜାଳ ନ ଭାଙ୍ଗିବେ
ହାତ ଛିଡି ଯିବ ଟୁରା ନ ଭାଙ୍ଗିବେ
କଳସ ପୁରାୟ ତୋଳ, କାନ୍ ପୁରା ପିନ୍ଧ ।
ମଲ୍ ନ ଭାଙ୍ଗିବେ ଟୁରା ଗୁଡ଼ ଭାଙ୍ଗିଯିବ ।
ପତ୍ର ନ ତୁଳିବେ ଟୁରା ହାତଛିଡି ଯିବ ।
ଘର କୟ ଯାୟ ହେଲା କାହିଁରି ଫୁଲ ପିନ୍ଧିଲେ
ଟୁରା ବଲ୍ କରି କହନ୍ତ ଟୁରା କୟ । ତୁମେ ତା
ଭଉଁଣି ମର କୟ ଖାଲ ବଲୟ ତୁମେ ମାଉଁସ ଖାଉ
ବେଳେ ମୁଇଁ ମାଛ ଖାଏଁ, ତୁମେ ହାଡ୍ ଖାଅ ବଳେ
ମୁଇଁ କଙ୍କଡା କାଏଁ ବଲି କରି କହିଲା ଦିଥିଲ
ଭାଗେଟା ନ କରି ବେଣୁଆ କେ ଦେଲି ବଲି
କରି କହଲା, ମର କଥାଣି ସରଲା ।

ବୁଢ଼ି ବାଇଁଗଣ ମରଲା ।

## ଛେଳିଆ ଟୋକା

ଗୋଟେ ଗାଁରେ ବୁଢ଼ୀଟିଏ ଓ ତାର ପୁଅ ରହଥିଲା । ପୁଅକ ସବୁଦିନ ଜଙ୍ଗଲକୁ ଯାଏ । ଦିନେ ଛେଳି ଚରାଇବାକୁ ନେଇଥିଲା । ସି ମିତିର ସବୁଦିନ ଛେଳି ଚରାଇ ବାକୁ ନେଥିଲା । ଜଙ୍ଗଲରେ ଗୋଟେ ଅସୁରଣୀ ବୁଢ଼ୀକୁ ପାଇଲା । ଅସୁରଣୀ ବୁଢ଼ୀ କହିଲା, ଏ ଟକା କାହିଁଯା ସସ ? ଛେଳିଆ ଟୋକା କହିଲା ଛେଳି ଚରାଇ ନେସଇଁ । ଛେଳିଆ ଟୋକା ମାତାର ଦିନେ ମଣ୍ଡା ପିଠା କରି ଥାଏ । ମଣ୍ଡା ପିଠାଧରି ଛେଳିଆ ଟୋକା ଜଙ୍ଗଲ ଛେଳି ଚରାଇବାକୁ ନେଇଥିଲା । ଛେଳିଆ ଟୋକା ଗଛରେ ଚଢ଼ି ତା'ର ପିଠା ଖାଇଲା । ଏତିକି ସମୟରେ ବୁଢ଼ୀ ଅସୁରଣୀ ଆସି ପହ ୍ଲା । ଏଟକା ଦେତେ ଗଟେଖାଇଁ ନାହିଁ ଦେଇଁ ବୋଲି ଛେଳିଆ ଟୋକା ଉ  ର ଦେଲା । ହେତେ ଦିନରୁ ଭୋକ୍ ଲାଗସି ଦେ ଗଟେ ଖାଇଁ । ବୁଢ଼ୀ ବିକଳ ହେଇ ଛେଳିଆ ଟୋକ ମଣ୍ଡା ପିଠା ଧରେଇ ଦେଲା ଧରେ ଇବା ସମୟରେ ବୁଢ଼ୀ ଛେଳିଆ ଟୋକାକେ ଧେରି ନେଇଗଲା । ଯାଉ ଯାଉ ବାଟରେ ତାକୁ ଝାଡା ହେଲା । ବୁଢ଼ୀ ରଖିଦେଇ ଝାଡା ଯିବା ସମୟରେ ଛେଳିଆ ଟୋକା ବାହାରି ତା ଭିତରେ କ  । କୁଟା କାଠି ପୂରାଇ ଦେଲା । ଛେଳିଆ ଟୋକା ତାଙ୍କର ଘରକି ଗଲା । ଆରଦିନ ପୁଣି ସେଇଟିକି ଆସିଲା । ଛେଳିଆ ଟୋକା କାଲି ଚାଲକ୍ ପାଇଛି । ବୁଢ଼ୀର ଚାଲକ୍ ବୁଝି ପାରିଲା । ଏଟକା ପା   ଦିନ ହେଲାନେ ମୁହିଁ କିଛି ନାଁଖାଇ ଦେ ଗଟେ ଖାଇ ଦେଖଇଁ । ବୁଢ଼ୀର ଚାଲକ୍ ବୁଝି ସାରି ଥିଲେବି ସେ ଧରେଇ ଦେଲା । ବୁଢ଼ୀ ଅସୁରଣୀ ଧରି ନେଇଗଲା କହିଲା କାଲର ଭାଇ ମୁକୁଳି ଥିଲେଯେ ଆଜ୍ ନା ସାଡଇଁ । ଘରକଇ ତା ନମେ ଏ ନାତୁଣି ନେ ଆଜ୍ ଆଣିସଇ କାଲର୍ ମୁକୁଳି ଥିଲା । ନେ କାଟି କୁଟାକରି ଭାଜି ଥିବେ ମୁହିଁ ଗାଧି ଯାସଇଁ ନେ ହାତକେ ଧାରି କାଟିକୁଟା କରି ରାନ୍ଧି ଦିଥିବୁ ନାତୁଣି ଫିଟେଇ ଦେଖିଲା ଯେ ଗୋଟିଏ ଛେଳିଆ ଟୋକା ଅଛି । ଛେଳିଆ କହିଲା ନନୀ ତୋର ଗା,ପିନ୍ଧି ଦେଖଇଁ । ନାତୁଣୀ ସବୁ ଜିନିଷ ଦେଇ ଦେଲା । ପିଲା ପିନ୍ଧି ଝିଅବେଶ ସାଜିଗଲା । ତାପରେ ନାତୁଣୀକୁ ମାରି ଦେଇ ଭାଜି ଦେଇଥିଲା ଅସୁରଣୀ ବୁଢ଼ୀ ଆସି କହିଲା ନାତୁଣି - ଦେଖାଇଁ ଭୋକ୍ ଲାଗସି ବାଢ଼ି ଦେଇ ସେ ଘରକୁ ପଶିଲା । ଏଆଇ

ତୁହିଁ କେ ଦିନେ ପରିବେ ? ଏ ନାତୁଣି ମୁହିଁ ବେଗେନା ମରଇଁ । ମର ମୁଣ୍ଡରେ ଗଟେ ଧଳା ଚୁଟି ଆସି ହିଁ ଚୁଟି ଟାରେ ମୋର ଜୀବନଟା ଆସି । ଆଣ ଉଖୁଣି ଖୁ ି ଦେବି । ନେ ଖୁ ିଦେ ମୁଣ୍ଡଟା କଣ୍ଡାସି ଖୁ ି ଦେଉ ଦେଉ ଛେଲିଆ ଟୋକା ଚୁଟି ଟି ଘାଚି ଦେଲା ଓ ଅସୁରଣୀ ବୁଢ଼ୀ ମରିଗଲା । ଛେଲିଆ ଟୋକା ତାର ଘରକୁ ଫେରିଗଲା । ବହାସାହା ହୋଇ ଘରେ ରହିଲା । ଘରେ ଅସୁରୁଣୀ ବୁଢ଼ୀର ସମସ୍ତ କଥାଳା ସବ୍‌କଏ କହିଲା ଆର ଅସୁର ଅସୁରୁଣୀମାନେ ଆମର ବହୁତ କ୍ଷେତି କରନ୍ତି । ସିଠାଣୁ ଆମର ମଣିଷ ସମାଜ ଆଜି ପରିଯନ୍ତ ମାଁ ଦୁର୍ଗା ମହାପୁ ପୂଜା, ଗହ୍ମା ପରବ ପାଳନ କରିସନ୍ତି, ଅସୁରମାନଙ୍କୁ ନିପାତ କରି ବିଜୟ ହିସନ୍ତ ବୋଲି କରି । ଅସୁର ମଣିଷ ଭିତରେ ଲଢ଼େଇ କେନ୍ ଆଗର କାଳର କଥା ହେଲେ ହିଁ ଆଜି ପରିଯନ୍ତ ସମାଜରେ ଏଇ ପ୍ରଥା ଚ଼ଲିସି । ହିଁ ଲାଗି, ଦଶର ଓଷା, ଖେତେଳିଆ, ଅବଶରା ଶବରା ବିଶ୍ରି ଓଷା ଆଦି ପର୍ବ ପାଳନ କରାଯାଉଛି ।ଏଥର ଗହ୍ମା ଡ଼ିଆଁ ବା ଗହ୍ମା ପର୍ବରେ ଅସୁରମାନଙ୍କ ଠାରୁ ରାକ୍ଷା ପାଇବା କଇ ଇସବୁ ଯାତ୍‌ତ୍ରା ପୁନି, ପୂଜା ପରବ ପାଳନ କରିବାର ବିଧି ଆସି ।

## ଗଡି ଗଡି ଯାଏ ଲାଉ ଧୁଲୁକି

ଗଟେ ଗାଁରେ ଜଣେ ବୁଢ଼ୀ ଥିଲା ତାର ଗୋଟେ ବଲୀ ଝିଅ ସିଏ ତାର ଆଁଖି ସିଏ ଝିଅକଇ କୁଟିଏ ନାଦେଖିଲେ ରହି ପାରଇ ନାହିଁ । ଝିଅର ବାହାହେବା ବଇସ ହେବାରୁ ବାହା କରଇଲା । ଝିଅଟାକଇ ବାହା ସିନା କରି ଦିସି ହେଲେ ମନେ କରୁଥାଏ ଝିଅପାସରେ କେତେ ଦିନ ପସେ ଝିଅ ତାରକଇ ଦେଖି ବାକଇ ବାହାରି ପଡିଲା ବୁଢ଼ୀ । ଖଣ୍ଡେ ବାଡି ଧରି ଚାଳିଲା । ବାଟରେ ପଡିଲା ମେରୁ ପାହାର ଜଙ୍ଗଲ ଟିଏ । ସେଇ ଜଙ୍ଗଲଟା ପଳାଇସାର ଲେ ତା ଝିଅଘର । ଏହି ଟାଇମରେ କେଣ୍ଡାର କେଁଆଡଁ ସୁଣସ ଖିଆ ବାଘ ଟିଏ ଆସି ତାର ବାଟକେ ଜଗିଲା । କାହିଁ ଯାଆସଷି ଖଣ୍ଡେଇ ବୁଢ଼ୀ ତକଇ ଆଜି ମୁଁ ଜଳଖିଆ କରିଦେବି । ବାଘର କଥା ଶୁଣି ବୁଢ଼ୀର କଲିଜା ପାଣି । ସତ୍‌କର ବାଘଟା ଅଖଣତା ଖାଇ ଦେବାକ୍ ବଲି ଭାବିଲା । ବୁଢ଼ୀ ବାଘଟାକଇ ନେହୁରା ହୋଇ କହିଲା ଜଙ୍ଗଲ ପଳାଇ ସାରିଲେ ମୋର ଝିଅ ଘର । ମୁଁ କୁଟିଏ ମର ଝିଅକଇ ଦେଖି ଆସଇ ମୁଁଇ ଆସିଲେ ଖାଇବୁ । ମରବାଟ ଅନାଇଁ ବସିଥିବୁ । ବାଘ କହିଲା ହଁ ଜା ଜଦି ତୁ

ଏବାଟରେ ନାଆସିବେ ହେଲେ ତର ଘରେ ଜାଇ କରି ତକଇ ଖାଇବି ବଢ଼ୀ ବାଘ ମୁଁହରୁ ସୁଣି ଝିଅ ଘରକଇ ଗଲା । ଝିଅ ଘରେ ମାସେ କେତେ ରହିଲା, ଝିକଇ ସବୁକଥା କହି ଦେଲା । ଝିଅ ଘରକୁ ଯାଇ ମେରୁ ପାହାର ଲାଉ ଟିଏ ତୁଳି କରି ଆଣିଲା ଚିକଣ କରି କାଟି ଲାଉ ଭିତରଟା ପକାଇ କରି ବୁଢ଼ୀକୁ ବ ୀ କରୀଦେଲା । ଲାଉ ର ଚାରିପଟେ ସିଲାଇ କରି ଦେଲା । ଲାଉଟିକୁ ଗଡାଇ ଦେଲା ଲାଉଟି ଗଡି ଗଡି ଜାଇ ଜଙ୍ଗଲରେ ପହ ୍ ଜାଇସି ବାଘ ଲାଉଟାକଇ ଦେଖି କହିଲା ଲାଉ ଧୁଲୁକି, ଲାଉଧୁଳିକି ଦେଖିସକି ଏକ ବୁଢ଼ିକି । ଲାଉ କହିଲା କେଜାଣେ ବୁଢ଼ୀ ଫୁଡି ମୁଇଁ ଜାଣିନାହିଁ । ଜାଆସଇଁ ଗଡି ଗଡି ବାଘଟା ବୁଢ଼ୀ ଟାକଇ ଖାବାକଇ ଜଗିଥିଲା ହେଲେ ବାଘ ଲାଉ ଖାଏନାହିଁ ।

## ସତୀକନ୍ୟା ଗପ

ଗୋଟେ ଗାଁରେ ବୁଢ଼ୀଟା ଥିଲା । ତାର ଗୋଟେ ପୁଅ ଥିଲା ସେ କହିଲା ମୁଇଁ ସତୀ କନ୍ୟା ଟିକି ଯିବି ବୋଲି ବୁଢ଼ୀଟା କଇ କହିଲା ତୁଇ ନାଇଁ ଯା କେତେ କେତେ ରାଜାଳାକଇ ମାରସି । ନାଇଁ ମା ମୁଇଁ ଯିବି । ଗୋଟେ ତୁଳସି ଗସଟିଏ ଲଗାଇଥାଇଁ ମୁଇଁ ମରି ଗଲେ ତଳସି ଗସ ଟାବି ମରିଯିବ ଆଇ ତାକଇ ଲୁଟିଏ ଲୁଟିଏ ପାଣି ଦେବ । ସେଳି, ଉଇ, ଟେଙ୍କୁ, କ୍ଷୀରନେଇ ଗଲା ଅଧା ବାଟରେ ଗୋଟେ ବାଘଟା ସେଙ୍କିଲା ।

ତୁମକୁ ବଲିବି ବାଘଗୋ ବଲେ ଶୁଣତ
ବାଟ ପନ୍ଥ ମୋର ଛାଡଗୋ ବଲେ ଶୁଣତ
ତୁମକୁ ଆଣିସି ଆହାର ବଲେ ଶୁଣତ ।
ସତୀକନ୍ୟା ଟିକି ଯିବି ଗୋ ବଲେ ଶୁଣତ ।
ରେଡି ମାଡି ବାହା ହୋବି ଗୋ ବୋଲେ ଶୁଣତ ।
କେତେ କେତେ ରାଜା ମାରିସି ବଲେ ଶୁଣତ ।
ବାଟ ପନ୍ଥ ମୋର ସାଡଗୋ ବଲେ ଶୁଣତ ।
ସତୀକନ୍ୟା ଟିକି ଯିବିଗୋ ବଲେ ଶୁଣତ ।
ରେଡି ମାଡି ବାହା ହୋଇବି ଗୋ ବଲେ ଶୁଣତ ।
ତୁମକୁ ବୋଲିବି କୁକୁଡା ବୋଲେ ଶୁଣତ ।
ବାଟ ପନ୍ଥ ମୋର ସାଡଗୋ ବଲେ ଶୁଣତ ।
ସତୀକନ୍ୟା ଟିକି ଯିବିଗୋ ବଲେ ଶୁଣତ ।
ରେଡି ମାଡି ବାହା ହୋଇବି ଗୋବଲେ ଶୁଣତ ।

କେତେ କେତେ ରାଜା ମାରସି ବଲେ ଶୁଣତ ।
ତୁମ୍ଭକୁ ବୋଲିବି ନଦୀଗୋ ବଲେ ଶୁଣତ ।
ବାଟ ପନ୍ଥ ମୋର ସାଡଗୋ ବୋଲେ ଶୁଣତ ।
ସତୀକନ୍ୟା ଟିକେ ଯିବି ଗୋ ବଲେ ଶୁଣତ ।
ରେଡି ମାଡି ବାହା ହେଇବି ବଲେ ଶୁଣତ ।
କେତେ କେତେ ରାଜା ମାରିସି ଗୋ ବଲେ ଶୁଣତ ।

ତାକଇ କ୍ଷୀର କୁଟିଏ ପକାଇ ଦେଲା । ପାଣିଟା ଅ ି ଲା ସିଏତା ମାଉଁସୀ ଘରକଇ ଗଲା ।
କହିଲା ମାଉଁସି ଗୋ ମାଉଁସି କିସ୍ କରସସ୍
ବୁଢ଼ିଟା କହିଲା । କେବେହିଁ ତା ଦିନେ ହେଲେ ମକଇ କେହି ମାଉସୀ ନା ଡାକନ୍ତ । ଆଜି କିଏ ଡାକସି ବୋଲି ମକଇ କହିଲା । ହିଁ ବଳେ ତାର ମାଉଁସୀକ୍ ଘରକଇ ଯିଆକ୍ ବଲି ମକଇ ତାର ମାଆକ କହିଲା । ହିଁ ଲାଗି ତା ମୁଇଁ ଆସିଲି । କିସ୍‌ଟା କରସସ୍ ମାଉଁସି ମୁଇଁ ଫୁଲ ଗନ୍ଥୁ ସଇଁ । ମୁଇଁ ଗୋଟିଏ ଫୁଲ ଗନ୍ଥି ଦେବି କି । ସେଠାଣୁ ତୁଇ ଗୋଟେ ଗନ୍ଥୁ । ସେଠୁ ଫୁଲ ଗୋଟେ  ସିନା ଗୋଟେ କରି ଗନ୍ଥିଲା । କହିଲା ମାଉଁସି ତୁଇ ଏଟା ସତୀକନ୍ୟା କଇ ଦେବେ ହଁ କହିଲା ଫୁଲ ବିକି ନେଲା କହିଲା ଫୁଲ କିଣରେ ଫୁଲ କିଣ ଆରେଫୁଲ ବିକାଣି ବୁଢ଼ୀ ଆଣ ଦେଖିବା ସେଠା କଇ ନେ ସତୀକନ୍ୟା ଦେଖିଲା କହିଲା ଏ ଫୁଲଟା କିଏ ଗନ୍ଥିସି ଏ ଫୁଲଟା ମୁଇଁ ଗନ୍ଥିସି ତୁଇଁତା ଏଡେ ସୁନ୍ଦର ଫୁଲଟିଏ ଗନ୍ଥିଲେ । କହିଲା ତୁଇଁ ଗନ୍ଥି ନାହିଁ । ନାଇଁ ମୁଇଁ ଏଇ ଫୁଲଟା ଗନ୍ଥିସଇଁ । ଫୁଲ ବିକାଳି ବୁଢ଼ୀ ଘରକଇ ନେଲା । କହିଲା ମାଉଁସି ଗୋ ଫୁଲଟା ରଖିଲା କି ! ସେଠାଣୁ ମୁଇଁ ଆଜି ଗୋଟେ ଦେସଇଁ । ହିମିତି କରି ଫୁଲଟିଏ ଗୁନ୍ଥିଦେଲା । ସେଠାଣୁ ଆରି ଥରେ ଫୁଲ ବିକାଣି ବୁଢ଼ୀ ଫୁଲ ବିକି ନେଲା କହିଲା ଫୁଲ କିଣରେ । ଏବାଟେ ଆଣ ଦେଖଇଁ ଆଜି ହିଁ କେଡେ ସୁନ୍ଦର ଫୁଲ ଗନ୍ଥିସସ୍ । ତୁଇ ଇ ଫୁଲଲା ଗନ୍ଥି ନାହିଁ ହଁ ଗୋଟେ ଟୋକି ଆସିସି ମୋର ଘରକଇ ସିଏ କହିଲା ମୁଇଁ ତାକଇ ମକର ବସିବି ବୋଲି କହିଲା । ହିଁ ବଳେ ଫୁଲଟା ଗନ୍ଥିସି ତାକଇ ଡାକି ଆଣିଦେ ମାଉଁସି ହଁ କାଲିକି ଡାକି ଆଣିବି, କହିଲା । ସେଠାଣୁ ଆରିଦିନେ ଆସିଲା ତାଙ୍କର ଘରକଇ ଗଲେ ସେମାନେ ଦୁଇଜଣ ଗାଧି ଗଲେ ଟୋକିଟା ଗାଧି ଗଲା ନଦୀକଇ ଟୋକାଟା ଯେଉଁଠି ବସିଥାଏ । କହିଲା ଆସ ଗାଧିମା ମକଇତା ହଗାଲାଗସି ମୁଇଁ ହଗିଯିବି ହଁ ହନ୍ତଲେ ତୁମେ ଯାଅ ସେଠୁ ବୁଲା ବୁଲି କରି ଆସିଲା ମକର ତୁମେ ନା ଗାଧି ମୁଇଁ ନା ଗାଧଇଁ ଚାଲ ହନ୍ତଲେ ଘରକଇ ଯିବା । ଘରକଇ ଯାଇକରି ଏକାଠି ଭାତ ଖାଇନାଇଁ । ସେଠାଣୁ ମକର ବସିନାଇଁ । ସେଠାଣୁ ରାତ ହେଲା ବଲେ ଦୁଇଜଣ ଯାକ ଏକାଠି ଶୁଇନାଇଁ । ରାତିରେ ତାଙ୍କର ଘରେ ଯାହା ସାମାନ ଟୋକିଟା କହିଲା ତୁମ୍ଭର ବାଟେ ବି ଟୋକିଲା ଦେଖିଲା ଯେ ସବୁ ଲୁଗାଲା

ଖୁଲି ଦି କରି ବିଡି ପିଅସି । ଟୋକୋଟା କହିଲା ଚୋର ପସିଲା ବଲି ଡାକ ଦେଲା ସେଠାଣୁ
ସୁଭିଏଁ ଦେଖି ଆସିଲେ ହେଠାରୁ ତାର ଶଶୁର ଗିନ୍ତ ଗାଇଲା ।
ସେଠାଣୁ କିସ କର ପାରିଲେ ନାହିଁ । ଟୋକାଟା ଓ ଟୋକିଟା କଇ ଘର
କଇ ନେନାଇଁ । ଗଲେ ଯେ ଗଲେ ଅଧାବାଟକଇ ହୋଇଥାନ୍ତ ଗୋଟେ
କଉଟା କଇ ପାଇନାଇଁ । ଟୋକାଟା କହିଲା ଏ କାଉ ଯାତା ମୋର
ମାଆ କୋଇ କହି ଦେବେ । କାଉଟା ଯାଇକରି କହିଲା କା............କା.......
କା ପୁଅ ବହୁତର ଆସିନାଇନେ । ହଳଦୀ ଗୁଣ୍ଡ ତୋର ବାଟିଥା । ଶଳା  କାଉ ମୋର
ପୁଅ ବହୂ ମରି ସନ୍ତନେ ବଳେ ତାକଇ ଦବଡଲା ।
କାଉଟା ଯାଇକରି କହିଦେଲା ମକଇ ତା ପୁଅ ବହୂ ମରିସନ୍ତନେ
ବୋଲି ପିଟିବାକଇ ଦବଡାଇ ଆଣିଲା । ସେଠାଣୁ ଆଉଥରେ ଗଲା
ଯେ ଗଲେ ସେଳିଆ ଟୋକାକଇ ପାଇନାଇଁ ଏ ସେଳିଆ ଟୋକା ଯାତ
ମୋର ମାଆକଇ କହି ଦେବେ ହିଁ ବଳେ ସେଳିଆ ଟୋକା ଯାଇକରି
କହିଦେଲା । ତୋର ପୁଅ ବହୂ ଆସିନାଇଁ ନେ ହଳଦୀ ଗୁଣ୍ଡ ବାଟିଥା ।
ମୋର ପୁଅ ବହୂ ମରି ଯାଇସନ୍ତନେ ବାଟ୍‌ରେ ଆସନ୍ତ ଆଇଦେଖିବଲେ
ହିଁ ବଳେ ଦେଖିକରି ହଇବ ହୋଇ ବଲି କହିଲା ତାର ଘର କଇ ଯାଇକରି
ହଳଦୀ ଗୁଣ୍ଡ ବାଟିଲା ସେଠାଣୁ ଡାକିଆଣି ବାହାକରି ଦେଲା ।

## ସାଇ ରାଇ ଓ ଗୋଟେ ଟୋକିର ଗପର ଅଧା

ସେଠାଣୁ ଗୋଟେ କାନରେ ଗୋଟେ ଗୋଟେ ଫୁଲ ପିନ୍ଧିଲା ଘରକଇ ଗଲା । ତାଙ୍କର ଭାଇମାନେ କଇନାଇଁ ଏ ଟୁରା କେନଠାଣୁ ଫୁଲ ଆଣିସସ୍ । ଟୁରା କହିଲା ଏଳାତ ବାଟରେ ପଳିଥିଲା । କୁଳାଇ ଆଣିସଇଁ । ସେଠାଣୁ ଦିନେ ଗୋଟେ ରାଜା ଆସି କହିଲା କେଁଠାଣୁ ଗୋଟେ ବଡ ସୁନ୍ଦର ବାସ୍‌ସି ଦେଖିଲା ଯେ ଗୋଟେ ଫୁଲ ଫୁଟି କେଡେ ଆଲୋ ଦିଶସି । ସେଠାଣୁ ଢାକଇ ମୂଳରୁ କାଢ଼ି ନେଲା । ସେଠାଣୁ ଗୋଟେ ମୁଠୁଣି ଦେଲା ଯେ ଏକାଠି ସଠି ହେଲା । ଆରିଥରେ ମୁଠୁଣି ଦେଲା ଯେ ଦୁଳ ଦୁଳ ଉଠି ବସିଲା । ରହ ମୋର ନିଦ୍ରା କିଏ ଭାଙ୍ଗିଥିଲା । ସେଠାଣୁ ଆରିଦିନେ ଟୁରା ଆସି କହିଲା ମୋର ଫୁଲ ଗସ୍‌ଟା କିଏ ନେଲା । ସେଠୁ ରାଜା ଫୁଲ ଗୋଟେ ପତର ଗୋଟେ ବାଟରେ ପକାଇ ପକାଇ ନେଲା । ତାକଇ ଦେଖିଲା ଯେ ରାଜା ତାକଇ ରାଜାକଇ କହିଲା ମୁଇଁ ନା ଆଣି ବୋଲି ଟୁରାକଇ କହିଲା ତୁଇ ଆଣିସୁ । ସେଠାଣୁ ଟୁରା କହିଲା ମୁଇଁ ଘରକଇ ଯିବି କହିଲା । ସେଠାଣୁ ସଅ ଭାଇ କହିଲେ ତୁଇ କେଁଠାଣୁ ଚାଉଳ ଆର ଡାଲ ଆଣିସସ୍ । ଟୁରା କହିଲା ଇ ବାଟରେ ପଡିଥିଲା ଏଳାକଇ ବାଟରୁ କୁଳାଇ ଆଣିସଇଁ । ସଅଭାଇ

କହିଲେ ଆଜି ତାର ସାନ ଭାଇକଇ ଜୁହାର କରିନାଇଁ । ସେଠୁ ବସିବା ପାଇଁ ବିସାଇ ଦେନାଇଁ । ସଅ ଭାଇମାନକଇ ବାହରେ ବସାଇ ଦେନାଇଁ ଟୁରା କଇ ଭିତରେ ଭାତ ଦେନାଇଁ । ଟୁରାକଇ ଶୁଖା ଭାତ ମାଇଁଶ ତୁଣ ଦେନାଇଁ । ସଅଭାଇ ମାନକଇ ବାସିଭାତ ଖାବା କଇ ଦେନାଇଁ । ସେଠାଣୁ ଟୁରାକଇ କହିନାଇଁ ଏଟୁରା ତକଇ କେମତ ଭାତ ଦେନାଇଁ । ନାଇଁ ମକଇ ସୁଆଁ ଭାତ ଆର ମାଇଁଶ ତୁଣ ଦେନାଇଁ । ଟୁତା କହିଲା ତମେ ତାନାନୀ କଇ ଖାଇଥିଲ ମୁଇଁ ତାନା ଖାଇ । ହେତ ପାଇଁ ତୁମକଇ ହିବଳେ ବାସିଭାତ ତୁଣ ଆର ଶାଗ ଦେନାଇଁ ।

## ସାତ ଭାଇ ଓ ଗୋଟେ ଟୋକିର ଗପ

ଏକ ଥିଲା ସାଧବ ବୁଢ଼ା । ତାଙ୍କର ସାତଟା ପୁଅ ଥିନାଇଁ । ତାଙ୍କର ଗୋଟେ ଟୋକି ଥିଲା । ସାତଟା ଯାକର ପୁଅ ହଳ ଧରି ଗନାଇଁ ତାଙ୍କର ଟୋକିଟା ଭାତ ରାନ୍ଧିସାରି ଶାଗ ତୋଳି ଆଣି କାଟୁଥିଲା କାଟି ହେଉଁ ହେଉଁ ହାତକେ କାଟି ଦେଲା । କେନ୍‌ଡି ଦେବି ବୋଲି କହିଲା ଟାଙ୍ଗରରେ ଦେଲେ ଟାଙ୍ଗର ଖାଇବ ମାଟିରେ ଦେଲେ ମାଟି ଖାଇବ ଏକା ସାଙ୍ଗରେ ଶାଗକେ ମିଶାଇଁ ବୋଲି କହିଲା । ସାତଟା ଯାକର ଟୋକା ଖାଇବାକଇ ଆସିନାଇଁ । ଭାତ ଖାଇବାକଇ ଦେଲା ସେମାନେ ଭାତ ଖାଇନାଇଁ । ନିନୀ ତୁଇଁ ଆଜକେଁ ଠାଣୁ ଲୁଣ ଆଣିସୁ ବୋଲି କହିନାଇଁ । ଆମର ଠାଣୁ ନାଇ ଆଣି କାହାଠାଣୁ ଆଣିସୁ । ନାଇଁ ଶାଗ କାଟୁ ଥିଲି ଯେ କାଟୁ କାଟୁ କାଟି ହେଲି । ସେଠାଣୁ କହିଲି କେନ୍‌ଡି ଦେବି ଟାଙ୍ଗରେ ଦେଲେ ଟାଙ୍ଗର ଖାଇବ ମାଟିରେ ଦେଲେ ମାଟି ଖାଇବ ବୋଲି କହିଲି । ହିଁ ବଳେ ଏକା ସାଙ୍ଗରେ ଶାଗରେ ମିଶାଇ ଦେଁ ବଲି କହିଲି । ସେଠାଣୁ କହିଲେ ଅହ ତାର ରକତ କେତେ ମିଠା । ମାଇଶ ଖାଇଲେ କେମନ୍ତ ମିଠା ଲାଗଇ ସେଠାଣୁ ଆରଦିନ କହିନାଇଁ ଏ ନନୀ ଚାଲ ଶିଆଳ ପତର ତଳି ଯିବା ବଲି କହିନାଇଁ । ସେଠାଣୁ ଗଲେ ଯେ ଗଲେ ବଡ ଜଙ୍ଗଲ କଇ ଗଲେ । ସଭିଏଁ ଗସ୍ ଉଠି ପାରିଲେ ନାହିଁ । ସେଠାଣୁ କହିନାଇଁ ଏ ନନୀ ଯା ତୁଇ ଉଠିବୁ ହଁ କହିଲା ହାର ଉଠିଲା । କହିଲା ସେଠାଣୁ ଉଠିକରି ପକାଇଦେଲା । ପକାଇଦେଲା ବଳେ ସେଠାଣୁ କହିଲା ଏ ନନୀ ତୁଇ କେନାରେ ବସିଥା ଆମେ ବିନ୍ଧି
ଦେଖୁଁ ପାରମୁଁ କେନାଇଁ ବିନ୍ଧିବାକୁ ଆଣିସି । ମୋତେ ବିନ୍ଧ ।

**ଗୀତ**

ଗଲା ଗଲାରେ ନନୀ ତପଶତର କାନ ଭୁକେ ବାଜୁ ସର୍ଗେ ଉଡୁ ତପଶତର କାନ
ଆସୁ ଆସୁରେ ନନ ମପଣତର କାନ ଭୁକେ ବାଜୁ ସର୍ଗେ ଉଡୁ ମପଣତର କାନ ।

ସଭିଏଁ ଜାକର ଗାଇଲେ ବିନ୍ଧିଲେ କେହି ବିନ୍ଧି ପାରିଲେ ନାହିଁ । କହିଲେ ସଭିଏଁ
କେହି ପାରିଲେ ନାହିଁ । ତାର ସାନ ଭାଇ ଟୁରା ଥିଲା କହିଲେ ଏ ଟୁରା
ତୁଇଁ ନେ ବିନ୍ଧି ଦେଖ୍ ତୁଇ ପାରସୁ କି ନାହିଁ । ତୁଇଁ ନା ବିନ୍ଧି ଜାଣିଲେ
ଦେଖିବୁ ତକଇ ବିନ୍ଧି ଦେବି କାନ୍ଦି କାନ୍ଦି ଗଲା ଟୁରା ।
ଗଲା ଗଲାରେ ନନୀ ତପଣତର କାନ ଭୂକେ ବାଜୁ ସର୍ଗେ ଉଡୁ ତପଣତର କାନ ।
ଆସୁ ଆସୁରେ ଭାଇ ତପଣତର କାନ ଭୂକେ ବାଜୁ ସର୍ଗେ ଉଡୁ ତପଣତର କାନ ।
ସେଠାଣୁ ବିନ୍ଧି ଦେଲା ବେଳେ ତଳକଇ ପଡିଲା ଚାଲ ନିକରି ଯିବା ନଦୀ
କଇନେ କେହି ନାହିଁ ବଲି କହିନାହିଁ ଏ ଟୁରା ଚାଲ ତୁଇଁ ନେ ନାଲେ
ତକଇ ପଟିମୁ । ସେଠାଣୁ ଟୁରା ବହିକରି ନେଲା ଯେ ନାଲା ନଦୀକଇ
ନେଲା ସେଠାଣୁ ରଖିଲା ସଅ ଭାଇ କହିନାଇଁ ଏଟୁରା ଯା ତୁଇ ପାଣି
ଆଣି ଯିବେ ହଁ ବଇଲା ସେ ପାଣି ଆଣି ଗଲା ବଳେ ଗୋଟେ ବେଙ୍ଗଟା
ଆସିଲା ହାର କହିଲା ଏ ଟୁରା ତୁଇ ଭଉଣୀ ତର ମାଇଁଶ ନାଇଁ ଖାଇବୁ ।
ତୁଇମାସ କଙ୍କାଳ ଧରି କରି ନେବେ । ତୁଇଁ ପୁଡାଇବେ । ସେମାନେ ମାଇଁଶ
ଖାଇଲେ ତୁଇ ମାସ ଖାଇବୁ । ସେମାନେ ହାଡ ଖାଇଲେ ତୁଇ କଙ୍କଳା ଖାବେ ବୋଲି
ବେଙ୍ଗଟା କହିକରି ଗଲା । ସେଠାଣୁ ଟୁରା ହଁ କହିଲା ମାସ କଙ୍କାଳ ଧରି ନେଲା
ସେମାନେ ମାଇସ ଖାଇନାଇଁ ବଳେ ସିଏ ମାସ ଖାଇଲା
ସେମାନେ ହାଡ ଖାଇନାଇଁ ବଳେ ସିଏ କଙ୍କଳା
ଖାଇଲା । ସେଠାଣୁ କହିନାଇଁ ଏଟୁରା ଖାଅ ତୁମେଖାଅ ମୁଇଁ ପସେ
ଖାଇବିନେ । ସେଠାଣୁ ଖାଇସାରି କରି ଘରକଇ ଗନାଇଁ ଯେ ଅଧା
ବାଟକେ ଟୁରା କହିଲା ମୁଇଁ ମୋର କାନଟା ସାଡି ପଳାଲି । ସେଠୁ ଯାଆ
ଆଣି ଯିବେ ବୋଲି କହିଲା । ସିଏ ଆସି ତାର ଭାଗଟା ହାର ଖାଇ ଥିଲା
ହାଡଟା ଏକାଠି କରି ଠୁଳ କରିଲା ଗୋଟେ ବେଣୁଆଟାରେ ଢ଼ାଳି ଦେଲା
ହାର କହିଲା କାଲିକି ଆସିଆର ଯେ ଗଜା ହୋଇଥିବେ । ତାର ଆର ଦିନ
ଆସିବି ଯେ ବଡ ହି କରି ଫୁଲ ଫୁଟି ଆଲୋ ହେଇଥିବେ । ସେଠାଣୁ
ହେଠାଣୁ ଗୋଟେ ଫୁଲ ତଳଇଁ କହିଲା ବଳେ ଫୁଲ ଗସଟା ଗିନ୍ତ
ଗାଇଲା ।
ପତ୍ର ନ ତୁଳିବୁ ଟୁରା ହାତ ଛିଣ୍ଡି ଯିବ ।
ଡାଇନ ଭାଙ୍ଗିବୁ ଟୁରା ବାହା ଛିଣ୍ଡି ଯିବ ।
ସେଠାଣୁ ଗୋଟେ କାନରେ ଗୋଟେ ଗୋଟେ ଫୁଲ ପିନ୍ଧିଲା ଘରକଇ
ଗଲା । ତାଙ୍କର ଭାଇମାନେ କଇନାଇଁ ଏ ଟୁରା କେନଠାଣୁ ଫୁଲ ଆଣିସସ୍ ।

ଟୁରା କହିଲା ଏଳାତ ବାଟରେ ପଳିଥିଲା । କୁଳାଇ ଆଣିସଇଁ । ସେଠାଣୁ
ଦିନେ ଗୋଟେ ରାଜା ଆସି କହିଲା କେଁଠାଣୁ ଗୋଟେ ବଡ ସୁନ୍ଦର ବାସ୍ସି
ଦେଖିଲା ଯେ ଗୋଟେ ଫୁଲ ଫୁଟି କେଡେ ଆଲୋ ଦିଶସି । ସେଠାଣୁ
ତାକଇ ମୂଳରୁ କାଢ଼ି ନେଲା । ସେଠାଣୁ ଗୋଟେ ମୁଠୁଣି ଦେଲା ଯେ
ଏକାଠି ସଠି ହେଲା । ଆରିଥରେ ମୁଠୁଣି ଦେଲା ଯେ ଦୁଳ ଦୁଳ ଉଠି
ବସିଲା । ରହ ମୋର ନିଦ୍ରା କିଏ ଭାଙ୍ଗିଥିଲା ସେଠାଣୁ ଆରିଦିନେ ଟୁରା
ଆସି କହିଲା ମୋର ଫୁଲ ଗସ୍ଟା କିଏ ନେଲା । ସେଠୁ ରାଜା ଫୁଲ
ଗୋଟେ ପତର ଗୋଟେ ବାଟରେ ପକାଇ ପକାଇ ନେଲା ।ତାକଇ
ଦେଖିଲା ଯେ ରାଜା ତାକଇ କହିଲା ଏ ରାଜା ତୁଇ ମୋର
ଫୁଲଟା ଆଣିସସ୍ କି ନାଇଁ । ହଁ ବଳେ ରାଜା କହିଲା ମୁଇଁ ନା ଆଣି
ବୋଲି ଟୁରାକଇ କହିଲା ତୁଇ ଆଣିସୁ । ସେଠାଣୁ ରାଜା କହିଲା ହଁ ମୁଇଁ
ଆଣିସଇଁ । ସେଠୁ ଡାକିନି କରି ଖାବାକଇ ଦେଲା । ସେଠାଣୁ ଟୁରା କହିଲା
ମୁଇଁ ଘରକଇ ଯିବି କହିଲା । ସେଠାଣୁ ଟୁରା କଇ ଚାଉଳ, ଡାଲ ଦେଲା
ସିଏ ନି କରି ଗଲା । ସେଠାଣୁ ସଅ ଭାଇ କହିଲେ ତୁଇ କେଁଠାଣୁ ଚାଉଳ
ଆର ଡାଲ ଆଣିସସ୍ । ଟୁରା କହିଲା ଇ ବାଟରେ ପଡିଥିଲା ଏଳାକଇ
ବାଟରୁ କୁଳାଇ ଆଣିସଇଁ । ସଅଭାଇ କହିଲେ ଆଜି ତାର ସାଙ୍ଗେ ପସେ
ପସେ ଯିବା ତାର ଭଉଣୀ ଘର କଇ ଗଲେ ତାର ସାନ ଭାଇକଇ ଜୁହାର
କରନାଇଁ । ସେଠୁ ବସିବା ପାଇଁ ବିସାଇ ଦେନାଇଁ । ସଅ ଭାଇମାନକଇ
ବାହରେ ବସାଇ ଦେନାଇଁ । ଟୁରା କଇ ଭିତରେ ଭାତ ଦେନାଇଁ । ଟୁରାକଇ
ଶୁଖା ଭାତ ମାଇଁଶ ତୁଣ ଦେନାଇଁ । ସଅଭାଇ ମାନକଇ ବାସିଭାତ ଖାବା
କଇ ଦେନାଇଁ । ସେଠାଣୁ ଟୁରାକଇ କହିନାଇଁ ଏଟୁରା ତକଇ କେମତ
ଭାତ ଦେନାଇଁ । ନାଇଁ ମକଇ ସୁଆଁ ଭାତ ଆର ମାଇଁଶ ତୁଣ ଦେନାଇଁ ।
ଟୁରା କହିଲା ତମେ ତାନାନୀ କଇ ଖାଇଥିଲ ମୁଇଁ ତାନା ଖାଇ । ହେତ
ପାଇଁ ତୁମକଇ ହିବଳେ ବାସିଭାତ ତୁଣ ଆର ଶାଗ ଦେନାଇଁ ।

## ଗିଲ୍‌ରୀ ଫୁଲ

ଗୋଟେ ରାଇଜରେ ଗୋଟେ ରାଜାଘର ଥିଲାଏ । ତାର ସାତଟା ପୁଅ ଥିଲାଏ । ସବୁଦିନ୍ ଜଙ୍ଗଲକୋଏ ପାରଦିକରି ଯାଆନ୍ତିଲା । ଜଙ୍ଗଲରୁ ପଶୁ, ପକ୍ଷୀ,ମାରିକରି ଆସନ୍ତ୍ ଆସନ୍ତ୍ ହେଲା ଗୋଟେ ଘରେ ଶୁଖାଇ କରି ରଖିଥାନ୍ତ୍ । ଆରଦିନ ଜଙ୍ଗଲକେ ଯାଇନ୍ତାନ୍ତ ବଳେ ତାର ସାନ ଭାଇ, ବଡ ଭାଇକେ କହିଲା ଯେ ମକେ ହି ଗିଲ୍‌ରୀ ଫୁଲ୍ ଡାଳଟା ଭାଙ୍ଗିଦେ ।

ହିଁଠୁ ତାର ବଡଭାଇ କୋ କଇଲା ଯେ ଯା ତୋର ମଝିଆଁ ଭାଇକେ କହିବେ । ହିଁଠୁ ତାର ମଝିଆଁ ଭାଇକେ କହିଲା ହେଲା ତାର ମଝିଆଁ ଭାଇକେ ଗିଲ୍‌ରୀ ଫୁଲ୍ ଡାଲ୍‌ଟା ଭାଙ୍ଗିଦେଲା । ହି ଦିନ ଗଟେ ବି ଶିକାର କରି ନା ପାରିଲାଏ । ଘରକୋଏ ପଳାଲାଏ । ହେଲା ତାର ସାନ ଭାଇକୋ ଏଇ ଗିଲ୍‌ରୀ ଫୁଲ୍ ଡାଲ୍‌ଟା ଘରକୋନେଲେ କିସ୍ କରିବି ଘରର ବାଟ ମୁହୁଁ କେ ଦିଥାଏଁ । ଆରଦିନ ଶିକାର କରି ଗଲାଏଁ ବେଳେକେ ହି ଗିଲ୍‌ରୀ ଫୁଲ୍ ଡାଠ୍‌ରୁ ଗୋଟେ ସୁନ୍ଦରୀ ଝିଅଟେ ବାହାରିଲା ହେଲା ତାଙ୍କର ଭାତ, ତୁଣ ରାନ୍ଧିଦେଲା । ସାତଟା ଲୁଟାରେ ପାଣି ରଖି ଦେଲା । ସାତଟା ବେଲାରେ ଭାତ ବାଢ଼ି ରଖିଦେଲା । ସାତଟା ଗିନାରେ ତୁଣ ବାଢ଼ିଦେଲା । ହେଠୁ ସେ ଗିଲ୍‌ରୀ ଫୁଲ୍ ଡାଲ୍‌ରେ ପଶିଗଲା । ସାତ୍ ଭାଇ ଯାକର ଜଙ୍ଗଲରୁ ଆସିଲେ ହେଲା ଦେଖିଲେ ଯେ ଭାତ, ତୁଣ ରନ୍ଧାହୋଇ କରିଅଛି ।ହିଠୁ ତାର ବଡ ଭାଇକୋ କହିଲା ଯେ କିଏ ଭାତ ତୁଣ ରାନ୍ଧି ଦେଇଛି । ହିଠୁଁ ତାର ବଡ ଭାଇ କହିଲା ଯେ ମଝିଆଁ ଭାଇକେ ତୁଇ କାଲକେ ଜଗିବୁ ହେଲା କିଏ ରାନ୍ଧି ଦେବାକ୍ ତାକୋଏ ଧେରିକରି ଆମର ଆସିବାର ଯାକର ରଖିଥିବୁ । ହିଠୁଁ ତାର ମଝିଆଁ ଭାଇକ ଜଗିଲା  । ଜଗି ଜଗି ଥକି ଗଲା  । ଭାବିଲାଯେ କେତେ ଜଗିବ ଏତେ ଜଗିଲ ନେତ କେହି ନା ଆସାନ୍ତ ଯାଇ ହେଲା ଗାଧି କରି ଆସଇ । ସେ ଗାଧିକେ ଗଲା ବେଳେ ଗିଲରୀ ଫୁଲ ଏକା ବାହାରିଲା  । ଗଲାଦିନ ପରି ଭାତ ତୁଣ ରାନ୍ଧି କରି ହିପରି ସାତଟା ଗଡୁରେ ପାଣି ସାତ ବେଲାରେ ଭାତ, ସାତଟା ଗିନାରେ ତୁଣ ରଖି ଦେଲା  । ହେଲା ଆର ଥରେ ସେ ଗିଲରୀ ଫୁଲା ଡାଳରେ ପଶିଗଲା  । ତାର ଛ ଭାଇ ଯାକର ଆସିଲାଇ ହେଲା ତାର ବଡ ଭାଇକେ  । ପଚ୍ରିଲା ଯେ କିଏ ଆସିଥିଲା କି ନାହିଁ ଧେରିଛୁକି ? ତାର ମଝିଆଁ ଭାଇକୋ କହିଲା ଯେ, ଜଗି ଜଗି ଆଳସ ଲାଗିଲା ହିଲାଗି ଗାଧି କରି ଆସଇଁ ବଲି  । ମୋର ଗାଧିକରି ଆସିଲା ବେଳକୁ କିଏ ଆସିକରି ଭାତତୁଣ ରାନ୍ଧି ଦେଇଥିଲା  । ହିଁଠୁ ତାର ବଡଭାଇ ଏକା କହିଲା ଯେ, ହେତେ ଜଗିଲୁ ହେଲା ତାକେ ଧରି ନ ପାରିଲେ ତାର ମଝିଆଁ ବହୁ ତ ଲାଗିଲା  । ହିଁଠୁ ଆରଦିନ ତାର ସାନଭାଇ ମୁଇଁ ଜଗିବି ବୋଲି କହିଲା  । ହେଠୁଁ ତାର ବଡ ଭାଇ କହିଲା ଯେ, ତୋର ମଝିଆଁ ଭାଇ ନା ଧରି ପାରିଲା ତୁଇ ଭଲେ ଧରିପାରିବୁ  ।

ମୁଇଁ ଧରି ପାରେକି ନ ପାରଇଁ ଜଗି ଦେଖେଁ  । ହିଁଠୁ ତାର ସାନ ଭାଇ ଆର ଦିନ ଜଗିଲା  । ତାର ଛ ଭାଇ ଶିକାର କରି ଜଙ୍ଗଲକୁ ଗଲେ  । ତାର ସାନ ଭାଇକେବି ଜଗିଲାଯେ ଜଗିଲା ସେବି ଅଳସୁଆ ହେଲା କେତେ ଜଗିବ କେହି ତ ନା ଆସିଲାଏ  । ସିଏ ଗାଧିଗଲା କେବେ ସିଏ ଗିଲରୀ ଫୁଲ କରୁଁ ବାହାରି କରି ଭାତ ତୁଣ ରାନ୍ଧିକରି ଆଉ ଥରେ ପଶିଯିବି ବୋଲି ଭାବୁଥିବା ବେଳେ ଠିକ୍ ପଶିଯିବା ବେଳେ ତାର ସାନ ଭାଇ ଧେରି ପକାଲା । ଧେରିକରି ବାନ୍ଧିଦେଲା । ତାର ଛ ଭାଇ ଆସିଲାଇଁଲା ତାର ବଡ ଭାଇକୋ ପଚାରଲା

ଧେରିଛୁକିନାଇଁ ? ତାର ସାନ ଭାଇକୋ କହିଲା ଯେ ଧେରିଛେ । ହିଠୁ ତାର ସାନଭାଇ ବାନ୍ଧିଥିଲା ଯେ ଖୁଲି କରି ଆଣିଲା । ତାର ବଡ ଭାଇ ଦେଖିକରି କହିଲା ଯେ ମୁଏଁ ତାକେ ଭାହାହେବି । ତାଙ୍କର ସାତ ଭାଇ ଯାକର କଳି ଲାଗନ୍ତି । ସେଠୁ ତାର ସାନ ଭାଇ କହିଲା ଯେ ଚୁପ୍ ହୁଅ କେହି ବାହା ହେବା ନାହିଁ । ଆମର ଭଉଣୀ ପରି ରଖିବା । ହିନଠାରୁ ସେ ଗିଲରି ଫୁଲ ତାଙ୍କର ଭଉଣୀ ହେଇଗଲା । ସେତାର ବଡ ଭାଇ ସବୁଘରର ଚାବିକାଠି ଦେଇ ଦେଲା । ସବୁ ଘରଗା ଗିଲରି ଫୁଲ କେ ଦେଖାଇ ଦେଲେ ।

ଶବ୍ଦାର୍ଥ :-

ଗୋଟେ - ଗୋଟିଏ
ପାରଦି - ଶିକାର କରିବା ପାଇଁ ଜ୍ଂଗଲକୁ ଯିବା
ଜଙ୍ଗଲକେ - ଜଙ୍ଗଲ
ହିଠୁଁ - ସେଠୁ
ତୁଣ - ଡାଲି, ତରକାରି
ଯାକର - ସମସ୍ତେ
ଆର - ପୁଣି
ରାଇଜ - ରାଜ୍ୟ
ହେଲା - ପରେ
କୁହିଁ - ସେମାନେ
କିସ୍ - କ'ଣ
ଲୁଟା - ଗୋଡୁ
ଜଗିଲା - ଜଗିରହିବା
ଲାଗିଲା - କଳି କଜିଆ ଲାଗିବା

## ସାରୁ ଓ ରାଜକୁମାରୀ

ଗଟେ ରାଇଜରେ ଦୁଇଟା ବୁଢ଼ା ବୁଢ଼ୀ ଥିଲାଏଁ । ତାହାଁ କର ଶୁଆ ପିଲା ନାହିଁ । ସିମାନେ କାଠ୍ ବିକିକରି ପୋଷୁଥିଲାହିଁ, ଦିନେ ସି ବୁଢ଼ା ବୁଢ଼ୀ ଦି ଜଣ ଯାକ ଜଙ୍ଗଲକଇ ଗଲାହିଁ । ଜଙ୍ଗଲରୁ କାଠ୍ ଆଣିଲେ ବିକିବାକଇ ହାଟକଇ ନିସନ୍ତି ତାର ପରଦିନ ଠାରୁ ତାର୍ ବୁଢ଼ୀ ଗାଁ ଗାଁ ତୁଣୁ ଶାଗ ବିକି ନେଲା । ବୁଢ଼ା ଜଙ୍ଗଲକଇ କାଠ୍ ଆଣିବାକଇ ଯାଇଥିଲା । ଦିନେ ରାଜା ତାକଇ ବାଖୁଳି ସାରୁ ଲଗାବାକଇ ଗାଁ ଲୁକ୍‌କୁ କହିଲା ଓ ସିମାନଙ୍କର ଦିଇ ବୁଢ଼ା ବୁଢ଼ୀ ଯାଇଥିବାନାଇଁ । ହେଲେ ରାଜା ସାରୁ ଖିଡିବାକଇ ବୁଢ଼ା ଜଙ୍ଗଲକଇ ଯା ଥିଲା ଓ ବୁଢ଼ୀ ଯେ ତୁଣୁ ଶାଗ ବିକିବାକଇ ନିଥିଲା । ବୁଢ଼ା ଜଙ୍ଗଲରୁ ଆସିଲା ବେଳେ ବୁଢ଼ୀକଇ କହିଲା ଆରେ ବୁଢ଼ା ରାଜାର ତାସାରୁ ଲଗାଇ ଯାଇଥିଲେ । ଖିଡିବାକଇ କିସିଲାଗି ନାଗଲେ ସବୁରି ଘରେ ଘରେ ତା ସାରୁ ଆଣି ଶୋନ୍‌ଥି ତୁଣୁ କରିଛନ୍ତି । ବୁଢ଼ା ଏତେ କଥା ଶୁଣି ବୁଢ଼ୀକୁ କହିଲା ହ ତାଲେ ମୁଁ ରାଜା ବାଖୁଳିକୁ ଯାସଇ ରାଜାର୍ ବାଖୁଳିରେ ସିଇଠି ଖିଜିଲା ସବୁଆଡେ ଖିଜିସାଲା ପଛେ ଗୋଟେ ହିଁ ନା ପାଇଲା । ଦେଖିଲା ଯେ ଟାଣେ ଗଜାହିଛି ।ବୁଢ଼ା ଖିଡିବାକଇ ବସିଲା ବୁଢ଼ା ସାରୁ ବୁଢା ସାରୁ ଭେଟେ ବାରୁ ବଣ୍ଡିଆଁ ବଲା ସାରୁଟା ମେରାଟା ଥିଲା ବୁଢ଼ା ବହିନା ପାରୁଥାଇ । କେତେ ବଡଟେ ସାରୁ

ଥିଲା ଯେ ବେଡେ କଷ୍ଟରେ ଘରକଇ ପହ଼ିଲା । ତା ପରେ ବୁଢ଼ୀକଇ କହିଲା ଆରେ ବୁଢ଼ୀ ନେଅ ସାର୍ କାଟ ହେଲା ରାନ୍ଧିବୁ ମୁଇଁ ଗାଧିକରି ଆସିଲେ ଦିଇ ବୁଢ଼ା ବୁଢ଼ୀ ଖାବା ବୁଢ଼ୀ ଘରର ଦୋଗାଳୀ ଝରକା ସବୁ ଯାକର୍ ଖାପି ଦେଲା । ଗାଁ ଲୋକ ମାନେ ଏତେ ବଡ ସାରୁ ମାଗିବାଇ ବୋଲି ତା ଭାବିଲା ସିଏ ଦୁଗାଳୀ ଝରକା ସବୁ ଯାକର୍ ଖାପିଦେଲା । ଘର୍ ଭିତରେ ସାରୁ କାଟିଲା ବେଳେ ମାଆ ମୁଇଁ ଭିତରେ ଆଶଇ ଥିରି ଥିରି କାଟ୍ । ବୁଢ଼ୀ ଦୁଗାଳୀ ଖୋଲି ଦେଖିଲା ଯେ ସେ ପାଖିରେ କେହି ନାହିଁ । ଆରିଥରେ ଆଣି ସାରୁକାଟିଲା ବେଳେ ମାଆ ମୁହିଁ ଭିତରେ ଆଶଇଁ ନିହିଗାରେ କାଟ୍ । ବୁଢ଼ୀ କହିଲା ଆରେ ତୁମେ ପଳାଅ ମୋକଇ କିସ୍ ମାଗସ ଆମେ ଗୋଟେ ସାରୁ ଆଣିଶୁ । ତମେତା ଜୁରରେ ଆଣିସ କିସ୍କଇ ତମେ ମାଗସ କିନ୍ତୁ ସେ ଘର ପାଖିରେ କେହି ନାଥିଲାଇଁ । ବୁଢ଼ା ଗାଧିକରି ଆସିଲା ଏ ବୁଢ଼ୀ ତୁଣ୍ ରାନ୍ଧିସାରିଲେକି ବୁଢ଼ୀ ସାରୁତା କାଟିନାହିଁ କେମତ୍ କରି ରାନ୍ଧିବି । ଭିତ୍ରେ ତାକିଏ ଆସିଯେ ମାଆ ମାଆ ବୋଲି କହସି ବୁଢ଼ା କହିଲା ଦେ ମୁଇଁ କାଟିବି ବୁଢ଼ା କାଟିଲା ବେଳେ ବୁଆ ମୁଇଁ ଭିତରେ ଆଶଇଁ ନିଗାରେ କାଟ୍ ବୁଢ଼ା କିଛି ନାଶୁଣି ଝାରିକରି କାଟିଦେଲା । ସାରୁ ଭିତରୁ ଶୁଆଟିଏ ବାହରିଲା । ତା ପରେ ଘରର ଦୁଗାଳି ଝରକା ସବୁଯାକର ଖାପିଦେଲେ । ଗାଁ ଲୋକ୍ଲା ଶୁଣିବାଇ ବୋଲି ତା ପର ଦିନ ବୁଢ଼ା ଜଙ୍ଗଲକଇ ଗଲା । ବୁଢ଼ୀତାର ପେଟରେ ହାଣ୍ଡିଟିଏ ବାନ୍ଧିଥିଲା । ଆରଦିନ ଶୁଆଟାକଇ କଦାଲାହିଁ ବେଳେ ଗାହା ଲୋକ୍ଲା ଶୁଣିଲେ ଶୁଆ ହେଲା ବୋଲି ଜାଣିବାରେ ବୋଲି କଦାଲଇ । ତାହା କଇ ସାରୁ ନାମ ଦିଥିଲାଇ ସିମାନେ ବାହାର ବାଟେ ପଳାଲାଇ ଶୁଆଟାକଇ ଘର ଭିତରେ ଶୁଆଇ ଦେଲାଇ । ଶୁଆଟା ବଡ ହେଲା ବେଳେ ବୁଢ଼ା କହିଲା ସାରୁ ତୁ କାହି ଯିବେନାହିଁ ବୋଲି କହିଲା ହି ବେଳେ ଶୁଆଟାଭାବିଲା ମର୍ ବୁଆ କିସ୍କଇ ଅଲ୍ଗାଆଡେ ଯିବେ ନାହିଁ ବଲି କହିଲା । ଦିନେ ରାଜା ଘର ବାଟେ ବୁଲିବାକଇ ଯାଇଥିଲା ଦେଖିଲା ଯେ ରାଜା ଘର ପଛା ପଟେ ରାଜ୍ କୁମାରୀ ଦୋଳି ଖେଳ୍ ଥିଲା । ସିଏ ଘରକଇ ଆସିଲା ।

ମୁଁ ଗପଟି ସରିଗଲା
ଫୁଲଗଛଟି ମରିଗଲା ।

ଶବ୍ଦାର୍ଥ :-

| | |
|---|---|
| ପୋଷଥିଲା - ପୋଷୁଥିଲା | ସିବୁଢ଼ା - ସେହିବୁଢ଼ା |
| ବିକ୍ବାକଏ - ବିକିବାପାଇଁ | ହାଟ୍କଏ - ବଜାରକୁ |
| ନିସନ୍ତ - ନେଇଛନ୍ତି | କିସ୍ଲାଗି - କିଛିପାଇଁ |
| ବାଖୁଳିରେ - ବାଡିରେ | ସିଇଠି - ସେଇଠି |

| | |
|---|---|
| ଖଜ୍‌ଲା - ଖଜିଲା | ବଡେ କଷ୍ଟରେ - ବଡ ବିପଦରେ |
| ଦୁଗାଳି - କବାଟ | ଆଶଇ - ଥିଲା |
| ନିଘାରେ - ଧିରେ ଧିରେ | କହଶି - କହୁଅଛି |
| ଗାଁହାକଏ - ଗାଁକୁ | ଯାହାକଏ - ଯାହାକୁ |
| ଦିଥିଲା - ଦେଇଥିଲା | ପଛାପଟେ - ପଛପଟେ |
| ଗୋଟେ - ଗୋଟିଏ | ରାଇଜ୍‌ରେ - ରାଜ୍ୟରେ |
| ସିମାନେ - ସେମାନେ | |

## ଭୂତ ମଣିଷକୁ ଡରେ

ଗଟେ ଗାଁରେ ସାଧବ ଘର୍‌ଟେ ଥିଲା ତାର୍ ଗଟେ ବୋଲି ପୁଅ ଥିଲା ତା  ନା ଥିଲା ଅଲୁସୁଆ କୁମାର ତାଙ୍କର ବହୁତ ଧନସମ୍ପତ୍ତି ଥିଲା । ତାର୍ ବାପାକେ ରୁଗ୍‌ହେଲା ବେଳେ ମରିଗଲା ତା' ମା' ଭାବି ଭାବି କିସିଦିନ୍ ସେ ବି ମରିଗଲା । ତାର୍ ପୁଅ ସବୁ ଧନସମ୍ପତ୍ତି ଶୋଇ ଶୋଇ ଖାଲା କିସିକାମ୍ ନା କଲା ଆସ୍ତେ ଆସ୍ତେ ଧନସମ୍ପତ୍ତି ସରିଗଲା ସେ କିସିବି ଚେଷ୍‌ନାକଲା। ସେତିକିବେଳେ ସବୁ ଧନମ୍ପତ୍ତି ସରିଗଲା। ହିଁ ଟୁ ସେ ଚାଷ୍ କରିବା କଇଗଲା । ସେ ହଳ ଜିଆଳି ଧେରିକି କିଆରି କଇଗଲା। ହିଁ ଟି ଧେରୁଥିଲା ବେଳେ ତା ଥକା ଲାଗିଲା ହିଁ ପାଖିରେ ବରଗସ ଟିଏ ଥିଲା । ହିଁ ଟି ଟିକେ ଯିରାଇବା କଇଗଲା । ହିଁ ଗସ୍ ପାଖିରେ ଗୋଟେ ରାକସ୍ ଟିଏ ରହଥିଲା । ଅଲସୁଆ କୁମାର ଗସ୍‌ରେ ରାକସ୍ ଟିଏ ଆସିବୋଲି ନା ଜାଣିଥିଲା । ବେଳେ ଦେଖିଲା ଯେ ଲମ୍ବା ଲା ମ୍ବାଗଡ୍ ତାଲ୍ ଗସ୍‌ପରି କା ଡେଙ୍ଗା କୁଡି ପରିକା ଦାନ୍ତ୍ ଟର୍ଚ୍ଚ ଲାଇଟ୍ ପାରିକା ଆନ୍‌ଖି ଲେଂଜା ଚୁଟି ଛୁଟି ଥିଲା । ହିଁ ଠୁ ଅଲସୁଆ କୁମାର ଦେଖି ଡରେ ପଳାଥିଲା ରାକସ୍‌ଟା କହିଲା ମୋକଇ ଦେଖି ଡର୍ ସସ୍‌କି ନାଡର୍ ବୋଲି କହିଲା ।

ହିଁ ଅଲସୁଆ କୁମାର ନା'ଡରି ପାସ୍ କଇଗଲା । ରାକସ୍‌ଟା ପଚ୍‌ରାଲା ଯେ କିସ ଲାଗି ହିଁ ଟ ହଲ୍‌ଧର୍ ସସ୍ । ହିଁ ଟୁ ଅଲସୁଆ କୁମାର କହିଲା ଯେ ଚାଷ୍ କରିବା କଇ ହଳ ଧେର୍‌ସଇଁ ହିଁ ଟୁ ରାକସ୍ କହିଲା ଯେ ସାଙ୍ଗ୍‌ରେ ଚାଷ୍ କରିବା ଅଲସୁଆ କୁମାର ପସ୍‌ରାଲା ଯେ କି ସ୍ ଚାଷ୍ କରିବା । ହିଁ ଟୁ ରାକସ୍‌ଟା କହିଲା ଧାନ୍ କରିବା ମୁଁ ଖତ୍ କୁଢା ଆଣିବି ତୁହିଁ ହଲ୍ ଧେର୍ ବେ ଆ ର୍ ଧାନ ଆଣ୍ ବେ ଆର୍ ବୁଣ୍‌ବେ । ପଠଇଟ ମୁଁ ଜଗିଥିବି । ହିଁ ଟୁ

ସାର୍ ଦେଲାଏଁ ଆସ୍ତେ ଆସ୍ତେ ଧାନ୍ ବଡ୍ଲା । ହିଁ ଟୁ ଅଳସୁଆ କୁମାର ଆସିଲା ଆର୍ ରାକସ୍ଟା କଇ ପସ୍ରାଲା ଯେ ତୁହିଁ ଉପରଟା ନେମେକିତଲ୍ଟା ନେମେ ରାକସ୍ଟା କହିଲା ଯେ ମୁଁ ତା ହିଁ ଟି ରସଇଁ ତୁ ହିଁ ଉପର୍ ଗା ଦେ ଯା' ଆରି ମୋକଇ ତଲ୍ ଗାସାଡି ଦେ ହିଁ ଟୁ ଅଳସୁଆ କୁମାର ଉପର୍ ଗା ସବୁ କାଟି କାଟି ଗାଡିକେ ନେଲା । ହିଁ ଟୁ ତାଙ୍କର ଗାଁ ର୍ ଗାଦେଖି କରି ଭେଲ୍କା ହେଲାଏଁ । ରାକସ୍ଟା ଦେଖ୍ଲା ଯେ ତଳର ଖାଲ୍ ଧାନ୍ ନଡା ଗା ଆସି ଗିନ୍ସି କରି ଜିଟା ଛାବି ଦେଖ୍ଲା ଯେ ଖାଲି ସୁଷାଟା ଆସି ମୋକଇ ଅଳସୁଆ କୁମାର ଠକି ଦେଲା । ମୋକଇ ତଲ୍ଗା ସାଡିଦି କରି ସେ ଉପରଳା ନେଲା । ଆରି ଥର୍ କଇ ଚାଷ୍ କଲେ ମୁଁ ହି ଉପରଳା । ଦେମି ଆର୍ ଢାକର ତଳଗା ଦେମି ବୋଲି ରାକସ୍ଟା କହିଲା । ଆରି ଦିନ୍ ହେଲା ହିଁ ଟୁ ଅଳସୁଆ କୁମାର୍ ଆସିଲା ଆରି ରାକସ୍ କଇ ପସ୍ରାଲା ଯେ ଆର୍ ଥରକଇ କିସ୍ ଛାଷ୍ କରିବା । ହିଁ ଟୁ ରାକସ୍ ଟା କହିଲା । ଆରିଦିନ୍ ହେଲା ହିଁଟୁ ଅଳସୁଆ କୁମାର୍ ଆସିଲା ଅଜ୍ ରାକସ୍ କଇ ପସରାଲା ଯେ, ଆଜ୍ ଥରକଇ କିସ୍ ଛାପ୍ କରିବା । ହିଁଟୁ ରାକସ୍ କହିଲା ଯେ, ଆଳୁ ଚାଷ କର୍ବା । ହିଁଟୁ ସେମାନେ ଆଳୁଚାଷ୍ କଲେ । ଆଳୁ ବଡ ବଡ ହେଲା । ହିଁଟୁ ରାକସ୍ କହିଲା ଯେ, ସି ଥର୍କେ ତୁହିଁ ଉପର୍ଲାନି ଥିଲେ ଏଥର୍କେ ମୁହିଁ ଉପରଗା ନେମି କାନେମି ଆରି ତୁ ହିଁ ତଳରଗା ନେମେ । ହିଁଟୁ ରାକସ୍ ଟା ଓ ପର୍କା ନେଲା । ଅଳସୁଆ କୁମାର ଆଳୁଗା ଖଡି ସବୁ ଗାଡିକେ ଲୋଡ୍ କରି ଘର କଇ ନେଲା ବେଳେ ରାକସ୍ଟା ଦେଖିଲା ଅଳସୁଆ କୁମାର ହେତେ ନେଲା । ମୁଁ ହିଁ ଓ ପରଳା ନେଲେ ଯେ, ଖାଲିଟା ସି ହିଁ ଟୁ ରାକସ୍ କହିଲା ଯେ, ମୁଣ୍ଷଗା ହେତେ ଚାଲାକ୍ । ମୁଁ ତାହା ଖାଲି ବୋକାଟା । ସି ଦିନ୍ଟୁ ଭୂତ୍ ମୁଣଷ୍ କେ ଡରେ ।

**ଶବ୍ଦାର୍ଥ :**

ଗଟେ - ଗୋଟିଏ
କିସିଦିନ୍ - କିଛିଦିନ
କିସିକାମ - କିଛି କାମ
ଜିଆଳି - ଯୋଆଡ଼ି
ଧେରିକି - ଧରିକରି
ହିଁଟି - ଏଠାରେ
ବରଗସ - ବରଗଛ

ଯିରାଇବା - ବିଶ୍ରାମ ନେବା
ରାକ୍ସ - ରାକ୍ଷାସ, ଅସୁର
ନା ଡ଼ରି - ଭୟ ନକରି
ପଚରଲା - ପଚାରିଲା
ମୁଣିଷ୍ - ମଣିଷ୍

## ଶିଆଳ ଓ ଖେଳିଆର ଗପ

ଗୋଟେ ଜଙ୍ଗଲରେ ଶିଆଳଟିଏ ଓ ଖେଳିଆଟିଏ ରହୁଥରଲାଏ । ଦିନେ ହିଁ ଦିଜଣ ଶିଆଳ ଓ ଖେଳିଆ ବାଟ୍‌ରେ ଦେଖା ଦେଖି ହେଲାଏ । ହିଁ ଦିଜଣ ମିତ ବସିବେ ବୋଲି ରାଜି ହେଲେ । ଶିଆଳ ଓ ଖେଳିଆ ହିଁ ଦିନ ଠାରୁଁ ମିତ ବସିଲାଏଁ । ହିଁ ଦିଜଣ ଶିଆଳ ଆରି ଖେଳିଆ ଦିନେ ଭୂଜି କରିବା ବୋଲି କଥା ହେଲାଏଁ । ଖେଳିଆ କହିଲା ଯେ, ଗାଁ କୋଏ ଚାଉଳ ଓ କୁକୁଡ଼ା, ଛେଳି ମାଗିଯିବା ବୋଲି କୁହା କୁହି ହେଲାଏଁ । ହେଠୁଁ ମାଗି ଗଲାଏ । ଗାଁରେ ପହିଁଲାଏଁ । ଶିଆଳ ମାଗିବାର ଆରମ୍ଭ କଲା ହେଠୁ ମାଗି ମୁଗା କରି ଆସିଲାଏ । ବାଟ୍‌ରେ ଦେଖୁଁ ତୁଇଁ କେତେ ମାଗି କରି ଆଣିଲେ, ଖେଳିଆ କହିଲା । ତୁଇ କେମାତ ମାଗିଲେ ଶିଆଳ କହିଲା, ଖୁଡହମ ଚାଉଳ ଖଣ୍ଡିଏ, ବୁକାଟିଏ ବୋଲି ମାଗିଲିତା ହି ତକୋଏ ଗାଁର ଲୋକ୍‌ଲା ଆବାକ ସକାଳୁ ତକୋଏ ଚାଉଳ ଖଣ୍ଡିଏ ବୁକାଟିଏ ଦେମୁଁନି ଚାଲସଳା ଶିଆଳକୁ ପିଟିବା ବୋଲି କହିଲାଏ । ଶିଆଳ କହିଲା ତୁଇ ହେଠୁଁ କେମତ କରି ମାଗିଲେ ଯେ, ତକୋଏ ଚାଉଳ ଦେଲାଏ । ଖିଳିଆ କହିଲା ଯେ, ମୁଇଁ ତା ଶିଳିରିଟି ଶିଳିରିଟି ଚାଉଳ ମୁଠେ ପାଇତି ହେଲେ ଭାତ ରାନ୍ଧି ଖାଇତି ବୋଲି କହିଲି ହେଠୁଁ ଗାଁର ଲକ୍‌ଲା ମୁଠେ ମୁଠେ ଦେଲାଏଁ । ଖେଳିଆ କହିଲା ହିଁ ଯା ହେଲା ହେଲା ଚାଲ ଭୂଜିକରି ଯାଉଁ ତୁଇ ଏକା ଶାଧବ ବୁଢ଼ାରଟିକି କୁକୁଳି ଚୁରାଇ ଯିବେ ବୋଲି ଖେଳିଆ ଶିଆଳକୁ କହିଲା । ହେଠୁଁ ଶିଆଳ ଶାଧବ ବୁଢ଼ାଟିକି କୁକୁଳି ଚୁରାଇ ଚାଲିଲା । କୁକୁଳିଲା ଜୁର କାନ୍ଦିଲାଏ । ଖେଳିଆ କହିଲା ପିଡ୍‌ରେ ସାଧବ ବୁଢ଼ା ତୋର କୁକୁଳିଲା କୋଏ ସଳା ଶିଆଳ୍ ଚୁରାଇ ଯାଇଛି ପିଟ ପିଟ ବୋଲି ଖେଳିଆ କହୁଥାଏ । ସେଠୁଁ ଶିଆଳ କୁକୁଳି ଚୁରାଇ କରି ଆଣିଲା । ସେମାନେ ଭୂଜି

ରାନ୍ଧିବା ଆରମ୍ଭ କଲେ । ଭାତ ମାଂସ ରାନ୍ଧି ସାରି ରେଡି କରିସାରିକରି ଖେଳିଆ କହିଲା ଯେ, ଆଗେ ବନ୍ଧା ବନ୍ଧି ହେବା ଯିଏ ଫିଟି ପାରିବା ସିଏ ଖଣ୍ଡେ ଶିକାର ଖାଇବା ବୋଲି ଖେଳିଆ ଶିଆଳକୁ କହିଲା । ଶିଆଳ ହଁ କହିଲା । ଖେଳିଆ ବଡେ ଚାଲାକ୍ ରାଇକଳ ଦେଉଳା ଆଣିଲାଏ ଖେଳିଆ କହିଲା ଶିଆଳ ଭାଇ ମକୋଏ ଆଗେ ବାନ୍ଧେ ତାର ପରେ ତୋକୋଏ ବାନ୍ଧିବି । ଶିଆଳ ଖେଳିଆକୁ ଗୋଟେ ତାଳରେ ବାନ୍ଧି ଦେଲା । ଖେଳିଆ ଛିଡାଣି ଚାବିଦେଇ ଖଣ୍ଡେ ଶିକାର ଖାଇ ଦେଲା । ସେଠୁଁ ଖେଳିଆ ଶିଆଳକୁ ଜୋର ଚକସରେ ବାନ୍ଧି ଦେଲା । ଶିଆଳତା ଆରି ମୁକୁଳି ପାରିଲା ନାହିଁ । ଖେଳିଆ ସବୁ ଭାତ ଶିକାର ଯେତେ ରାନ୍ଧିଥିଲାଏ ସବୁ ସରାଣ ଖାଉଁ । ଶିଆଳ କହିଲା ଦେବ ଶିକାର ଖଣ୍ଡେ କଲବଲ ହି କରି ସାଧବ ବୁଢାଠାରୁ ଚୁରାଇ କରି ଆଣି ଥିଲି । ଖେଳିଆ କହିଲା ନେ ତର ଶିକାର ବଲିକରି ଖଣ୍ଡେ ହାଡଟିଏ ଦେଲା, ଦେବ ଝୁଲୁଟିକେ ହେଲେ ଖାଏ ବୋଲି ଶିଆଳ କହିବାରୁ ଖେଳିଆ କହିଲା ନେ ତର ଝଲୁ ବୋଲି କହି ମୁତି ଦେଲା । ଶିଆଳକୁ ଖେଳିଆ ବାନ୍ଧି ଦେଇଥାଏ । ଖେଳିଆ ଖାଇସାରି କରି କେନ୍ଦୁ ବୁଦା ମୂଳକେ ଶୋଇ ରହିଥାଏ । ଶିଆଳ କେଡେ କଷ୍ଟରେ ଫିଟି ଫୁଟା କରି ଆସି ବାଟରେ ବାଘ୍‌ଟାକୋଏ ପାଇଲା । ଶିଆଳ କହିଲା ବାଘ ଭାଇ ମତେ ଟିକେ ସାହାଯ୍ୟ କର । ବାଘ୍ କହିଲା ଯେ ତକୋଏ କିସ୍ ସାହାଯ୍ୟ କରିବି ନାହିଁ ଆମେ ଖେଳେଆ ଆର୍ ମୁଁଇ ଭୂଜି କରିଥିଲୁ ଯେ ମକଇଁ ବାନ୍ଧି ଦେଇ ସବୁଯାକ ଶିକାର ଆର ଭାତଳା ସରାଣ୍ ଖାଇଲା ସେଠୁଁ ଏବାଟେ ପଳାଇଲା । ବାଘ୍ କହିଲା ଚାଲହିତିଲେ । ଗଲାଇଁ ଯେ ଗଲାଇଁ ଯେ ବାଟ ତଳାରେ ସଳା ଖେଳିଆ ଆରାମ୍‌ରେ ଶୋଇଛି । ସେଠି ପହି ଶିଆଳ କହିଲା ସଳା ତୁଇ ମୋକଏ ବାନ୍ଧି ଦେଇ ଭାତ ମାଉଁଶ ସବୁ ଖାଇ ଦେଇକରି ଏଠି ଆରାମ୍‌ରେ ଶୁଇଛ ତକୋଏ ଇଲାଗ ମାରିଦେଇ ଖାଇଦେବୁ, କିନ୍ତୁ ଖେଳିଆ ଭାରି ଚାଲାକ୍ ଦେଖ ଦେଖ ମୁଇଁ ପରା ରାଜାର ଖଣ୍ଡାଟା ଜୁଗିଛେ, ଦେଖି ଦେଲାଯେ ଶିଆଳ ଖଣ୍ଡାଟା ପରି ପତରଟା ଚିଲ ଚିଲ ଜଳୁଛି ପୁଣି ଖରାଦିନ । ଖେଳିଆ କହିଲା ର ଟିକେ ମୁଇଁ ଖଣ୍ଡେ ଦୂର କୋଏ ଜାଏ ତାପରେ ତମେ ଇଖଣ୍ଡାଟା କୋଏ ତମେ ଧରିଥିବ । ଶିଆଳ କହିଲା ଦେଖୁ ରାଜାର ଖଣ୍ଡାଟା କେତେ ଧାର୍ ।

କିନ୍ତୁ ଧରି ଦେଖିଲାଯେ, କେନ୍ଦୁ ବୁଦାର ପତ୍ର । ସଳା ଖେଳିଆ ଆମକୋଏ ପନ୍ଦିଦେଲା ଚାଲ ସଳାକୁ ଇଲାଲେ ମାରିଦେବା । ଯାଉ ଯାଉ ଶିଆଳ ଓ ବାଘ ବାଟରେ ଭାଲୁକୁ ପାଇଲେ । ଶିଆଳ ଓ ବାଘ ପଚାରିଲେ ଇ ବାଟେ ଖେଳିଆ ଯାଇଛି କି ? ଭାଲୁ କହିଲା 'ହଁ ଇବାଟେ ଯାଇଛିତା ଚାଲ ଶଳାକୁ ମାରିଦେବା । ଗଲାଏଁ ଯେ ଗଲାଏଁ ଯେ ବାଟରେ ବରଳିଗଛ ତଳ ବସିଥାଏ । ଶଳା ଖେଳିଆ ତକେ ଇଲଗ୍ ମାରିଦେମୁଁ । ଖେଳିଆ କହିଲା ଯେ ପାଟି ନା କର ମୁଁ ପରା ରାଜାର ମହୁଗା ଜଗିଛେ । ତମେ ଏଠି ଟିକେ ଜଗିଥ ମୁଖଣ୍ଡେ ଦରକୁ ଗଲେ ତୁମେ ଏହି ମହୁକୁ ଗଛକୁ ହଲାଇ ଦେବ । ଶିଆଳ, ବାଘ ଓ ଭାଲୁ ସେହି ଗଛକୁ ମହୁଫେଣା ଭାବି ଗଛରେ ଚଢ଼ି ତୋଳିବ ବୋଲି ଛାହିଁଲା । ବାଘ ଗଛକୁ ହଲାଇ ଦେଲା । ଠିକ୍ ସେତିକି ବଳେ ବିରିଡି ଦଳ ଦଳ ହୋଇ ଶିଆଳ, ବାଘ ଓ ଭାଲୁ ମାନଙ୍କୁ କାମୁଡିଲେ । ଏଥର ରାଗିଯାଇ ଶିଆଳ, ବାଘ ଓ ଭାଲି ଶଳା ଖେଳିଆକୁ ଏଥର ଛାଡିବାନି କହି ଆଉ ଥରେ ଖୁଜିବାକୁ ଚାଲିଲେ । ଏଥର କିନ୍ତୁ ଶଳା ଖେଳିଆ ଛାଡିବାନି ସେ ତେବେ ଠିକ୍ ହାଣ୍ଡିରେ ଖେଳିଆ ବାଲି ଭାଜୁଥାଏ । ସେତିକିବେଳେ ଶିଆଳ, ଭାଲୁ ଓ ବାଘ ସେଟାରେ ପହିଂଲେ । ଶଳା ଖେଳିଆ ତୁ ଏଠି ଆମକୁ ଶଳା ରାଜାର ମହୁଫେଣା ଜୁଗିଛେ କହି ବିରିଡିଗାକେ ଆମକୁ ଚବାଇ ଦେଖୁଛ ଆମର ଦେହ ଗୋଡ କେମିତି ଫୁଲିଯାଇଛି । ତତେ ଏବେ ମାରିଦେବୁ । ଖେଳିଆ କହିଲା ରହ ରହ ରାଜାର ଘର ଭୁଜା ଭାଜିବା ପାଇଁ କହିଛନ୍ତି ବସ ଯଦି ଖାଇବ ହେଲେ ଶିଆଳ, ଭାଲୁ ଓ ବାଘ ବସିପଡିଲେ । ଖେଳିଆ ବାଲି ଭାଜିସାରି ସେମାନଙ୍କୁ ଆଁ କର ବୋଲି କହିଲା । ତାଙ୍କର ପାଟିରେ ଗରମ ବାଲି ଢାଳି ଶିଆଳ, ବାଘ ଓ ଭାଲୁ ମରିଗଲେ । ସରିଗଲା ।

ଶବ୍ଦାର୍ଥ :-

ହିଁ - ସେମାନେ

ହେଠୁ - ପରା

ସୁଶାକ୍ - ଠକିଦେଲା

ଖଣ୍ଡିଏ - କୁଡିଏ କିଲୋ

କେମତ - କିପରି

ବୋକଏ - ସେଥିପାଇଁ
କୁକୁଲି - କୁକୁଡା
ଚୁରାଇ - ଚୋରି କରିବା
ପିଡ - ମାଡ ମାରିବା
କୁକୁଲିଲାକୋଏ - କୁକୁଡା ମାନଙ୍କୁ
ମାଉଁସ - ମାଂସ
ରାଇକଳ - ଏକ ପ୍ରକାର ଦଉଡି
ଚକସ୍ - ଜୋର୍ କରି ଧରିବା
କେଡେ - କେତେ
କଷ୍ଟରେ - ଦୁଃଖରେ
ଫିଟ ଫୁଟା - ବନ୍ଧାରୁ ଖୋଲିବା
ଖଣ୍ଡା - ଛୁରୀ
ଭୂଜା - ମୁଢ଼ି

## ସତୀକନ୍ୟା ଛତିଶ ରାଇଜ

ଗୋଟେ ରାଇଜ୍‌ରେ ରଜାଟେ ଥିଲା । ତାର୍ ଗୋଟେ ବୋଲି ଝିଅଟିଏ ଥିଲା । ସିଏ ଏତେ ସୁନ୍ଦରୀ କେଣ୍ସି ରଜା, ରାଜ୍ କୁମାରୀ କି ବାହାହିନା ପାରନ୍ତ । ଗୋଟେ ଗାଁରେ ବୁଢ଼ାଟିଏ ରହିଥିଲା । ତାଙ୍କର ତିନ୍‌ଟା ପୁ । ଦୁଇଟା ବାହାଘର କରିଦେଲା ଆରିଗଟେ ପୁ ବାହାନା କରି ଦେଲାଏ । ସିଏ ଏକ୍‌ଟିଆ ହଇରାଣ ହେଲା । ସିଏ ମାହାଁ କଇକ କହିଲାମା ମକୟ ପିଠାପଣା କରିଦେ ମୁଇଁ ରାଇଜ୍ ଛାଡି ରାଇଜ୍ ବୁଲିଯିବି ମକଇ ବାହାନାକଲ ବଲିକରି କହିଲା । ପିଠା ପଣା କରିଦି କରି ମାହାଁକ ଦେଲା ବକଏ୍ ପୁଅକ୍ ପିଠା ନି କରି । ଗଲାଯେ ଗଲାଯେ ବାଟ୍‌ରେ ଗୋଟେ ଭାଲୁଟିଏ ପାଇଲା । ଭାଲୁଟାକଏ କହିଲା ଛାଡିଦେ ମକଏ ମୁଁ ଛତିସ୍ ରାଇଜ ଯାସଇଁ ବଲାବ କଏ ଛାଡିଦେଲା । ଆରିଟିକେ ଆଗ୍‌କଏ ଗଲାଯେ ଛୁଆଳି କୁକୁଡାଟିଏ ପାଇଲା । ମକଏ ଛାଡିଦେ ମୁଁଇ ରାଇଜ ବୁଲି ଯାସଇଁ ବଲା ।ଖୁଦ୍ ଗଣ୍ଡେ ଦେଲା ବକଏ ଛାଡି ଦେଲାବ ସିଏ ଗଲା । ଆରି ଆଗ୍ କଏ ଗଲାଯେ ବାଘଟିଏ ପାଇଲା । ତାକଏ ଛେଲ୍ ଦେଲାବ କଏ ଛାଡିଦେଲା । ହାତୀଟିଏ ପାଇଲା ତାହାକଏ ଡାଳଧାନ

ଦେଲା । ଇମିତିର୍ କରି କରି ଗଲାଯେ ଗଲାଯେ ଗଟେ ନାଳ ତଳାକଏ ଘର୍ ଟାକଏ ଝିଅ ବେଶ୍‌ରେ କହିଲା ମାଉସୀ ଗ ମାଉସୀ ଆଜି ନାହିଁ କାଲି ନାହିଁ କିଏ ମଉସୀ ମାଉସୀ ବଲସ୍, ଦେଖ୍‌ଲା, ତୁଇ ଆଇ ଆଇ ଘରକଏ । ମାଉସୀ କ ଦିନ ଫୁଲ ବିକି ବିକି ଚଲଥିଲା । ସବୁଦିନ ରଜାର ଘର ଆଟେ ଫୁଲ ବିକିନି ଥାଏ । ଦିନେ ମଉସୀକ ଗାଧିଗଲା ବଳେ ସିଏ ଫୁଲ ଗନ୍ଥୁଲା ହିରାଟିଏ ମତିଟିଏ ଦେଲା ଯେ ଏତେ ସୁନ୍ଦର ମାଉସୀକ ଦେଖିକରି ଖୁସି ହେଲା । ଇଫୁଲଟା ରାଜାର ଘରେ ଦେବି ବଲା । ମାଉସୀକ ଫୁଲମାଳ ବିକିନେଲା । ଫୁଲ୍ କିଣଗୋ ଫୁଲ ବୋଲି ଡାକିଲା କଏ ରାଜାର ଝି ଆସି କରି ଫୁଲମାଳ ଦେଖ୍‌ଲା ଯେ ଅତି ସୁନ୍ଦର ଇମାଲ୍‌ଟା କିଏ ଗନ୍ଥିଛି ବଲା । ମୁଇଁ ବଲାବଳେ । ନାଇଁ ତମର ଘରକଏ କିଏ ଆସିଛି ତାର୍ ସାଙ୍ଗେ ମୁଇଁ ଫୁଲ ବସିବି ବଲା । ମାଉସୀକ ଆସିକରି କହିଲା ରଜାର ଝି ତର୍ ସାଙ୍ଗେ ଫୁଲ ବସିଆକ୍ ବଲା । ଦୁଇଜଣ ଯାକ ଫୁଲ ବସଲା ଇଲାଗ ଏକା ଥାଳିକେ ଭାତ୍ ଖାବା ବଲା କଏ ନାହିଁ ତମେ ରଜାର୍ ଝି ମୁଇ ପରା ରାଇଜର ଝିଅ ଗଟେ ଗଟେ ଥାଳି କେ ଖାବା ଏକା ପାସ କେ ବଲା । ହଁ ବଲାଏ ଏକାଠି ସହିବା ବଲା ବଳେ ନାହିଁ ଗଟେ ଗଟେ ଖଟରେ ଏକା ପାସ୍‌କେ ସହିବା ବଲା । ସଇଲା ବଳେ ଝିଅଟା ପିଲା ହେଲା ବକଇ ରଜାର ଝିକର ନାକ୍‌ରୁ ଦୁଇଟା ସାପ୍ ବାହାରିଲା । ସାପ୍‌ଲା ଦେଖିକରି ପିଲାଟା ଖଣ୍ଡାଳା ଆଣିକରି ମାରିଦେଲା । ସବୁ ଛୁରୀ ଖଣ୍ଡା ସବୁ କୁରେ ପକାଇ ଦେଲା । ଝିଅଟା ଉଠିକରି ଦେଖ୍‌ଲା ଯେ ଛୁରୀ ଖଣ୍ଡା ଖଜ୍‌ଲା ଯେ ନା ପଇଲ । ତାର ବାପା ମା କରକଏ କହିଲା ସମସ୍ତଙ୍କରକଏ ପାରଲି ଇତାକଏ ନା ପାରଲିବଲା । ସି ପିଲାଟା ସାଙ୍ଗରେ ବାହାଘର କରିଦେଲାଏ । ପଙ୍କିରାଜ୍ ଘୁଡା, ସୁନା ଗହଣା ଯତୁକ୍ ଦେଲାଏ ବିଦାଏ ଦେଲାଏ । ପିଲାଟା ଘରକଏ ଆଣ୍‌ଲା କୟ୍ ବାଟ୍‌ରେ ଗୋଟେ ଛେଳିଆଟୋକଏ କହିଲା ଏ ଛେଳିଆ ଭାଇ ଯା ମର୍ ମାକଏ କହିଦେବେ ତର୍ ପୁଅ ବହୂ ଆସସନ୍ତ ବଲିଗଲା ଛେଳିଆ କହିଲା ଏ ସାହେବାଣି ବୁଢ଼ୀ ତର୍ ପୁଅବହୂ ଆସସନ୍ତ ହଳଦୀ ଗୁଣ୍ଡ ବାଟିକରି ପାଣ୍ ଲୁଟା ରେଡିକରି ରଖିଥା । ଏ ପୁଡାର ମୁହାଁ ମୋର ପୁ ବାର ବର୍ଷ ହେଲା କେନ୍ ଆଡେ ଗଲାଯେ ମରିଛିକି ବଚିଂଛି । ତୁଇ ବହୂ ଆଣସି ବଲସସ୍ ବଲାକଏ ପଳାଲା । ଆସଲା କହିଲା ତର ମା ତା ପୁଡାର ମୁହିଁ । ବଲିକରି ଲାଗ୍‌ଲା ବଲାକଏ ହଁ ହିଥିଲେ ହେଲେ ହିଁ ଯିବୁ

ବଲା । ଗଲାଏ ମାକ ଦେଖିକରି ଅଚେତ କରି ପଡିଲା । ଉଠିଲାଏ ଉଠିକରି ଚୁମାଚୁମି କରି ଘରେ ପସ୍‌ଲା । ସି ଦିନ୍‌ଠୁ ସାନ ପୁଅ କରଠି ବୁଢ଼ୀ ଆର ବୁଢ଼ା ରହିକରି ଖାଲାଏ ।

ଶବ୍ଦାର୍ଥ :-

ଗୋଟେ - ଗୋଟିଏ

ରାଇଜ୍‌ରେ - ରାଜ୍ୟରେ

ବଲି - ମାତ୍ର

କେଣସି - କୌଣସି

ହଇରାଣ - କଷ୍ଟ, ଦୁଃଖ

ମକଏ - ମୁଁ

ଦିକରି - ଦେବା

ଆଗ୍‌କଏ - ଆଗକୁ

ଯାସଏବଲା - ଯାଉଛେଁ କହିଲା

ତାକଏ - ତାକୁ

ଛେଲ୍ - ଛେଳି

ଇତିର୍ - ଏମିତି

ନାଳ ତଳାକର ଘର - ନଈ ପାଖରେ ଥିବା ଘର

ବେଶ୍‌ରେ - ରୂପରେ, ଛଦ୍ମ ବେଶରେ

ଘରକଏ - ଘରକୁ

ଫୁଲ ବସିଲା - ମିତ ବସିଲା

ଖଣ୍ଡା - ଛୁରି, ଖଣ୍ଡା

ସି - ସେହି

ଛେଳିଆ - ଛେଳି ଚରାଉଥିବା ପିଲା

କେନ୍‌ଆଡେ - କେଉଁ ଆଡେ

ଲାଗିଲା - କଳିଝଗଡା ହେବା

## ବିରିବାଲା

ଦିନ୍‌କର କଥା ଦିନେ ବିରି ବିକ୍‌ବାକଏ ଆସଥିଲା ତାକ୍ ଦିଦି ମୁଣ୍ଡକେ ବିରି ଟୁପାଟା ଦେଇ କୁ ଗାଁରର କଲୋନୀ ବୁଲି ସିଏ ବିରି ବିକଥିଲା I ସେଇ ବିରିବାଲାକଏ ଦେଖିକରି ଆମେ ନିଖାଲ୍ ଖୁସି ହେଲୁ I ଘରକଏ ଡାକି ଆଣିଥିଲୁ I ତାର୍ ପାଖିରୁ ଏକା ଥର୍‌କେ ସାତ୍ ଆଠ୍ କେଜି ମା ରଖି ଦେତ୍ ଥିଲା I କିନ୍ତୁ ତାର ବିରିଟା କେତେ ପ୍ରକାର ବଡିଆ ବିରି ଥିଲା I ହିଁ ବିରିକେ ଛୁଟି ଦିନେ ମା ବଳି ପାକାଏକରି କେତେ ପ୍ରକାର ପିଠା କରିଦେଇ ଆମ୍‌କଏ ଦେଏ Iସି ଗରିବ ବିରିବାଲା ବୁଢ୍‌ହାଟାର ଗୋଟେ ଗୋଡ ଗୋଦରା ହାତୀ ପାଦ୍‌ଟା ମିତି ହେଲେହିଁ ଟୁପେ ବିରି ମୁଣ୍ଡକେ ବହି ବହି ବିକଥିଲା I ଦିନେ ଦିନେ ବିରି ଟୁପାଟେ ମୁଣ୍ଡକରୁ ଓହ୍ଲାଇକରି ସିଏ ଆମର ପିଣ୍ଡାକେ ଘ ।ଏ ଥକ୍କା ମାରଏ I ମାକଏ ଡାକଏ ମା ଆସଏ ବିରି ନିଅଏ ମା ଡଲା ଧରି ଯାଏ I ବୁଢ୍‌ହା ବିରି କେଜିକେ ମାପଏ ଆମେ ପାଟିକରୁଁ ଦିମୁଠା ଦେଏ I ଆମେ ପଚାରୁଁ କେତେ ପଇସା ହେଲା I ବୁଢ୍‌ହାଟା ମା କଏ କହେ ମାଆ ଦେଖସତା ବଜାରେ ବିରି କେଜିଟା ଦଶ ଟଙ୍କା I ମୁଇଁ ଚାଷୀଲା ଠାରୁ ଭଲ୍ ବିରି ଆଠ ଟଙ୍କାରେ କିଣଏ ତମେ ଯାହା ବିଚାର କରି ଦେବ ଦିଅ I ତମର ପାଖରେ କିସ ଦରଦାମ୍ କରିକି I ବାପା ବଜାରରୁ କେଣ୍‌ସି ଦିନେ ଦଶଟଙ୍କାରୁ କମ୍ ଦି କରି ବିରି ନା ଆଣନ୍ତ I ଆମେ ହେଲେ ବୁଢ୍‌ହା ଠାରୁ ଦିନ୍ ବେଳେ ଆଠ ଟଙ୍କା ପଚାଶ ପାଇସାରେ ବିରି କିଣଇ I ଆଠ ଦଶ କେଜି ବିରି ମାସେ କେତେରେ ସରିଯାଏ I ମା ହିଁ ବୁଢ୍‌ହାକଏ ଜଗିକରି ରହିଥାଏ I ବର୍‌ଷେ ଦି ବରଷ ଯାଏ ହେଲେ ବୁଢ୍‌ହା ବିରିବାଲାର ଡାକ ଆରି ନା ଶୁଣିଲା I ହିଁ ମା ମନ୍ ଦୁଃଖରେ ବାପାକଏ କହଥିଲା I ସେ ବୁଢ୍‌ହା ବିରି ବାଲା ଆଉ ଦେଖା ଦେଖି ନାହିଁ କିସ୍ ହେଲା ତାର I ସିଦନରଇବାର ଥିଲା ଇ.ଟି.ଭି. ଦେଖିଥିଲୁ ବେଗେ ଗଟେ ଡାକ ଶୁଣିଲୁ I ଝିଅ ଝିଅ ଆଇ ଟିକେ ତମକଏ ମୁଇ ଦେଖିବି ତମର ପିଲା ମାନଙ୍କଏ ଦେଖିବି I ଆଖିଲା ପଶି ଘାଇଥାଏ ଭିତର୍ ବେଟେ ଖାଁ ଖାଁ ଖାସି ଖାସି କହିଲା I

ମାଆ ବର୍‌ଷେ କେତେ ହେଲା ଯଖମା ବେମାର ଧରି ପକଲା ପଇସା ପତର ଧାର ଉଧାର କରି ବଣାଇଁ ଡାକ୍ତଖାନା ଯାଇକରି ଭଲ ହିକରି ଆସିଥିଲି ଡାକ୍ତରୀ ଔଷଦ୍ ଆରି କାମନା ଦେଲା ରୁଗ୍‌ଟା ଆରି ଥରେ ଧେର୍‌ଲା I ମୁଁ ଆରି ଧଟି ନା ପାରଲି ଜୀବନ୍‌ଟା ଚାଲିଗଲେ ଭଲ ହିତାକ ବଲା I ତାର୍ କଥା ଶୁଣି ମାର୍ ଆଖିରେ ଲୁହ ଝଳ ଝଳ ହେଲା I ବାକସ୍ ଖୋଲି ୨୦ ଟଙ୍କା ସେ ବାହାର କଲା I ଆମେ ଦେଖିକରି ପଚରାଲୁ ମାତାକଏ କୁଡିଏ ଟଙ୍କା ଦେବ କିସକଏ, ମାଆ ଅଖିରୁ ଲୁହ

ପୋଛି କରି କରି କହିଲା ତାର ବଡ ଇଏ ବୁଢ଼ାକୁ ଦେବାଟା କିସି ନାହିଁରେ, ଏଇଯେ ତାର୍ ପାଖ୍‌ରେ କିସଲା ଥିଆକ । ଆମେ ତାର୍ ଜିନିଷ୍‌ର ମୂଳ ପଇସା ଟିଏ ବି ତାକଏ ଲାଭ୍ କରବା କଏ ଦେଇନା ଥିଲାଇ ତା ଭାବି ବିରି ମୁଠାକେ ଆମର ଲୁଭ ଥିଲା । ଆମେ ଯାହା କରି ଯାସଇ ଖାଲି ନିଜର୍ ଲାଗି କାମକର ସହି କାହାରି ଭଲ୍ ମନ୍ଦ୍ ଅଭାବ୍ ଅସ୍‌ବିଧାରେ ଦିନେବି ଆଖି ଟେକିବା ଚାହିଁ । କାହାକଏ କିସି ଦେବାକଏ ଲୁଭାଇ ଯାଆସଏ ଖାଲି ସିମାନକଏ ଘରକଏ କେବେ ହେଲେ ହିଁ ଖାବାକଏ ନାଡାକ ଏଲା ମାଇଲାଗ ଆ ।କେ ଲୁଗା କାନିଟା ଭିଳି ଦେଲା ରାନ୍ଧବାକଏ ଘରେ ପଶି କେତେ କିସ୍ କିସ୍ ରାନ୍ଧ୍‌ଲା । ଯେମତ୍‌କି ବାପାର ଅଫିସ୍ କାମ୍ ସାରିକରି ଆସିଲାଏ । ମାକଦଳୀ ପତର ବିଛାଲା ବୁଢ଼ାକଏ ମା ମନଖୁସିରେ ଖୁଆଏ ଦେଲା । ବୁଢ଼ା ବଡ ଖୁସିରେ ଖାଇସାରି କହିଲା ମାଲୋ ଆଜି କିସପନ୍ ଚାହିଁ ଉଠିଥିଲି କେଜାଣ୍ ତୁର୍ ହାତର ଅମୃତ ପରଷା ଖାଇଲି ବୋଲି କହିଲା । ଭଗବାନ୍ ତକଏ ଅହିସୁଲ କ୍ଷଣିକରି ରଖୁ । ତୋର ପିଲାଛୁଆର ଆୟୁଷ ବଢୁ । ମା କାନିରୁ କୁଡିଏ ଟଙ୍କା ବାହାର କରି ବୁଢ଼ା ହାତରେ ଗୁଞ୍ଜି ଦେଇକରି କହିଲା ମଉସା ଯେତେବେଳେ ତମର ମନ୍ ହେବ ଏ ଠିକ୍ ଚାଲି ଆସିବ । ତମର ଓଷଦ ପତର ଲାଗି କିସି କିସି ନେଇ ଯାଆଥିବ । ଆରି ତମକଏ ମନ୍‌ଭରି ଖଣ୍ଡେ ଖୁଆଇ ପାର୍‌ଲେ ମୁଇ ଶାନ୍ତି ପାଇବି ବଲା ।

ଶବ୍ଦାର୍ଥ –

| | | |
|---|---|---|
| ବିକିବାକଏ | - | ବିକ୍ରି କରିବାକୁ |
| ମୁଣ୍ଡକେ | - | ମୁଣ୍ଡରେ |
| ଆମକଏ | - | ଆମକୁ |
| ଗୋଦରା | - | ମୋଟା |
| ପିଣ୍ଡା | - | ବାରଣ୍ଡା |
| କେଣସି | - | କୌଣସି |
| ହିଁ | - | ସେମାନେ |
| ଆଗରମିତି | - | ଆଗର ପରି |
| ପଞ୍ଜରାଳା | - | ଦେହର ପଞ୍ଜରା ହାଡ |
| ଖାସି ଖାସି | - | କାଶ ହେବା |
| ବରଷେ | - | ବର୍ଷେ |

| | | |
|---|---|---|
| ଆରି | - | ବହୁତ |
| ନା | - | ନାହିଁ |
| କିସି | - | କିଛି |
| କିସ୍ | - | କଣ |
| ଗୁଞ୍ଜି | - | ରଖଦେଲା |

## ସିଆଳ ବଖାଣି

ଏକଥିଲା ସାଧବ ବୁଢ଼ା । ସିଏ ଡାୟ ବିରିଙ୍ଗା ତାସ କରି ଚଳୟ । ଦିନେ ତାର ଡାୟ ଧାନ କୟ୍ ଯାଇ ଦେଖିଲା ଯେ ଟିକ ଟିକ ମୂଷା ଖାସନ୍ତ । ରାଘେ ସିଏ ଚିଟିକା ଫାସ ଅଡିଦେଲା । ଆରଦିନ ଯାଇ ଦେଖିଲା ଯେ ଗଟେ ଟିକ ଟିକା ମୂଷା ଲାଗିଥାଏ । ରାଘେ  ମୂଷା ଟାକୟ ମାରିଦେବି ବଲି କହିବା ବଳେ ମୂଷା କହିଲା ମକୟ୍ ମାର ନାହିଁ, ମୁଇଁ ତୋର ଉପକାର କରିବି ବୋଲି କହିଲା । ମୁଇଁ ତକୟ ବଡେ ଧର୍ମ କରିବି ମକୟ ଘରେ ନିକରି ପୁଶ୍ । ଚିନ୍ତା କରି ଏମିତି ଶୁଣି ସାଧବ ବୁଢ଼ା ମୂଷାକଏ ଆଣି ପଶିଲା ।

ଦିନେ ସାତଟା ସିଆଳ ବୁଢ଼ାର ମନ୍ଦକଥା ଭାବିଲାଇଁ । ବୁଢ଼ା ରହ୍ଣା କରିଥାଏ । ସାତଟା ଯାକର ଶିଆଳ ରାତିରେ ରହ୍ଣା ଚୁରାଏ ଯିବା ବୋଲି କଥା ହେଥାନ୍ତ । ମୂଷା ସି କଥା ଶୁଣଥାଏ । ପଶେ ଘଟକି ଆସି କହିଲା ଏ ସାଧବ ବୁଢ଼ା ଦେ ଦେ ଖାଏଁ ଚୁଟ୍ ଚୁଟ୍, କହିବି ପୁଟ୍ ପୁଟ୍ । ବୁଢ଼ା ଖାବାକୟ ଦେଲା । ଖାଇସାରିଲା ଠାଣୁ ବୁଢ଼ା ବଲା କିସ୍ ହେଲା ? ମୂଷା ବଲା ଆଜିତୋର ରହ୍ଣା ଚୁରାଏ ଆସିମାଏଁ ସିଆଳେ । ବୁଢ଼ା ବଲା କେମନ୍ତ କରିବି ? ମୁଇଁ ଯାଇ ସିଠିକି ଗଲା । ରାତିରେ ପାସ୍‌କେ ଠେଙ୍ଗାଟିଏ ରଖିଥାଏ । ଶୋଇପଡି ଫିସାକେ କୁଙ୍କୁଲୁ ପକ୍ଲା ଦିଥାଏ । ସିଆଳେ ରହ୍ଣା

ତଳି ବହି ଲାଇଁ କେଣ୍ଠି ପୁଳିବ ? ଦେଖିଲାଇଁ ବୁଢ଼ାର ଫିସାକେ ଡିଗ୍‌ଡାଗ୍ କରଥାଏ । ସେଟାକୟ ନିଆ ବୋଲି ଭାବି ତୁଳିବାକୟ ଆଣିଲାଇଁ ହାର ଫିସାକେ ଦେଲାଇଁ । ସାଧବ ବୁଢ଼ା ଫୁସ୍ କରି ପାଡିଦେଲା । ସିଆଳଲା ବଲାଇଁ କି ଦେଖ ତୋରଟା ସିଝିଲା ବୋଲି କଥା ହିକରି ଖାଆଥାନ୍ତ । ବଡଦେଖି କରି ଉଠଣି ଦେଲା

ଠେଙ୍ଗେ ଗୋଟେ ମଲା ।

ଆରିଦିନେ ହିମିତି ସାଧବ ବୁଢ଼ାର ସେଏଲ୍ ଚୁରାଇ ଯିବା ବୋଲି ବିଚାର କଲାଇଁ ସିଆଳେ । ଟିକ୍ ଟିକ୍ ମୂଷା ସିଠି ଶୁଣଥାଏ । ଚୁଟ୍ କରି ଘଟ୍‌କି ଆସ ଅଣ୍ ମୂଷା ବଲା ଏ ସାଧବ ବୁଢ଼ା ଏ ସାଧବ ବୁଢ଼ା ଦେ ଦେ ଖାଏଁ ଚୁଟ୍ ପୁଟ୍ କହିବି ଫଟ୍‌ଫଟ୍ ଖାବାକଯ଼ ଦେଲା । ଖାଇସାରି ବଲା ଆଇଜ୍ ସାଧବ ବୁଢ଼ା ତର ସେଳି ନା ରହନ୍ତ । ସିଆଳେ ଚୁରାଇ ଆସିମାଇଁ । ସାଧବ ବୁଢ଼ା ବଲା ଠିକ୍ ଆସି । ଦେତା ବୁଢ଼ୀ କଟ୍‌ଅର ଦୁଇଟା । ସାଧବ ବୁଢ଼ା ସେଇଳ ଗଧଳି କଟଳ । ଧେରିକରି ଜଗିଥାଏ । ସିଆଳେ ଆସିଲାଇଁ । ଗଧଳି ଢୁକିକରି ଦେଖିଲାଏଁ ବଡ୍‌ଟା ନେମା ବୋଲି ବାସ ଥାଆନ୍ତ, କଟ୍ ଅର୍ କେଚେଁ ଉଡ କରି ଗବିଦେଲା । ଆଗରଟା ବଲାକି ବଡେ ମେଣ୍ଟସି । ଆରିଗଟେ ଗଲା, ତାହାକଯ଼ ହିଁ କଟ୍‌ଅର୍ କେ ଗବିଦେଲା । ନିଖାଲ ପଶେ ବଡଟିଏ ଗଲା ତାହାକଯ଼୍ ଜୋର ଗବିଦେଲା ଯେ ମରୁଆଇଣି । ଆରଲା ଘଟ୍‌କି ପଳାଲାଇଁ ।

ଆରିଦିନେ ହିମେତି ସିଆଳେ ଏକାଠି ବସି କରି ପାଂସଟା ଯାକ କଥା ହେଲାଇଁ ଯେ ଆଇଜ୍ ସାଧବ ବୁଢ଼ାର ନଙ୍ଗଳକେ ପଂଶି ହେବା । ଇ କଥା ମୂଷା ଶୁଣଥାଏ । ଘଟ୍‌କି ଆସି କହିଲା ଏ ସାଧବ ବୁଢ଼ା ଦେତା ଦେ, ଖାବାକଯ଼୍ ସଟ୍ ସଟ୍ ଖାଦି ଫଟ୍ ଫଟ୍ କହିବି । ଖାବାକଯ଼ ଦେଲା । ଖାଇସାରି କହିଲା ଯେ ଆଇଜ ତୋର ନଙ୍ଗଳକେ ସିଆଳେ ପଂସି ହେମାଇଁ । ସାଧବ ବୁଢ଼ା ହଁ ବଲା । ନଙ୍ଗଳଟାର ସବୁଆଡେ ସୁରା ବାନ୍ଧିଦେଲା । ସିଆଳେ ଆସି ପଂସି ହେଲାଇଁ । ଗଟେ ତାର ରକତ୍ ବାହାରଥିଲା ବେଳେ ହଁ ମୋର ଫଁସା ପାନ୍ ଖସି ବଲି କହିଲା । ଆରିଜଣେ ବଲା ମୋର ଫଁସା ପାନ ଖାସି ଯିଏ ପସେ ଥିଲା ସିଏ ଜୋର କରି ଜାଙ୍କି ହିଁ ପଂସି ହେଲା ଫଁସା ଦିଫାଳ ହେଲାଯେ ମଲା । ଆରି ରହିଲା ନାଇଁ ଚାରିଟା ।

ଦିନେ ଶିଆଳେ ଏକାଠି ବିଚାର ହେଲାଇଁ ଯେ ଆଇଜ ସାଧବ ବୁଢ଼ାର ବଇତାଉଳ ଚୁରାଇ ଯିବା । ମୂଷା ଇ କଥା ସାପିକରି ଶୁଣଥାଏ । ଘଟ୍‌କି ଆସି ଟିକ୍ ଟିକା ମୂଷା ବଲାକି ଏ ସାଧବ ବୁଢ଼ା ଏ ସାଧବ ବୁଢ଼ା ଦେ ଦେ ଖାବାକଯ଼ ଚୁଟ୍ ପୁଟ୍ କହିଦେବି ଫୁଟ୍ ଫୁଟ୍ । ଖାବାକଯ଼ ଦେଲା । ଖାଇସାରି ବଲାଯେ ଆଇଜ୍ ସାଧବ ବୁଢ଼ା ତୋର ବଇତାଉଲ୍‌ନୁ ନା ରହଇ । ସିଆଳେ ଚୁରାଇ ଆସିମାଇଁ । ସାଧବ ବୁଢ଼ା କୁଣ୍ଡା ଖାଇକରି ପାଆଇଣ୍ ପିଇଲା । ଗଟେ ଶିକାକେ ଉକ୍‌ଚି ହେଲା ବଇତାଉଲ୍

ଥିଲାଟି ଥାଅଇ । ଶିଆଳେ ଆସିଲାଇଁ । ଜଣେ ଗଲ ହାର ଧରି ଦେଖିଲା ହିଁ ବଳେ ସାଧବ ବୁଢ଼ା ଭର୍ ଭର୍ କରି ହଗିଦେଲା । ସିଆଳ୍‌ଟା ବଲାକି ପଚିସିନେ ବେୟ୍ । ଆରି ଜଣେ ଗଲା ହାର ଥିର୍‌କରି ଟେକିଦେବି ବଲଥାଏ, ଭର୍‌କରି ହଗିଦେଲା । ସିଏ ହିଁ ବଲା ପଚିସିନେ ବେୟ୍ । ବଡ ଶିଆଳଟା ଯାଇକରି ଟେକି ଦେବି ବଲଥାଇ ସାଧବ ବୁଢ଼ା ଦେଲା ଠେଙ୍ଗେ ଯେ ଗଟେ ମଲା ।
ଆରି ରହିଲାଇଁ ତିନ୍‌ଟା ।

ଆରିଦିନେ ଶିଆଳେ କଥା ହେଲାଇ ଯେ ଆଇଜ୍ ସାଧବ ବୁଢ଼ାର ଟିକି ବଦାମ୍ ଗସ୍‌କେ ଦଳି ଖେଳି ଯିବା । ମୂଷା ଶୁଣଥାଏ । ଘଟ୍‌କି ଆସି ବଲାକି ଏ ସାଧବ ବୁଢ଼ା ଦେ ଦେ ଖାଇଁ ଚୁଟ୍ ପୁଟ୍ କହିବି ଫୁଟ୍ ଫୁଟ୍ । ଖାବାକଯ୍ ଦେଲା । ଖାଇସାରି ବଲାଯେ ଆଇଜ ଶିଆଳେ ତୋର ବଦାମ ଗସ୍‌କେ ଦଳି ଖେଳିମାଇଁ । କେମନ୍ତ କରିବେ ? ସାଧବ ବୁଢ଼ା ଗସ୍‌ଟାର ମୂଳେ ଡାଯ୍ ଟା ଅଧାକରି କାଟିଦେଲା । ଗଟେ ଗଲା ଦଳି ଖେଳିଲା । ଭଲ୍ ଉଡ୍‌ସି ବେୟ୍ ବଲା । ଆରିଗଟେ ଗଲା ଖେଳିଲା । ପଶେ ବଡଟା ଥିଲା । ସିଏ ଜୋର କରି ହଣକାଯ୍ ଦେଲା ବଳେ ଡାଳଟା ଭାଙ୍ଗିଲାଯେ ଡାଳ ଜାଙ୍କି ଦେଲା, ସିଏ ମଲା । ଆରି ରହିଲାଇଁ ଦୁଇଟା ।

ଦିନେ ଦୁଇଟା ଯାକର ଶିଆଳ କଥା ହେଲାଇଁ ଯେ ଆମେ ସବୁ ଇମେତି ଗଟେ ଗଟେ କରି ମରିବା । ଚାଲ ରାଉଳିଆ ଗଟେ ଖଜିଯିବା । ଇକଥା ମୂଷା ଶୁଣଥାଏ । ଯାଇକରି ସାଧବ ବୁଢ଼ାକଯ୍ ବଲା ଏ ସାଧବ ବୁଢ଼ା ଦେ ଦେ ଖାଏଁ ଚୁଟ୍ ଚୁଟ୍ କହିବି ପୁଟ୍ ପୁଟ୍ । ଖାବାକଯ୍ ଦେଲା । ଖାଇସାରି ବଲାଯେ ଆଇଜ୍ ସିଆଳେ ରାଉଳିଆ ଖଜି ଯିମାଇଁ । ତୁଇଁ ଯା ଧୁଣା ଅଳତା, ସୁନ୍ଦୁର୍ ଭଲ୍‌କରି ବାଟେ ବାଟେ ଚାଲ ଥିବେଲେ ଭେଟାବି । ସାଧବ ବୁଢ଼ା ରାଉଳିଆ ଭେସ୍‌ରେ ବାଟ୍‌କେ ଯାଥାଏ । ସିଆଳମାନଙ୍କଯ୍ ଭେଟେଲା । ବଲାଇଁ ଯେ ଏ ବୁଢ଼ା କାହିଁ ଯାଶଅସ୍ । ସାଧବ ବୁଢ଼ା ବଲା ମୁଇଁ ରାଉଳିଆ କାମ୍‌ରେ ଯାସଇଁ । ସିଆଳେ ବଲାଇଁ ଯେ ଆମେ ହିଁ ତା ରାଉଳିଆ ଖଜି ଯାସୁଁ । ଚାଲ ଆମର ଅକତା ଚାଉଳ ଦେଖିଦେ ଆମେ କିସ୍‌କଯ୍ ସବୁ ମରି ମରି ସରମୁଁ । ସାଧବ ବୁଢ଼ା ବଲା ଚାଲ ମର ଘରକଯ୍ । ଗଲାଇଁ ସାଧବ ବୁଢ଼ା ସିଆଳ ମାନଙ୍କଯ୍ ଗଟେ ଘରେ ଢୁକାଇ ଦେଲା । ଭିତିରେ ସିଏ ରାଉଳିଆ ହେଲା । ବଲାଯେ ତମେ ସବୁ ପରର ଖରାପ ଗୁଣ ଭାବସ । ସିଘେନି ମରସ୍ ବଲାହାର ଠେଙ୍ଗାଟା ବୁଲାଇ ବୁଲାଇ ପିଟିଲା । ଗଟେ ମଲା,ଗଟେ କବାଟ ଖୁଲି ବାହାରି ପଳାଲା । ସି ସିଆଳ ବ ିଲା ଯେ ସଂସାରରେ ସୁଆପୁଲା କରି ନାମ

ରଖିଲା । ମର କଥାଣି ସଲା ବାଇଗଣ ପତରେ ମଲା ।

## ସେଲିଆ ଟକା

ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଏରିଆରେ ଫୁଲ୍‌ଝର୍ ଗାଁର ଉ  ର ପୁରୁବ୍ ଦିଗ୍‌ରେ ଗଟେ ବଡ ପର୍ବତ ଆସି । ସି ପର୍ବତ୍‌ରେ ସତ୍ ଯୁଗ୍‌ରେ ଗଟେ ଟକା ଥିଲା । ସିଏ ସବୁଦିନ ସେଏଲ ଚରାଇ ନେଏଁଇ । ତାହାକଯ଼ ଦେଖିକରି ଲକ୍‌ଲା ସି ପର୍ବତ ଟାକଯ଼ ସେଲିଆ ଟକା ବୋଲି ନାଉଁ ଦେଲାଏଁ । ସେଲିଆ ଟକା ପର୍ବତ୍‌ରେ ଯୁଆଙ୍ଗ ଜାତ ଲୋକ ଥିଲାଏଁ । ତାହାଙ୍କେ କରମା ପୂଜା କରଅନ୍ତ୍ ।ଦିନେ ଯୁଆଙ୍ଗ ଜାତିର ଟକା ଟକି କରମା ଖେଲିବାର ଲାଗି ସକାଣୁ ଗାଧି ଯାଇ ଥାଆନ୍ତ । ସେଲିଆ ଟକା ଦେଖିକରି ବଲାଯେ ତୁମେ କିସ୍ କରସ ବେୟ୍ । ତାହାଙ୍କେ ବଲାଏଁ ଆମେ କରମା ପୂଜାରେ କରମା ଡାଳକଯ଼ ପୂଜା କରିମୁ ଯେ ଗାଧି ଆଇସୁଁ । ସେଲିଆ ଟକା ବଲା ମୁହିଁ ଖେଲିବି, ମକଯ଼ ହିଁ ମେସାବ କିନାଇଁ । ହଁ, ତୁଇଁ ତା ଭାତଖାଇ ସଅସ୍ ନେ । ଆମେ କାହ୍ଲର୍ ରାତିରୁ ଉପାସରେ ଆସୁଁ । ସିଏ ବଲାକି ମୁହିଁ ଭାତ ନା ଖାଇ । ତାହାଙ୍କେ ଖାଇସଅସ ବଲାଏଁ, ସିଏ ନାହିଁ ବଲା । ଇମିତି ରେଙ୍ଗା ରେଙ୍ଗି ହେଲାଇଁ । ପସେ ବଲାଇଁ କି ଦେତା ତୋର ଟୁଣ୍ଡକେ କାଠି ମାରୁଁ ଭାତ୍ ବାହାରିଆକ୍‌କି ନାଇଁଯେ । ସିଏ ବଲା ହଁ ଦେ ମାର । ସବୁରିର୍ ଟୁଣ୍ଡରେ କାଠି ମାରିଲାଇଁ ଭାତ୍‌ନା ବାହରିଲା ତାହାର ଟୁଣ୍ଡରେ ମାରିଲାଇଁ ଯେ ଭାତ ବାହାରିଲା । ସେ ଲାଗି ସିଏ ରେଙ୍ଗି ଥିଲାଯେ ଲାଜଖିଆ ହେଲା । ଲାଜେସିଏ ଯୁଆଙ୍ଗ ମାନ୍‌କଯ଼ ସାଇପ ଦେଲାଯେ ଯାଶଳାଏ ଆଜ୍‌ଠାଣୁ ମର ବଣାଇଁ ଏରିଆ ପାଦ ନା ମାଣ୍ଡିବ । ଯଦି ମାଣ୍ଡିବ ସାତ୍ ସଇତା ନିଆଁମ କରିଦେଲି ଯେ, ନିଃବଂଶ ହୋଇଯିବ । ସିଘେନି ଯୁଆଙ୍ଗେ ବଣାଇଁ ଏରିଆରେ ବସବାସ କରି ରହନ୍ତ ନାହିଁ ।

ଶବ୍ଦାର୍ଥ :- ଗଟେ - ଗୋଟିଏ
ଆସି - ଅଛି
ସି - ସେଇ
ଟକା - ଟୋକା
ସେଏଲ୍ - ଛେଳି
ତାହାକଯ଼୍ - ତାହାକୁ
ସେଲିଆ - ଛେଳି ଚରିଆ

କରମା - ଆଦିବାସୀଙ୍କ ଭୂୟାଁ ମାନଙ୍କର ଏକ ପୂଜା
ତାହାଙ୍କେ - ସେମାନେ
ସାଇପ୍ - ଅଭିଶାପ

## ସାତବାରି ଗୀତ

୧) ଗୁରୁବାରେ ଗୁରୁ ହାଟ
ଗୁଆପାନ ଧରି ଜଗିଲି ବାଟ
କେଭେ ନ ପାଇଲି ଭେଟ ।
୨) ଶୁକୁରବାରଟି ଶୋକ
ସୁଖି ଦିହଟାକୁ କରୁଛ ଦୁଃଖି
ହସିଦେବେ ପର ଲୋକ ।
୩) ଶନିବାରେ ଶନି ଦିନ
ତତେ ଘଟିଥିଲା କାଳିଶ କନି
ମଣିଷ ନପାର ଚିହ୍ନି ।
୪) ରଇବାରେ ରଇରଥ
କେଣେ ଚାଲିଗଲେ ମୋ ପ୍ରାଣ କାନ୍ତ
ଆସି ହେଲା ନୂଆଁ କାନ୍ତ ।
୫) ସମବାରେ ସମଲେଖା
ଲେଖାଲେଖି ଦେବି କାଗଜ ଲେଖା
ଜଲଦି ଆସିବ ଏକା ।
୬) ମଙ୍ଗଳ ବାରଟି ମଙ୍ଗା
ପାନ ଭାଙ୍ଗିଥିବ ଅଠର ଗଣ୍ଡା
ଖଣ୍ଡେ ଖାଇ ମନ ଥଣ୍ଡା ।
୭) ବୁଧୁବାରେ ବୁଧୁସର
ଏ ଗୀତ ଭଇଲା ଭମରାବର
ଏ ଗୀତ ନୂହେଁ କାହାର ।
୮) ଘ ିଆ ବାଜଇ ଟିଣି

ସାତବାରୀ ଗୀତ ହେଲା ମେଲାଣି
ଆଉ ନ ଆସିବ ପୁଣି ।

## ରାଜା ରାଣୀ ଗୀତ୍

୧- ଟାଡ ଗଲା କହୁଣୀକି ସତେ ଦରବାର ସିଡେ ନାହିଁ କି
ଚାଲି ଯିବା କେଝେଂରିକି ।
୨- କେଝେଂରିରେ ନୂଆ ରାଜା ତା ଆଗେ ବଜ୍‌ସି ତେଲେଙ୍ଗି ବାଜା
ସିଦ୍ଧ ମୁଠେ କାଳୀ ପୂଜା ।
୩- ସାନ ରାଣୀ ଧରି ଗଲେନି ବନ୍ ତିଳେ ନାହିଁ ହେତୁ ଜ୍ଞାନ ।
୪- ପନ୍ଥ ଚାଲି ଚାଲି ଗଲେ ସତ୍ୟ ଆମ୍ ଫଳ ଗଟେ ତଳିଲେ
୫- କୌଶଲ୍ୟା ଗଲା ଗାଧଇ ପଲଙ୍କ ବିଛାଇ ଫଳ କାଟଇ
ଖାଇବାକୁ ଫାଳେ ଦେଇ ।
୬- ଖାଇବାକୁ ଫାଳେ ଦେଲେ ଦଶ ମାସ ହୋଇ ପକ୍ଷ ଧଇଲେ
ରାମ କୃଷ୍ଣ ଜନ୍ମ ହେଲେ ।
୭- ରାମକୁ ଦିନ ପନ୍ଦର ରାମ ଖେଳୁସନ୍ତି ବଡ ଦାଣ୍ଡର
ତା ସଙ୍ଗେ ଲକ୍ଷଣ ବୀର
୮- ରାମ ଖେଳୁଛନ୍ତି ବାଟୁଳା ଜୁଳି ଦେଖିଲେ ପଡିବ ଟଳି ।
୯- କ । ହଳଦୀର ବନ ସାନ ରାଣି ଧରି ଗଲେନି ବନ
ତିଳେ ନାହିଁ ହେତୁ ଜ୍ଞାନ ।
୧୦- ପନ୍ଥ ଚାଲି ଚାଲି ଗଲେ ସେ ଘୋର ବନକୁ ଯାଇ ମିଳିଲେ
ବୃକ୍ଷ ମୂଳେ ଠାବ ହେଲେ
୧୧- ଆହାରେ ରାଜା ମୋହର ବଖ କଲ ଫଳ ଦିଅ ଏଥର
ବଖରେ ହେଲି କାତୁର ।
୧୨- ଦେଖ ଯେ ପର୍ବତ ମାଳ କେତେ ବାଘ ଭାଲୁ ଗଣ୍ଡା ଗୟଳ
କାହୁଁ ଆଣୀ ଦେବି ଫଳ ।
୧୩- ରାଜା ମନେ ବିଚାରିଲା ଫଳ ଆଣିବାକୁ ଗବନ କଲା
୧୪- ଅଙ୍ଗର ମାଉଁସ ଫାଳେ କାଟିଲା ରାଣୀଙ୍କୁ ନେଇ ଭେଟିଲା ।
୧୫- ଆହାରେ ରାଣୀ ମହର ଜନ୍ତୁ ମାଉଁସକୁ ଭଜଣା କର
ବଖ ମରିଯିବ ତର ।
୧୬- ପଙ୍ଖରିରେ ନାଲ କଇଁ ଜନ୍ତୁ ମାଉଁସକୁ ରାନ୍ଧିବ ନାହିଁ
ମର ଦିହ ସୁଖ ନାହିଁ ।
୧୭- ଶିଳରେ ସେଚିଲି ଖେଲା ଜନ୍ତୁ ମାଉଁସକୁ ରାଜା ରାନ୍ଧିଲା
ନେଇ ସେ ରାଣୀକୁ ଦେଲା ।

୧୮- ଆଣି ଦେଲ ଫଳ ପୁରିଲା ପେଟ ଚାଲ ରାଜା ଆଗେ ବାଟ
୧୯- ବାଟ ଚାଲି ଚାଲି ଗଲେ ସେ ଘୋର ବନକୁ ଯାଇ ମିଳିଲେ
ରାଣୀଙ୍କୁ ଶୋଷ କରିଲେ ।
୨୦- ଆହାରେ ରାଜ ମହର ଶୋଷ କଲା ଜଳ ଦିଆ ଏଥର
ଶୋଷରେ ହେଲି କାତର ।
୨୧- ଶୀଳରେ ସେଟିଲି ଖେଲା ଶିଆଳି ପତର ଚଉତି କଲା
ଅଙ୍ଗ ଫାଳି ଲୁହ ଦେଲା ।
୨୨- ଆହାରେ ରାଣୀ ମହର ଆଣି ଦେଲି ଜଳ ପିଅ ଏଥର
ଶୋଷ ମରିଯିବ ତର ।
୨୩- କ । ହଳଦୀର ବନ କି ଜଳ ଆନିଛ ରକତ ବନ
ପିଇବାକୁ ନାହିଁ ମନ ।
୨୪- ଦେଖ ଯେ ପର୍ବତ ମାଳ ସାତ ଟୁଭା ପାଣି ହିଞ୍ଜୁଳ ତାଳ
ପଲୁସି ଗସ ପତର ।
୨୫- ଆଣିଦେଲ ଜଳ ମରିଲା ଶୋଷ
ଚାଲ ରାଜା ଆଗେ ପନ୍ଥ ।
୨୬- ପନ୍ଥ ଚାଲି ଚାଲି ଗଲେ ସେ ଘୋର ବନରେ ଯାଇ ମିଳିଲେ
ଯମୁନା ଫାଳେ ବଢ଼ିଲେ ।
୨୭- ଆହାରେ ରାଜ ମହର କିଶ ଦେଇ ନାବ ହୋଇବା ପାର
ଚାଲ ରାଜା ଘର ଫେର ।
୨୮- ରଙ୍ଗି ଧାନ କେରା କେରି ମୋର ହାତେ ଆସି ସୁନା ଝିଞ୍ଜିରି
ସେ ଦେଇ ହଇବା ପାରି ।
୨୯- ଆହାରେ ନାଉରି ଭାଇ ଧିରେ ଧିରେ ନାବ ଆଣନା ବାହି
ମୁଇଁ ଯିବି ତର ହୋଇ ।
୩୦- ତାଳ ପତ୍ର ଖର ଖାର ସଙ୍ଗରେ ଅସନ୍ତି ଗିରସ୍ତ ତର
କେ ପରେ ହେବ ମହର ।
୩୧- ନାବ ବାହି ବାହି ନେବା ମଝି ଧାରିଆରେ ଭସାଇଦେବା
ଆମେ ଦୁହେଁ ପଳାଇବା ।
୩୨- ଜଡା ତେଲ ବେଲେ ବେଲେ ମଝି ଧାରିଆରେ ଭସାଇ ଦେଲେ
ତାଙ୍କେ ଦୁହେଁ ପଳାଇଲେ ।
୩୩- ରାଜା ଭାସି ଭାସି ଗଲା ସେ ଘୋର ବନକୁ ଯାଇ ମିଳିଲା
ହରି ହରି ଡାକ ଦେଲା ।
୩୪- ଘିଆ ବାଜଇ ଟିଣି ତାଙ୍କ ଘରେ ଥିଲେ ପାଇକ ତିନି
ରାଜାକୁ ରଖିଲେ ଛଣି ।
୩୫- ଆହାରେ ତରୁଅ ସୁଟା ଆଉ କେତେ ଦୁର ତୁମ ଘରଟା
ଦିଶୁସି ସୁସା ମେଲାଟା ।

୩୬- ମୋ ଘରେ କିସି ନାଇଁନି ବାର ବରଷର ପାଉଁସ ଆସି
ଘରେ ଝୁରୁଥିବୁ ବସି ।
୩୭- ପାଚିଲା ଆମର ଟାଙ୍କୁ କିଏନେଇ ଦେତା ଧୁର ବନକୁ
ବାଘ ଖାଇ ଦେତା ତାକୁ ।
୩୮- ଖୁ ।ରେ ଉଠିଲା ଗେଣ୍ଡା ଖାନ୍ଦରେ ବନ୍ଧୁକ ହସ୍ତରେ ଖଣ୍ଡା
କରିଦେବି ଗୁଣ୍ଡା ଗୁଣ୍ଡା
୩୯- ଖଣ୍ଡି ମାଟି ଦସ୍ ଦାସ୍ ରାଜା ରାଣୀ ଗୀତ ହୋଇଲା ଶେଷ
ବଣା ହୋଇଥିବ କିସ ।
୪୦- ଚାଟିଆରେ କ । ପାଣି ରାଜା ରାଣୀ ଗୀତ ହେଲା ମେଲାଣି
ଆରି ନାହିଁ ଲେଉଟାଣି ।

ପରୁଷୋ ମ ନାୟକ

# ମାକଳ ବଖାଣି

ଏକ ଥିଲା ସାଧବ ବୁଢ଼ା । ତାହର ସଅଟା ଝିଇ । ସଅ ଭଉଣୀ ଯାକ ଦିନେ ଝରଣା କୟ ଗାଧି ଗଲାଇଁ । ହଳଦୀ ବାଟିଲାଇଁ । ସଅଝଣ ଯାକ ସ ଭାଗ କରିଲାଏଁ । ଆରି ଭାଗେ ଅଧିକା ହେଲା । ସାନ୍ ଭଉଣୀ ଗେଲେଇ । ସିଏ ଡାକିଲା ଯେ ଆସରେ କିଏ ଝାଳେ ବଣେ ଆସ ହଳଦୀ ମାଖିବଲେ । ମାକଳ ଟା ଘଟକି ଆଇଲା । ହଳଦୀ ଖଣ୍ଡକ ଫିସା କେ ଘସି ଦିକର ଲୁଗା ଖଣ୍ଡକ ଭଇ କରି ଘଟକିଲା । ସଅ ଭଉଣୀ ଯକ୍ ଗାଧି ବୁଡି ସାରିକରି ପଦାକେ ବାହରିଲାଇଁ । ଜୁଝାର ଲୁଗା ଜେଝେ ପିନ୍ଧିଲାଏଁ । ଗେଲେଇ ଲୁଗା ନଇଁ । ଦେଖିଲାଏଁ ଯେ ମାକଳ ଟା ଭଇ କରି ଗସ୍‌କେ ଉଠିସି । ଆସ ମୋର ଲୁଗା ଟା ଆଣି ଦେଅ ବୋଲି କହିଲା । ଯା ଶାଳି ତୁଇଁ ମାଙ୍ଗିକରି ଆଣ । ତୁଇଁ ସେନା ଡାକିଲେ । ଟାଙ୍ଗର ଖାବଡି ପିଟିଲାଏଁ ଯେ ନା ଦେଲା । ପସେ ଫାସ୍ ଭଅଣୀ ଯାକ ସାଡି କରି ପଳଲାଇଁ । ଗେଲାଇ ପସେ କାନ୍ଦି କାନ୍ଦି ମାକଳ ଟା ସାଙ୍ଗେ ଡଗିରିଲା ।

ଦେବ ମାକଳ ଲୁଗାଟା ବଲେ ଶୁଣତ
ମାକଳ ବଲେ ନା ଦେଇଁ ବଲେ ଶୁଣୁତ
ଭେଣେଇଁ ବଲେ ଦେବି ବଲେ ଶୁଣୁତ
ଦେବ ଭେଣେଇଁ ଲୁଗାଟା ବଲେ ଶୁଣୁତ
ଭେଣେଇଁ ବଲେ ନା ଦେଇ ବଲେ ଶୁଣୁତ
ସଙ୍ଗାତ୍ ବଲେ ଦେବିଗୋ ବଲେ ଶୁଣୁତ
ଦେବ ସଙ୍ଗାତ୍ ଲୁଗାଟା ବଲେ ଶୁଣୁତ
ସଙ୍ଗାତ ବଲେ ନା ଦେଇଁ ବଲେ ଶୁଣୁତ
ଘଇତା ବଲେ ଦେବିଗୋ ବଲେ ଶୁଣୁତ

ଦେବ ଘଇତା ଲୁଗାଟା ବଲେ ଶୁଣୁତ

ଲୁଗାଟା ଦେଲା ପିନ୍ଧିଲା ।

ତୁମକୁ ବଲିବ ସାମୀ   ବଲେ ଶୁଣୁତ
ଆରି କେତେ ଦୂର ଘରଗୋ   ବଲେ ଶୁଣୁତ
ତୁମକୁ ବଲିବି ଗେଲେଇ   ବଲେ ଶୁଣୁତ
ଆଉ ଖଣ୍ଡେ ଧୂର ଆସିଗୋ   ବଲେ ଶୁଣୁତ
ଶୋଷ ଭୁକ ମତେ କଲାଣି   ବଲେ ଶୁଣୁତ
କଦଲୀ ବାଳିଟା କାହାର   ବଲେ ଶୁଣୁତ
ତୁମକୁ ବଲିବି ଗେଲାଇ   ବଲେ ଶୁଣୁତ
କଦଲୀ ବାଳିଟା କାହାର   ବଲେ ଶୁଣୁତ
କଦଲୀ ବାଳିଟା ମହରବଲେ ଶୁଣୁତ

ତିନି ଫେଣାକି ଚାରି ଫେଣା କଦଲୀ ଆଣି ଦେଲା । ଗେଲେଇ ବସିକରି ଖାଇଲା । ଆରିଥରେ ଚାଲିଲାଇଁ ଖଣ୍ଡେ ଧୂର ଗଲାଇଁ ।

ଆଉ କେତେଧୂର ଘରଗୋ   ବଲେ ଶୁଣୁତ
ତତେ ମୁ ବୁଲଇ ଗେଲେଇ   ବଲେ ଶୁଣୁତ
ଆଉ ଖଣ୍ଡେ ଧୂର ଆସଗୋ   ବଲେ ଶୁଣୁତ
(ଗେଲେଇ)- ଶୋଷ କଲା ଜଳ ଦିଅଗୋ   ବଲେ ଶୁଣୁତ
ମାକଳ ସୂତ କରି ପାଣି ନି ଦେଲା
ବିରବିରା ବିରବିରା ବାସସି   ବଲେ ଶୁଣୁତ
ପଶେ ମାକଳ ଭିଳାକୟ୍ ଗଲାଏଁ ।
ଖୁ  ।ର ଝଣକ କିଏ ଗୋ   ବଲେ ଶୁଣୁତ
ଟାଙ୍ଗର ଝଣକ କିଏ ଗୋ   ବଲେ ଶୁଣୁତ
ଟାଙ୍ଗର ଝଣକ ଡେଡ ଶାଶୁ   ବଲେ ଶୁଣୁତ
ଦୁଆରେ ବସିସି କିଏ ଗୋ   ବଲେ ଶୁଣୁତ
ଦୁଆରେ ବସିସି କାକି ଗୋ   ବଲେ ଶୁଣୁତ
ପଟିଆରେ ବସିସି କିଏଗୋ   ବଲେ ଶୁଣୁତ
ପଟିଆରେ ବଡୁ ଶଶୁର ବଲେ ଶୁଣୁତ ।

ମାକଳ ଭିଳାରେ ନେଇ ରଖିଦେଲା ଆଉ ତୁମାକେ ଥିଲା କେନ୍ଦୁ ମଞ୍ଜି ଚାଉଳ ଭାତ ରାନ୍ଧିବାକୟ୍ ଦେଲାଏଁ । ତା ଆର ଦିନ ଗେଲାଇ ଘରକୁ ଗଲାଏଁ ହିଁ ବଲେ ଗାଁର ଲକଳା ବଲାଏଁ ଦେଖି ବେୟ୍ ଗେଲାଇ ମାକଳ ଘଇତା କରି ଆମର ଘରକୟ ଆସିସି ବଲାଏଁ ମାକଳ ପଲ ଆସିଶନ୍ତ ଭାତ୍ ଦେଅ ନାହିଁ ।

ଗଟେ ରାତ୍ ରହିଲାଏଁ । ଗଟେ ରାଣ୍ଡି ବିଢିଟାକୟ୍ ଗେଲାଇ କହିଲା ଏଟା ମାକଳ ନାହିଁ ଏଟା ଗଟେ ଭଗବାନ ।

ହିଁ ବଲେ ବୁଢିଟା ବଲାକି ଝରଣାକୟ ଗାଧି ଯିବାକ୍ ବଲେ କିରାସିନି ଢାଳି ମାକଳ ଖୋଳ ଟାକୟ ପୋଡାୟ ଦେବେ ବଲିକରି କହିଲା । ଆରି ହାଇଗୋ ବୁଆ, ହାଇଗୋ ମା ବଲିଆକ୍ ବଲେ

ଘିଅ ତେଲଟା ନି କରି ଢାଳିବେ ହେମାଳ ହେବାକ୍ ହେଠାଣୁ ସେଟା ସିମୁଣସ୍ ମୁଣସ୍ ହେଆକ୍ ବଲି କହିଲା ।ମାକଳ ଦଳ ଆସ ଥରେ ବେଭାର ଗଲାଏଁ ବଳେ ଗାଁର ଲକଳା ହିଁ ଅଣ୍ଡିରା ଟାର ଲାଗି ଯାଇସି ମାକଳ ଘଇତା କରିସି ବଲାଏଁ । ହିଁ ବଳେ ଗେଲେଇ ଆର ଭଉଣୀଲା ମୁଁ ହିଁ ମାକଳ ଘଇତା କରିବ, ମୁଁ ହିଁ ମାକଳ ଘଇତା କରିବି ବୋଲି କହିଲାଏଁ, ଦେଖି ବେୟ ଗେଲେଇ ମାକଳ ଘଇତା କରିଥିଲା ଆରି ଗୋଟେ ଅଣ୍ଡିରା ସଙ୍ଗେ ଆସିଲା । ଗେଲେଇ କହିଲା ସିଏ ମାକଳ ନାହିଁ ସିଏ ଭଗବାନ । ମକୟ୍ ସେନା ମାକଳ ଘଇତା କରିଗଲା ବୋଲି କହିଲ ସିଏ ମାକଳ ନାହିଁ ।

## ଶିଆଲ୍ ଓ ଖେଳିଆର୍ ଗପ

ନାମ - ସୁରେଶ କୁମାର ଦେହୁରୀ
ଶ୍ରେଣୀ - ନବମ

ଗୋଟେ ଜଙ୍ଗଲରେ୍ ଶିଆଳଟିଏ ଓ ଖେଳିଆଟିଏ ରହୁଥିଲାଏଁ । ଦିନେ ହିଁ ଦିଜଣ ଶିଆଳ ଓ ଖେଳିଆ ବାଟ୍‌ରେ ଦେଖା ଦେଖି ହେଲାଏଁ । ହିଁ ଦିଜଣ ମିତ ବସିବେ ବୋଲି ରାଜିହେଲେ । ଶିଆଳ ଓ ଖେଳିଆ ହିଁ ଦିନ ଠାରୁଁ ମିତ ବସିଲାଏଁ । ହିଁ ଦିଜଣ ଶିଆଳ ଆରି ଖେଳିଆ ଦିନେ ଭୂଜି କରିବା ବୋଲି କଥା ହେଲା । ଖେଳିଆ କହିଲା ଯେ ଗାଁ କୋଏ ଚାଉଳ ଓ କୁକୁଡା, ଛେଳି ମାଗିଯିବା ବୋଲି କୁହା କୁହି ହେଲାଏଁ । ହେଠୁଁ ମାଗିଁ ଆରମ୍ଭ କଲା ହେଠୁ ଖେଳିଆ ହିଁ ମାଗିଲା । ହେଠୁଁ ମାଗି ମୁଗା କରି ଆସିଲାଏ । ବାଟ୍‌ରେ ଦେଖୁଁ ତୁଇଁ କେତେ ମାଗି କରି ଆଣିଲେ ଖେଳିଆ କହିଲା ଶିଆଳଟା ସୁଶାକ୍ କିଛି ନାହିଁ । ଖେଳିଆ ଯେ ଚାଉଳ ମାଗିଥାଏ । ଖେଳିଆ କହିଲା ତୁଇଁ କେମତ ମାଗିଲେ ଶିଆଳ କହିଲା ; ଘୁଟ ଦୁମ୍ ଚାଉଳ ଖଣ୍ଡିଏ, ବୁକାଟିଏ ବୋଲି ମାଗିଲିଟା ହିବକୋଏ ଗାଁ ର ଲୋକ୍‌ଲା ବାଳ ସକାଲୁ ତକେ ଚାଉଳ ଖଣ୍ଡିଏ ବୁକାଟିଏ ଦେମୁଁନି ଚାଲ ସକାଲୁ ଶିଆଳକୁ ପିଟିବା ବୋଲି କହିଲାଏ । ଶିଆଳ କହିଲା ତୁଇଁ ହେଠୁଁ କେମତ କରି ମାଗିଲେ ଯେ ତକୋଏ ଚାଉଳ ଦେଲାଏ । ଖେଳିଆ କହିଲା ଯେ ମୁଁଇଁଟା ଶିଳିରିଟି ଶିଳିରିଟି ଚାଉଳ ମୁଠେ ପାଇତି ହେଲେ ଭାତ ରାନ୍ଧି ଖାଇତି ବୋଲି କହିଲି ହେଠୁଁ ଗାଁର ଲକ୍‌ଲା ମୁଠେ ମୁଠେ ଦେଲାଏ । ଖେଳିଆ କହିଲା ହିଁ ଗାହେଲେ ହେଲା ଚାଲ ଭୂଜି କରିଯାଉଁ ତୁଇ ଏକା ଶାଧବ ବୁଢ଼ାର୍ ଟିକି କୁକୁଳି ଚୁରାଇ ଯିବେ ବୋଲି ଖେଳିଆ ଶିଆଳକୁ କହିଲା । ହେଠୁଁ ଶିଆଳ ଶାଧବ ବୁଢ଼ାଟିକି କୁକୁଳି ଚୁରାଇ ଚାଲିଲା । କୁକୁଳିଟା ଜୁର କାନ୍ଦିଲାଏ । ଖେଳିଆ କହିଲା ପିଟରେ ସାଧବ ବୁଢ଼ା ତୋର କୁକୁଳିକା କୋଏ ସଳା ଶିଆଳ ଚୁରାଇ ଯାଇଛି ପିଟ ପିଟ ବୋଲି ଖେଳିଆ କହୁଥାଏ । ସେଠୁଁ ଶିଆଳ କୁକୁଳି ଚୁରାଇ କରି ଆଣିଲା । ସେମାନେ ଭୂଜି ରାନ୍ଧିବା ଆରମ୍ଭ କଲେ । ଭାତ ମାଂସ ରାନ୍ଧି ସାରି ରେଡି କରିସାରିକରି ଖେଳିଆ କହିଲା ଯେ ଆମେ ବନ୍ଧା ବନ୍ଧି ହେବା ଯିଏ ଫିଟି ପାରିବା ସିଏ ଖଣ୍ଡେ ସିକାର ଖାଇବା ବୋଲି ଖେଳିଆ ଶିଆଳ କୁ କହିଲା । ଶିଆଳ ହିଁ କହିଲା ଖେଳିଆ ବଡେ ଚାଲାକ୍ ରାଇକଳ ଦେଉଳା ଆଣିଲାଏ ଖେଳିଆ କହିଲା ଶିଆଳ ଭାଇ ମକୋଏ

ଆଗେ ବାନ୍ଧେ ତା ପରେ ତୋକୋଏ ବାନ୍ଧିବି । ଶିଆଳ ଖେଳିଆକୁ ଗୋଟେ ଡାଳରେ ବାନ୍ଧି ଦେଲା । ଖେଳିଆ ଛିଡାଣି ଚାବି ଦେଇ ଖଣ୍ଡେ ଶିକାର ଖାଇ ଦେଲା । ସେଠୁଁ ଖେଳିଆ ଶିଆଳକୁ ଜୋର ଚକ୍‌ସରେ ବାନ୍ଧି ଦେଲା । ଶିଆଳଟା ଆରି ମୁକୁଳି ପାରିଲା ନାହିଁ । ଖେଳିଆ ସବୁ ଭାତ ଶିକାର ଯେତେ ରାନ୍ଧିଥିଲାଏ ସବୁ ସରାଣ ଖାଉଥାଏ । ଶିଆଳ କହିଲା ଦେବ ଶିକାର ଖଣ୍ଡେ କଲ୍ ବଲ୍ ହି କରି ସାଧବ ବୁଢ଼ା ଠାରୁ ଚୁରାଇକରି ଆଣି ଥିଲି । ଖେଳିଆ କହିଲା ନେ ତର ଶିକାର ବଲିକରି ଖଣ୍ଡେ ହାଡଟିଏ ଦେଲା, ଦେବ ବୋ ଝୁଲଟିକେ ହେଲେ ଖାଏ ବୋଲି ଶିଆଳ କହିବାରୁ ଖେଳିଆ କହିଲା ନେତର ଝୁଳ ବୋଲି କହି ମୁତି ଦେଲା । ଶିଆଳକୁ ଖେଳିଆ ବାନ୍ଧିଦେଇଥାଏ । ଖେଳିଆ ଖାଇସାରି କରି କେନ୍ଦୁ ବୁଦା ମୂଳେ ଶୋଇ ରହିଥାଏ । ଶିଆଳ କେଡେ କଷ୍ଟରେ ଫିଟି ଫୁଟା କରି ଆସି ବାଟରେ ବାଘଟାକୋଏ ପାଇଲା । ଶିଆଳ କହିଲା ବାଘଭାଇ ମତେ ଟିକେ ସାହାଯ୍ୟ କର ବାଘ କହିଲା ଯେ ତକୋଏ କିସ୍ ସାହାଯ୍ୟ କରିବି । ନାହିଁ ଆମେ ଖେଳିଆ ଆର୍ ମୁଁଏ ଭୂଜି କରିଥିଲୁ ଯେ ମକଇଁ ବାନ୍ଧିଦେଇ ସବୁଯାକ ଶିକାର ଆର୍ ଭାତ୍‌ଲା ସରାଣ୍ ଖାଇଲା । ସେଠୁଁ ଏ ବାଟେ ପଳାଇଶି । ବାଘ୍ କହିଲା ଚାଲ ହିନ୍ତିଲେ । ଗଲାଇଁ ଯେ ଗଲାଇଁ ଯେ ବାଟ ତଳାରେ ଶଳା ଖେଳିଆ ଆରାମ୍‌ରେ ଶୁଇଛି । ସେଠି ପୁହ ି ଶିଆଳ କହିଲା ସଳା ତୁଇ ମକଇ ବାନ୍ଧିଦେଇ ଭାତ, ମାଉଁସ ସବୁ ଖାଇଦେଇକରି ଏଠି ଆରାମ୍‌ରେ ଶୁଇସଛୁ ତକୋଏ ଇଲାଗ୍ ମାରିଦେଇ ଖାଇଦେବୁ କିନ୍ତୁ ଖେଳିଆ ଭାରି ଚାଲାକ ଦେଖି ଦେଖି ମୁଁଇପରା ରାଜାର ଖଣ୍ଡାଟା ଜୁଗିଛେ, ଦେଖି ଦେଲା ଯେ ଶିଆଳ ଖଣ୍ଡାଟା ପରି ପତରଟା ଚିଲ୍ ଚିଲ୍ କରୁଛି ପୁଣି ଖରାଦିନ । ଖେଳିଆ କହିଲା ର ଟିକେ ମୁଇଁ ଖଣ୍ଡେ ଦୂର ଜାଏ ତାପରେ ତମେ ଇଖଣ୍ଡାଟାକୋଏ ତମେ ଧରିଥିବ । ଶିଆଳ କହିଲା ଦେଖୁ ରାଜାର ଖଣ୍ଡାଟା କେତେ ଧାର୍ । କିନ୍ତୁ ଧରି ଦେଖିଲା ଯେ କେନ୍ଦୁ ବୁଦାର ପତ୍ର । ସଳା ଖେଳିଆ ଆମକୋଏ ପେନ୍ଦିଦେଲା । ଚାଲ ସକାଳୁ ଇଲାଲେ ମାରିଦେବା । ଯାଉଁ ଯାଉଁ ଶିଆଳ ଓ ବାଘ ବାଟରେ ଭାଲୁକୁ ପାଇଲେ ଶିଆଳ ଓ ବାଘ ପଚାରିଲେ ଇବାଟେ ଖେଳିଆ ଯାଇଛି କି ଭାଲୁ କହିଲା ହଁ ଇବାଟେ ଯାଇଛି ତା ଚାଲ ସକାଳୁ ମାରିଦେବା ଗଲାଏଁ ଯେ ଗଲାଏଁ ଯେ ବାଟରେ ବରଳି ଗଛ ତଳ ବସିଥାଏ । ସଳା ଖେଳିଆ ତକେ ଇଲଗ୍ ମାରିଦେମୁଁ । ଖେଳିଆ କହିଲା ଯେ ପାଟି ନା କର ମୁଁ ପରା ରାଜାର ମହୁ ଗା ଜଗିଛେ ।ତମେ ଏଠି ଟିକେ ଜଗିଥ ମୁଁ ଖଣ୍ଡେ ଦରକୁ ଗଲେ ତୁମେ ଏହି ମହୁକୁ ଗଛକୁ ହଲାଇ ଦେବ । ଶିଆଳ, ବାଘ ଓ ଭାଲୁ ସେହି ଗଛକୁ ମହୁଫେଣା ଭାବି ଗଛଛରେ ଛଡି ତୋଳିବ ବୋଲି ଛାହିଁଲା । ବାଘ ଗଛକୁ ହଲାଇ ଦେଲା । ଠିକ୍ ସେତିକି ବେଳେ ବିରିଡି ଦଳ ଦଳ ହୋଇ ଶିଆଳ, ବାଘ ଓ ଭାଲୁ ମାନଙ୍କୁ କାମୁଡିଲେ । ଏଥର ରାଗିଯାଇ ଶିଆଳ, ବାଘ ଓ ଭାଲୁ ସଳା ଖେଳିଆକୁ ଏଥର ଛାଡିବାନି କହି ଆଉଥରେ ଖୁଜିବାକୁ ଚାଲିଲେ । ଏଥର କିନ୍ତୁ ସଳା ଖେଳିଆକୁ ଛାଡିବାନି ସେ ତେବେ ଠିକ୍ ହାଣ୍ଡିରେ ଖେଳିଆ ବାଲି ଭାଜୁଥାଏ । ସେତିକିବେଳେ ଶିଆଳ,ବାଘ ଓ ଭାଲୁ ସେଟାରେ ପହ ିଲେ । ସଳା ଖେଳିଆ ତୁ ଏଠି ଆମକୁ ସଳା ରାଜାର ମହୁଫେଣା ଜଗିଛେ କହି ବିରିଡିଗାକେ ଆମକୁ ଜବାଇ ଦେଖୁଛ ଆମର ଦେହ ଗୋଡ କେମିତି ଫୁଲିଯାଇଛି । ତତେ ଏବେ ମାରିଦେବୁ । ଖେଳିଆ କହିଲା ରହ ରହ ରାଜାର ଘର ଭୁଜା ଭାଜିବା ପାଇଁ କହଛନ୍ତି ବସ୍ ଯଦି ଖାଇବ ହେଲେ ଶିଆଳ, ବାଘ ଓ ଭାଲୁ ବସି ପଡିଲେ । ଖେଳିଆ ବାଲି ଭାଜି ସାରି ସେମାନଙ୍କୁ ଆଁ କର ବୋଲି କହିଲା । ତାଙ୍କ ପାଟିରେ ଗରମ ବାଲି ଢ଼ାଳି ଶିଆଳ, ବାଘ ଓ ଭାଲୁ ମରିଗଲେ । ସରିଗଲା ।

| | | | |
|---|---|---|---|
| ଶବ୍ଦାର୍ଥ :- | ହିଁ - ସେମାନେ | ହେଠୁଁ - ପରେ | ସୁଆକ୍ - ଠକିଦେଲା |
| | ଖଣ୍ଡିଏ - କୁଡିଏ କିଲୋ | କେମତ - କିପରି | ବୋକଏ - ସେଥିପାଇଁ |

| | | |
|---|---|---|
| କୁକୁଳି - କୁକୁଡା | ଚୁରାଇ - ଚୋରି କରିବା | ପିଡ - ମାଡ ମାରିବା |
| କୁକୁଳିଲାକୋଏ - କୁକୁଡାମାନଙ୍କୁ | | |
| ମାଉଁସ - ମାଂସ | କେଡେ - କେତେ | ରାଇକଳ - ଏକ ପ୍ରକାର ଦଉଡି |
| କଷ୍ଟରେ - ଦୁଃଖରେ | ଖଣ୍ଡା - ଛୁରୀ | ଚକ୍ସ୍ - ଜୋର କରିବାନ୍ଧିବା |
| ଭୂଜା - ମୁଢ଼ି | ଫିଟି ଫୁଟା - ବନ୍ଧାରୁ ଖୋଲିବା | |

# ଜିଦିଆ ଟୋକା ଓ ସତୀ କନ୍ୟା

ଗଟେ ରାଇଜ୍‌ରେ ରାଜାଟେ ଥିଲା । ତାର୍ ଗଟେ ବଲି ଝିଅ ଟିଏ ଥିଲା । ସିଏ ଏତେ ସୁନ୍ଦରୀ କେଣ୍‌ସି ରଜା ରାଜ୍ କୁମାରୀକଏ ବାହା ହିନା ପାରନ୍ତ୍ । ଗଟେ ଗାଁରେ ବୁଢ଼ାଟିଏ ବୁଢ଼ୀ ଟିଏ ରହୁଥିଲାଏ । ତାଙ୍କର ତିନ୍‌ଟା ପୁ ଦୁଇଟା ବାହାଘର୍ କରିଦେଲା । ଆରିଗଟେ ପୁ ବାହାନାକରି ଦେଲାଏ ସିଏ ଏକ୍‌ଟିଆ ହଇରାଣ ହେଲା । ସିଏ ମାକର୍ କଏ କହିଲା ମା ମକଏ ପିଠାପଣଅ କରିଦେ ମୁଇ ରାଇଜ୍ ଛାଡି ରାଇଜ୍ ବୁଲୁଯିବି । ଜାଣିକରି ମକଏ ବାହାନାକଲ ବଲିକରି କହିଲା । ପିଠା ପଣା କରିଦି କରି ମାଙ୍କ ଦେଲା କଏ ପୁଅକ ପିଠ ନିକରି ଗଲାଯେ ଗଲାଯେ ବାଟ୍‌ରେ ଗଟେ ଭାଲୁଟିଏ ପାଇଲା । ଭାଲୁଟାକଏ କହିଲା ଛାଡିଦେ ମକଏ ମୁଁ ଛତିଶ୍‌ରାଇଜ୍ ଯା ସଏ ବଲାକଏ ଛାଡିଦେଲା । ଆରିଟିକେ ଆଗ୍‌କଏ ଗଲାଯେ ଛୁଆଳି କୁକୁଡାଟିଏ ପାଇଲା । କଏ ଛାଡିଦେ ମୁଇ ରାଇଜ୍ ବୁଲି ଯାସଏ ବଲା । ଖୁଦ୍ ଗଣ୍ଡେ ଦେଲାକଏ ଛାଡି ଦେଲାକଏ ଗଲା । ଆରି ଆଗ୍‌କଏ ଗଲାଯେ ବାଘଟିଏ ପାଇଲା । ତାକଏ ଛେଲ୍ ଦେଲା କଏ ଛାଡିଦେଲା । ହାତୀଟିଏ ପାଇଲା କଏ ତାହା କଏ ଡାଲ୍ ଧାନ୍ ଦେଲା । ଇତିର୍ କରି କରି ଗଲା ଯେ ଗଲାଯେ ଗଟେ ନାଳ ତଳା କର ଘର୍ ଟାକଏ ଝିଅ ବେଶ୍‌ରେ କହିଲା ମାଉସୀ ଗ ମାଉସୀ ଆଜି ନାହିଁ କାଲି ନାହିଁ କିଏ ମାଉସୀ ମାଉସୀ ବଲସ୍ ଦେଖିଲା ତୁଇ ଆଇ ଆଇ ଘରଜଏ । ମାଉସୀ, କ ଦିନ ଫୁଲ ବିକି ବିକି ବଂଚୁଥିଲା । ସବୁଦିନର୍ ଯାର୍ ଘର୍ ଆଟେ ଫୁଲ ବିକି ନିଥାଏ । ଦିନେ ମାଉସୀ କ ଗାଧିଗଲା କଏ ସିଏ ଫୁଲ ଗନ୍ଥୁଲା ହିରା ଟିଏ ମଲ୍ଲୀ ଟିଏ ଦେଲା ଯେ ଏତେ ସୁନ୍ଦର ମାଉସୀକ ଦେଖି କରି ଖୁସି ହେଲାଲା ଇ ଫୁଲଟା ରଜାର୍ ଘରେ ଦେବି ବଲା । ମାଉସୀକ ଫୁଲମାଲ୍ ବିକିନେଲା ଫୁଲ୍ କିଣଗ ଫୁଲ୍ ବଲି ଡାକିଲା କଏ ରଜାର୍ ଝିଅ ଆସି କରି ଫୁଲମାଲ୍ ଦେଖିଲା ଯେ ଅତିସୁନ୍ଦର ଇ ମାଲ୍‌ଟା କିଏ ଗନ୍ଥିଛି ବଲା ମୁଇ ବଲାକଏ ନାହିଁ ତମର ଘର କଏ କିଏ ଆସିଛି ତାର୍ ସାଙ୍ଗେ ମୁଇ ଫୁଲ ବସବି ବଲା । ମାଉସୀକ ଆସିକରି କହିଲା ରାଜାର୍‌ଝି ତରସାଙ୍ଗେ ଫୁଲ ବସିଆକ୍ ବଲା ।ଦୁଇଜଣ ଯାକ ଫୁଲ ବସଲା ଏଲା ଏଏକାଥାଳିକେ ଭାତ୍ ଖାବା ବଲା କଏ ନାହିଁ ତ ମେ ରଜାର୍ ଝି ମୁଇ ପରଜାର୍ ଗଟେ ଗଟେ ଥାଳିକେ ଖାବା ଏକା ପାସ୍ କେ ବଲା । ହଁ ବଲାଏ ଏକାଠି ସହିବା ବଲାକଏ ନାହିଁ ଗଟେ ଗଟେ ଖଟରେ ଏକା ପାସ୍‌କେ ସହିବା ବଲା । ସଇଲାକଏ ଝିଅଟା ପିଲା ହେଲା । କଏ ରଜାର୍ ଝିକର ନାକ୍‌ରୁ ଦୁଇଟା ସାପ୍ ବାହାରିଲାଏ । ସାପ୍‌ଲା ଦେଖିକରି ପିଲାଟା ଖଣ୍ଡାଳା ଆଣିକରି ମାରିଦେଲା । ସବୁ ଛୁରୀ ଖଣ୍ଡା ସବୁ କୁରେ ପକାଏ ଦେଲା । ଝିଅଟା ଉଠିକରି ଦେଖିଲା ଯେ ପୁଅଟା ଛୁରୀ ଖଣ୍ଡା ଖଜ୍‌ଲା ଯେ ନା ପାଇଲକଏ ତାର ବାପା ମା କର କଏ କହିଲା ସମସ୍ତଙ୍କର କଏ ପାରଲି ଇତା କଏ ନା ପାଇଲି ବଲା । ସିପିଲାଟା ସାଙ୍ଗେ ବାହାଘର କରିଦେଲାଏ । ତାଙ୍କି ରାଜ୍ ଘୁଡା ସୁନା ଗହଣା ଯତୁକ୍ ଦେଲାଏ ବିଦାଏ ଦେଲାଏ । ପିଲାଟା ଘରକଏ ଆଣ୍‌ଲା କଏ ବାଟ୍‌ରେ ଗଟେ ଛେଳିଆକଏ କହିଲା ଏ ଛେଳିଆ ଭାଇ ଯା ମର୍ ମାକଏ କହିଦେବେ ତର୍ ପୁଅ ବହୁ ଆସସନ୍ତ୍ ବଲି ଗଲା ଛେଳିଆ

କହିଲା ଏ ସାହେବାଣ୍ ବୁଢ଼ୀ ତର୍ ପୁଅ ବହୂ ଆସସନ୍ତ୍ । ହଳଦ୍ ଗୁଣ୍ଡ ବାଟିକରି ପାଣି ଲୁଟା ରେଡି କରି ରଖିଥା ବଲାକଏ । ଏ ପୁତାର ମୁହାଁ ମର୍ ପୁ ବାର ବର୍ଷ ହେଲା କେନ୍ଆଡେ ଗଲା ଯେ ମରିଛିକି ବଚିଛି । ତୁଇ ବହୂ ଆଣସି ବଲସସ୍ ବଲା କଏ ପଲାଲା । ଆସଲାଲ୍ କହିଲା ତର ମା ତା ପୁତାର ମୁହଁ ବଲି କହିଲାଗ୍ଲା ବଲାକଏ ହଁ ହିଥିଲେ ହେଲେ ହିଁ ଯିବୁ ବଲା । ଗଲାଏକଏ ମାକ ଦେଖିକରି ଅଚେତ୍ କରି ପଡିଲା । ଉଠଲାଏ ଉଠିକରି ଚୁମା ଚୁମି କରି ଘରେ ପଶ୍ଲା ସିଦିନ୍ଠୁ ସାନ୍ ପୁଅ କରଠି ବୁଢ଼ି ଆର୍ ବୁଢ଼ା ରହି କରି ଖାଲାଏ ।

ଶବ୍ଦାର୍ଥ:-

ଗଟେ - ଗୋଟିଏ ରାଇଜରେ - ରାଜ୍ୟରେ
ବଲି - ମାତ୍ର
କେଣସି - କୌଣସି
ହଇରାଣ - କଷ୍ଟ, ଦୁଃଖ
ମକଏ - ମୁଁ
ଦିକରି - ଦେବା
ଆଗ୍କଏ - ଆଗକୁ
ଯାସଏ ବଲା - ଯାଉଛେ କହିଲା
ତାକଏ - ତାକୁ
ଛେଲ୍ - ଛେଳି
ଇତିର୍ - ଏମିତି
ନାଳ ତଲା କର ଘର - ନଇଁ ପାଖରେ ଥିବା ଘର
ଘରକଏ - ଘରକୁ
ବେଶ୍ରେ - ରୂପରେ, ଛଦ୍ମ ବେଶରେ
ଫୁଲ ବସିଲା - ମିତ ବସିଲା
ଖଣ୍ଡା - ଛୁରୀ
ସି - ସେହି
କେନ୍ ଆଡେ - କେଉଁଆଡେ
ଛେଳିଆ - ଛେଳି ଚରାଉଥିବା ପିଲା
ଲାଗିଲା - କଳି ଝଗଡା ହେବା

## ବରଗଛର ଭୂତ

ନାମ - କୁଳମଣି ନାଏକ
ଶ୍ରେଣୀ - ନବମ

ଆମ ଗାଁ ନାଳ ପାଖ ତଳକଏ ଲାଗି ଲାଗି ତିନ୍ଟା ଝଙ୍କାଳିଆ ବରଗଛ ଆସି । ଅନ୍ଧାର

ହେଲେ ଦେଖିଲେ ଜଣା ପଡଥିଲା ଯେମତ୍ ତିନ୍‌ଟା ବ୍ରହ୍ମରାକ୍ଷସ ଠିଆ ହୋଇଥାନ୍ତ୍ । ହିଁ ବଳଗଛ ମୂଳେ ଭୂତ ଆର ଭୂତଣୀ ସାଙ୍ଗ୍ ହୋଇ ରାତିରେ ଆସନ୍ତ । ଚିକୁ, ଚିନୁ, ଟିନୁ, ମୁନୁ ଦିନେ ଚାର ଜଣ ଯାକ ସାଙ୍ଗ୍ ହିକରି ସିବାଟେ ଇସକୁଲ୍ ଗଲା ବେଳେ ଡରି ଡରି ହିଁ ବରଗଛ ଆଡକଏ ଦେଖି ଦେଖି ଆସନ୍ତ୍ । ଚିକୁ କହେ, ହି ଝଙ୍କାର ବଳଗଛକେ ରାତିରେ ନିଷ୍ଟନ୍ ହେଲେ ଭୂତ ଦେଖାଯାଆନ୍ତ । ଭୂତୁଣୀ ଆସେ ତାର ପିଠ୍ କେ ଥାଏ ଗଟେ ମୁଣୀ ମୁଣିରେ ସିଏ ପିଲାଳାକଏ ମାରିକରି ପୁରାଏଥାଏ । ସେ ରାତିରେ ହିଁ ବାହାରି ହାତ୍, ଗୋଡ୍, ମୁଣ୍ଡ ସବୁ ରଟ୍ ରଟ୍ କରି ଭାଙ୍ଗିଦେଏ । ପଛେ ନିଆଁ ଜାଳଏ କରି ଭୂତ୍ ଆର ଭୂତଣୀ ନିଆଁରେ ଛେଙ୍କି ଛେଙ୍କି ଖାଆନ୍ତ୍ । ଝାମ୍ପୁଲା ମୁଣ୍ଡିଆ ଭୂତ ଏତିକି ବେଲ୍‌କଏ ଆଖି କଟ୍ କଟ୍ କରି ନିଆଁ ପାଖରେ  ବସଏ । ସେ ଚାରିଜଣ ଯାକ ମଧରୁ ମୁନାଟା ଟିକେ ଡରୁଆଟା ସିଏ କହିଲା ଯେ ଏତେ ପିଲା ସବୁଦିନ କେମତ୍ କରି ମାରଏ ଲା ଆଣଏ । ଆରେ ତୁହି ଶୁଣି ନାହିଁ ସେ ଭୂତୁଣୀ ଟା ପିଲା ଶିକାର କର୍‌ବାକଏ ଓସ୍ତାଦ୍ । ସିଏ ଉଣ୍ଡି ଉଣ୍ଡି ଏକ୍‌ଟିଆ ହିଁ ଜେନ୍ ପିଲାକ ପାଇଲେ ଏମତ୍ ବାଗରେ ତାର ବେକ୍ ଟାକଏ ମଣି ଦେଏ ଶବଦ କରି ନା ପାରଇ । ତା ପରେ ମୁଣି ଭିତରେ ପୁରାଏ କରି ପିଠିରେ ବହିକରି ନେଏ । ଏତିକି ବେଳେ ଲକ୍‌ଲା ଭୂତ ଆର ଭୂତଣୀକଏ ନିଖାଲ ନିଜର ଆଖିକେ ଦେଖନ୍ତ୍ । ସେମାନଙ୍କର ଭିତ୍‌ରୁ ଚିକୁ ଟିକେ ସାହାସିଆ ଦେଖା ହେଲା, ହେଲେ ଭିତରେ ଟିକେ ଗୁଡୁ ପୁଡୁ । ଭୂତ କଥାରେ ତାର ସତ୍ ହେଲା ନାହିଁ ସିଏ ଏମିତି କେତେ ଥର ମା କରକଏ ପଚ୍‌ରାଲା ଭୂତ ବିଷୟରେ । ତାର ମା ସବୁବେଲ୍‌ଏ ସେଇ ଗଟେ ଉ   ର ଦେଏ ଯେ ଭୂତ ଫୁଟ୍ ଛୁଛାକ୍ ଗଟେ ଦୁର୍ବଳ ମୁହୂ  କଏ ଭାବନାର ରୂପକଏ ଦୁର୍ବଳମନର୍ ଲକ ଭୂତ ବଲି କହନ୍ତ୍ ।ଏବେ ଚିକୁର ସାହାସ ବଡ୍‌ଲା । ସେ ପିଟଲା ତିନ୍ ଚାରଟା ଠେଙ୍ଗା ପାହାର । ଇଲାକ୍ ଭୂତ୍‌ଟା ଦବ୍‌ଡି ପଳଲା । ଭୂତୁଣୀଟା ପାଦ୍ ଧେରି ପକଲା । ଆମେ ଆରି ଏଥର ଭୁଲ ନା କରୁ ବଲି କହି କାନ୍ଦି କାନ୍ଦି ଭୁଲ ମାଗ୍‌ଲା । ବିଶୁଆ କାନ୍ଦି କାନ୍ଦି ବଲା ହିଁ ଭୂତଟା ହେଲା ତମର ସାଙ୍ଗ ଚିନୁ ସିଏ ମକଏ ପଇସା ଦେଇ ବଡିଆଁ  ଡେରେସ ପିନ୍ଧାଇ ଏକାମ୍ କରିବାକଏ କହିଥିଲା । ଚିକୁର ବୁଝିବାକଯ୍ ଆରି କିଛି ବାକି ରହିଲା ନାଇ । ଇସବୁ ହିଁ ଚିକୁର ଖେଚର୍ କାମ । ତା ଆର୍ ଦିନ ଚିନୁ ଲାଜ୍‌ରେ ଚିକୁର ମୁହଁହୁଁଟାକଏ ନା ଦେଖ୍‌ଲା । ତାର ପରେ ବେଶି କଷ୍ଟ ଆର ଲାଜ୍ ବଦନାମରେ ସିଏ ନିଜର୍ ହାତ୍‌ରୁ ଘ  ।ଟା ଖୋଲି କରି ହାତକୁ ବଢାଇ ଦେବା ବେଳେକଏ ଚିକୁ ଯୁର ଭଲରେ ହସି ଉଠିଲା ଆରି ଚିନୁ ହିଁ ହସରେ ଚମ୍ କିଲା । ସେ ଚିନୁକୁ ଘ  ।ଟା ଫେରାଏ ଦେଉ ଦେଉ କହିଲା ଶୁଣ ଚିନୁ ତୁଇ ଆଜ୍ ଠାରୁ ଇସବୁ ଯାକ ଖରାପ୍ ଗୁଣ ଛାଡ୍ । ନା ଛାଡ୍‌ଲେ ମୁଁଇ ସବୁ କଥା ଗାଁରେ କହିଦେବି ବଲା । ଚିନୁ ଚିକୁର ହାତଟା ଧରି କରି କହିଲା ଛାଡ୍ ଭାଇ ତୁଇ ଇକଥା କାହାକଏ ବିନା କହିବେ ବଲି କରି କହିଲା ।

ଶବ୍ଦାର୍ଥ:- କଏ - ପଟେ

ଝଙ୍କାଳିଆ - ବୁଦାହୋଇ ରହିଥିବା

ଆସି - ଥିଲା

ଯେମତ୍ - ଯେମିତି

ହିଁ - ସେଠାରେ

ଆର୍ - ଆଉ

ହିକରି - ହୋଇକରି

ଯାଆଥାନ୍ତ୍ - ଯାଉଥିଲେ

ସଇସକୁଇ - ସେହିସ୍କୁଲ
ହିଁ ବରଗଛ - ସେହି ବରଗଛ
ନିଶୁନ୍ - ଚୁପ୍ ଚାପ୍ ଜାଳଏ
- ଜାଳିବା
ଶେଙ୍କି ଶେଙ୍କି - ପୁଡେଇ ପୁଡେଇ
ଝାମ୍ପୁଲା - ଝାମ୍ପୁରା
କେମତ୍ - କେମିତି
ମାରଏଲା - ମାରିଲା
ଆଣଏ - ଆଣିଲା ସ୍ତୋଦ
- ପ୍ରସ୍ତୁତ୍ ହେବା
ଉଣ୍ଡି ଉଣ୍ଡି - ଗଡି ଗଡି
ଏମତ୍ ବାଗରେ - ଏହିପରି ଭାବରେ
ଶବଦହିଁ କରିନା ପାରଇ - ଶବ୍ଦକରିପାରେ ନାହିଁ
ମଣିଦିଏ - ମୁଡ଼ିଦିଏ
ମୁଣି - ପକେଟ
ନେଏ - ନିଏ
ଲକ୍ଲା - ମଣିଷ ଗୁଡିକ
ନିଖାଲ - ନାହିଁ
ଗୁଡୁ ପୁଡୁ - ଭାଁ ଭାଁ କରନ୍ତି
ଇତିର୍ - ଏତିକିରେ
ପଚରାଲା - ପଚାରିଲା
ଛୁଛାକ୍ - ମିଛ, କିଛିନାହିଁ
ମୁହୁତ - ମୁହଁଟି
ଲକ୍ - ମଣିଷ

## ଶାହାଁଲା

ନାମ - କୁଳମଣି ନାଏକ
ଶ୍ରେଣୀ - ନବମ

ଏକ ରାଇଜ୍‌ରେ ଗଟେ ସାଧବ ବୁଢ଼ା ଥିଲା । ତାଙ୍କର ଗଟେ ପୁ, ଗଟେ ଝି ଥିଲାଏ । ତାର ପୁଅକ ସବୁଦିନ୍ ଛେଲ୍ ଚରାଏ ନେଁ । ଚରାଏ ଚରାଏ ସବୁଦିନ୍ ଘର୍‌କଏ ଭାତ ଖାଇ ଆସଏ । ଇଥିର ସବୁଦିନ୍ ଖାଇ ଆସବାକଏ ଅଳସଲା । ତାର ବାପ୍ ଆର ମା କଏ କହିଲା ମୁଇ ସିଠି ଘର୍ ବନାଏ କରି ରହିବି ବଲା । ତାର ପରେ ସିଜଙ୍ଗଲରେ ଘର୍ ବନଲା ହେଲା ସିଠି ରହିକରି ଛେଲ୍ ଚରଲା । କିଛିଦିନ୍ ଚରଲା ପରେ ଦେଖିଲା ଯେ ତାର୍ ଘର୍‌ଟା କିଏ ଲିପି ଲୁପା କରି ସୁନ୍ଦର କରିଦେଲା । ଆର ଦିନ୍ ଛେଲ୍ ଚରାଏ କରି ଆସ୍‌ଲା ବେଳେ ଦେଖିଲା ଯେ ଭାତ୍ ତୁଣ ରାନ୍ଧିକରି ରଖିଥିଲା । ଭାବି ଭାବି କରି ଯାହା ହେଲେ ହେଁ ଖାବି ବଲା ଖାଇଲା । ଦିନେ ଜଗିଲା ଦୁଗାଲ୍ କନକେ ଗଟିଏ ଝିଅ ଶାହାଲ୍ ଗଛରୁ ବାହାରି

କରି ଆସଲା । ପିଲାଟାର୍ ଘର୍‌ଟା ଲିପି ଲୁପା କଲା ଭାତ୍ ତୁଣ୍ ରାନ୍ଧିସାରି ଗାଧି ଗଲା । ଆସିକରି ଭାତ୍ ବାଡିକରି ଖାଇସାରି ପଳାବି ବଲଥାଇ ପିଲାଟା ଦୁଗାଲ୍ କନାରୁ ବାହାରି ଧରିପକ୍‌ଲା ।ଝିଅଟା କହିଲା ଛାଡିଦେ ମୁଁଇ ହାଡିଟା ବଲା ସିଏଇଁ ମୁଁଇ ହାଡିବଲା । ଇନ୍ତି କୁହାକୁହି କରି ଛାଡିଦେଲା । ଦେଖ୍‌ଲା ଯେ ଶାଲ୍ ଗଛକେ ପଶିଗଲା । ପିଲାଟା ଘର୍‌କଏ ପଳାଲା ବାପ୍‌କଏ ଆର ମା କରକଏ କହିଲା । ମୁଁଇ ଗଟେ ଗଛଟାକଏ ବାହାହେବି ବଲା । ବାପ୍‌କ ଆର୍ ମା କ ନାହିଁ ବଲାଏଁ ପୁଅକ୍ ମରବି ବଲା । ତାର ପରେ ବାପ୍‌କ ଆର୍ ମାକ ହଁ ବଲାଏ । ପୁଅକର ଘରକଏ ଗଲାଏ ଗାଁର ସୁଭିଏଁ ମଧ ଗଲାଏ । ପିଲାଟା କହିଲା ଇଶାଳ ଗଛଟା ଇଠାଣୁ ଇଟିକି କାଟ୍‌ବ ବଲି ମାପିଦେଲା । କାଟିକରି ଆଣିଲାଏ ତାର୍ ପରେ ବାହାଘର କରିଲାଏଁ, ଭୁଜି ଭାତ୍ ଖାଇକରି ପଳଲାଏଁ ।

ତାର୍ ପରେ ପିଲାଟା ଝିଅଟାର୍ ରହଥିଲା ଗଛ ଖୋଳଟା ପୁଳିଦେଲା । ଝିଅଟା ମହର୍ ଦେହଟା ଜଳିଗଲା ବଲା ପିଲାଟା ଝିଅଟାର ଦେହେକେ ଘିଅଦେଲା । ଭଲ ହେଲା ପିଲାଟା ତାର୍ ଘରକଏ ନେଲା ବାପକ୍ ମାକ ଦେଖଲାଏ ଯେ ଅତି ସୁନ୍ଦର ବହୂଟା ବିଅସ୍ ହିକରି ପଡିଲା ବେହୁସ୍ ପାଣପୁଣା ପିଆଇ କରି ଉଠିଲାଏଁ । ପିଲା ତାର ବାପ୍ କରକଏ ଆର ମାକରକଏ କହିଲା ମୁଁଇ ବଇତ୍ ବଣିଜ୍‌କଯ୍ ସୁନାଗହଣା ଆଣ୍‌ବାକଏ ଯିବିବଲା । ତାପରେ ତାର ଭଉଣୀ କରକଏ କହିଲା ଯେ ନାଳକଏ ଗାଧିଯିବ ନାହିଁ ବଲା କୁରେ ଆର୍ ବନ୍ଦରେ ଗାଧିବ୍ ବଲା । ନାହାଁ ହେଲେ ରାଜା ଦେଖ୍‌ଲେ ନେବାକ୍ ବଲାଲା ସିଏ ବଇତ୍ ବଣିଜ୍ ଗଲା । ଆର୍‌ଦିନ୍ ନଣନ୍ଦ୍‌କ ସାଙ୍ଗ୍‌ରେ କୁକଏ ଗାଧିଗଲା ଯେ କୁରେ ରଜାର ଚାକର୍‌ଲା ଖାର୍ ପାକା ଦିଥିଲା ଯେ ମଇଳା ହି ଥିଲା । ବନ୍ଦ୍‌କଏ ଗଲାଯେ ବନ୍ଦ୍‌ରେ ଗୁଳିଆ ହି ଥିଲା । ହିଁ ବଳେ ବଉକ ନାଳକଏ ଗାଧିଯିବା ବଲା ନଣନ୍ଦ୍‌କ ନାହିଁ ବଲା ହେଲେ ହିଁ ନା ମାନ୍‌ଲା । ତାର୍ ପରେ ଗଲା ଗାଧୁଁ ଗାଧୁଁ ବଉକର ଚୁଟି ଟିଏ ଝଳିପଡିଲା । ଖୁ ।କେ ଦେଲେ ଖୁ ।ଖାକ୍ ପଥର୍‌କେ ଦେଲେ ପଥର ଖାକ୍ ମାଟ୍‌କେ ଦେଲେ ମାଟ୍ ଖାକ୍ ବଲା । ନାଳ ଉପର୍ ଆଡେ ଦେଖ୍‌ଲା ଯେ ଗଟେ ଡିମିର ଫଲ୍ ଟିଏ ଭାସି ଭାସି ଆସଥିଲା । ହିଁ ଫଳଟାରେ ଦେଲା । ତଳି ଆଡେ ରଜା ପଣ୍ଡା ପକାଇଥିଲା । ଧରିଲା କିସ୍ ଫଳଟା ଭାସି ଭାସି ଆସସି ଦେଖ ବଲାକଏ ଦେଖ୍‌ଲା ଯେ ଚୁଟିଟା ମାପି ଦେଖ୍‌ଲା ଯେ ରଜାର୍ ମୁଣ୍ଡେ । ଯାଅ ଯାଅ ବେଗେ ଦେଖ ଦେଖଲାଏ ଯେ ଅତି ଅତି ସୁନ୍ଦରଟିଏ । ଆସ୍‌ଲା ହାର୍ ରାଜାକଏ କହିଲା ତୁମର ରାଣି ଏତ୍‌କି ସୁନ୍ଦର ନାହିଁନେ ବଲାଏ ଯା ଆଗଲା ବେଛେକବଲା । ରଜା କହିଲା ଯାଅ ଫଙ୍କିରାଜ ଘୁଡ଼ା ଆଣ ବଇଲା । ଗଲାଏ ପଙ୍କରାଜଘୁଡା ଆଣଲାଏ । ବଉକରକଇ ନେଲାଏକଏ ନଣନ୍ଦକ ଯୁର କାନ୍ଦ୍‌ଲା ଘରକଏ ପଳାଲା । ଘରେ ଯାଇ କରି କହିଦେଲା । ପିଲାଟା ବଏତ୍ ଆସଲା ଦେଖ୍‌ଲା ଯେ ଘରଜାକ ଘରେ ନାହିଁ । ବାପ୍‌କର ବଣିଜ୍‌ରୁ ଆର ହିଁ ଠୁ ଭଣିକର କଏ ପଚରଲା ଭଣିକ କହିଲା ତୁମର ଶାହାଳା ହେତେ ହଟିଆ ଯେ ନାମାନ୍‌ଲା କଏ ନାଳ କଏ ଗାଧି ଯାଇଥିଲୁ ରଜାଘର ନେଲାଏ ବଲା । ହିଁ କଏ ଭାଇକ ଯୁଗି ଭିକାରି ସାଜି ଭିକା ମାଗି ମାଗି ରଜାର ଘର୍‌କଏ ପହଁଚିଲା । ରଜାଘର ଭିକାଦେଲାକଏ ନା ନେଲା କହିଲା ତମର ପରାଏ ନୂଆଁ ବଉ ଆଣିସ । ସିଏ ଦେଲେ ନେମିଁ ନାଲେ ଆଙ୍ଗୁଠ୍ ଟାଲେ ଦେଖାଏ ଦେଏ ବଲା । ନୂଆଁ ବଉଟା ଦେଲାକଏ ଛୁରିମାରିକରି ମରି ଗଲା ରଜା ଫିଙ୍ଗି ଦେଅ ବଲା ନୂଆଁ ବଉଟା । ନାହିଁ ସିଏ ପରାଏ ଯୁଗିଭିକାରି ତାକଏ ଫିଙ୍ଗ ନାହିଁ ତାକଏ ଚନ୍ଦନ କାଠ ଆର ବେଲ କାଠ୍‌କେ ପୁଡାଅବଲା । ବେଲ୍ କାଠ ଚନ୍ଦନ୍ କାଠ୍‌କେ ପୁଡିଲାଏ କଏ ନୂଆଁ ବଉଟା କହିଲା ମୁଇଁ ସବୁ ପୁଡା ଦେଖିଆସିଲି ଯୁଗି ପୁଡା ନାହିଁ ଦେଖ୍‌ବି ବଲା । ଦେଖ୍‌ବାକଏ ଗଲା ସିନିଆଁ କେ ଡେଗିଦେଲା । ଦେଖ୍ ଦେଖ୍ ବଲୁ ବଲୁ ରାଜାହିଁ ଡେଗି ଦେଲା । ରଜାର୍ କନିଆଁ କାନ୍ଦି କାନ୍ଦି ହଇରାଣ ହେଲା । ଶିବ ପାରବତୀ ଶୁଣକରି ଆସିଲାଏ । ରଜାର କନିଆଁ କଏ ପଚରାଲାଏ

କଏ କହିଲା ଯୁଗି ଆର ଯୁଗିଆଣ ମଲାକଏଁ ବଚାଏଁ ଦେବି ବଲାଏଁ । ମନ୍ତର କରି ଯୁଗିଆର ଯୁଗିଆଣର ଗଣ୍ଡି ଅଲଗା ରଜାର୍ ଗଣ୍ଡି ଅଲଗା କରି ଯୁଗି କିଆର ଯୁଗିଆଣକଏ ମୁଣଷବନ୍ଲାଏ । ଯୁଗି କି ଆର୍ ଯୁଗିଆଣକଏ ପଚ୍ରାଲା ରାଜାକଏ କିସ୍ ବନା ମୁ ବଲାଏ କୁକର ବଲାଏ ନାଲେ । ଆରିଥରେ ଚୁର୍ବାକ୍ ବଲା ରାଜାକଏ କୁକର ବନ୍ଲାଏ ହିଁ ଦିନ ଠୁଁ ରଜା କୁକର ହେଲା ।

"ମଗପ ଏତିକି ଫୁଲ ଫୁଟେ କେତକି କାହିଁକି ବାଇଗଣ ଗଛ ମଲୁ
ବଉ ପାଣି ନାହିଁ ଦେଲୁ ।
କାହିଁକି ବଉ ପାଣି ନାହିଁ ଦେଲୁ ଛୁଆ କାନ୍ଦିଲା କାହିଁକି
ଛୁଆ କାନ୍ଦିଲୁ କୁତୁ ଚାବିଲା
କାହିଁକି କୁତୁ ଚାବିଲୁ ଭାତ ନାହିଁ ଦେଲା କାହିଁକି ବଉ ଭାତ ନାହିଁ ଦେଲୁ
ଭାତ ନାହିଁଥିଲା ମୋର ଗପ ସରିଲା ।"

ଶବ୍ଦାର୍ଥ:-

| | | |
|---|---|---|
| ଇତିର୍ - ଏହିପରି | ଭରଯାକ - ନିଜସ୍ୱୀ | ତାର୍ - ତାଙ୍କର |
| ହିଁ - ସେ | ତୁଣ୍ - ତରକାରୀ | ଦୁଗାଲ୍ - କୋଣରୁ |
| ଇନ୍ତି - ଏହିପରି | ଶର୍ଗି ଗଛ - ଶାଳ ଗଛ | ପଲ୍ଲା - ପଳେଇବା |
| ନନି - ବହୂ | ହିକରି - ହୋଇକରି | ବଉ - ଭାଉଜ |
| ଖାକ୍ - ଖାଇଦେବ | ଟାଙ୍ଗର୍ - ପଥର | ଦେଖ୍ଲା - ଦେଖିବା |
| ତଳିଆଡେ - ତଳ ପାଖକୁ | କିସ୍ - କ'ଣ | ଆସସି - ଆସୁଅଛି |
| ଭଣକ୍ - ଭଉଣୀ | ତାକଏ - ତାହାକୁ | ବଚାଏ - ବଂଚେଇବା |
| ହଟିଆ - ଅଭୁଜା, ଭୁଜିଲାନି | ଆରିଥରେ - ଆଉଥରେ | କୁକଏ - କୂଅରେ |

# ସାଧବ ବୁଢ଼ା ବୁଢ଼ୀର କଥାଣୀ

ନାମ - କଳାସିନୀ ଦେହୁରୀ

ଏକ ରାଇଜରେ ସାଧବ ବୁଢ଼ା ବୁଢ଼ୀ ଟିଏ ଥିନାଆଁ । ହିତାର ତିନିଟା ପୁଅ । ତିନିଟା ପୁଅ ଯାକ ପାଠ ପଢ଼ିଲାଇହାଁ । ପାଠ ପଢ଼ାଲାଇଯେ ଜୋର ଟଙ୍କା ପଇସା ସରିଲାଇଁ । ହେଲେ ବଡ କହିଲା ଯେ ମୁଁ ବୁଆ ହେତିକିନେ ପଢ଼ିବି, ଆରି ନା ପଢ଼ଇଁ । ସିଏ ମେଟ୍ରିକ ଯାକେ ପଢ଼ିଲା । ମଝିଆଁ ଟା ସିଏ କଲେଜ କଲା । ସାନଟା ଯେ ବିଏ ଯାକେ ପଢ଼ସି । ବଡ ଲାଗି ବହୂ ମାଗି ଯାନ୍ତି ଯେ ମୋର ବୟସ ନା ହେଇ ମୁଁଇଁ ଭା ନା ହେଇଁ । ମାକ କହେ ଯେ ନାହିଁ ପୁଅ ଭା କରିଦେବି ବଉ ମୋର ହାତର୍ ପାଣିଟିକେଲେ ପିଇବି । ପୁଅକୁ ବଲଯେ ମୋରି ଦରକାର ନାହିଁ । ଯେ ବାହାହେବ ସିଏ ରଖିବ ବଲଇ । ହିବଲେ ଥରେ କନିଆଁ ଦେଖି ଗଲାଇଁ ଯେ ମାକ ଆରି କାକି, କକା କନିଆଁ ଦେଖି ଗଲାଇଁ ଯେ ଗନାଇଁ ଯେ କୁଇଡା ଭିତର୍ ବାଟେ ଗନାଇଁ କିନିଆଁ ଦେଖି । ଗଟା ବଡ ଚାକିରିଆ ଘରକଇ ଢୁକିନାଇଁ ସି ଟକିଟା କଲେଜ କରିସି । ଗଲାଇଁ ବଳେ ପାଣି ଲୁଟା ଦେଲା । ଜୁଆର କଲା । ହି ବଳେ ଟକିଟାହିଁ ମାକ କହିଲା ତୁମେ କାହିଁ ଆଇସ । ହିକବଳେ ତମର ଟକିଟାକ ଦେଖି ଆଇସୁଁ ଯେ ଦେବ କି ନାଇଁ । ଆମର

ଟକିଟା ପାଠ ପଢ଼ିଛି, ଚାକୁରିଆ ଘର ଖଜସି । ଟକାର ମାକ କହିଲା ଯେ ଆମର ଟକାହିଁ ମାଷ୍ଟର ଚାକିରି କରସି । ଟକିଟାର୍ ମାକ କହିଲା ଯେ କେଟି ଚାକିରି କରସି । ନାହିଁ ଆମର ପାସ୍‌କେନେ ଆଶ୍ରମ ସ୍କୁଲରେ ପାଠ ପଢ଼ାସି । ଥରରେ ନାହେଇ ଆଥରେ ଆସିବ । ଦେଅ ହନ୍ତେଲେ ସମ୍‌ଦଣି ଫଟ ଦୁଇଟା ବଉ ମାନଟୁଁ ନେଲେ ଦେଖାବି । ଟକାଟାର ମନ କଲେହେଲେ ଆଉ ଥରେ ଆସିମୁଁ । ହାପ୍ ଫଟୋ ଟିଏ ଫୁଲ୍ ଫଟୋ ଟିଏ ଦେଲା । ହିଁ ବଳେ କକା, କାକି, ମାଙ୍କ ପଳାଇଁ ଆଇନା ଯେ ତାଙ୍କର ଟକାଟା କଓଇ ଫଟଟା ଦେଖାଦେନାଇଁ । ହିବଳେ ଟକାଟା କହିଲା ଯେ ଏଳାକ୍ ଇ ଦେଖି ଦେଖି ବୁଢ଼ି କଲିନେ । ଯାଉ ଯାର ମାନକଓଇ ହେସି ଭା ହେବ । ମୁଁ ହେଲେ ଭା ନା ହେଇଁ । ହିବଳେ ଆରି ଗଟେ ଟକାଟା ଥିଲା ଯେ ଏ ଗୁରୁ କିସ୍ କହେ ଟକିଟା କଓଇ ମନକଓଇ ନା କର୍‌ସି । ଟକିଟା ତା ସୁନ୍ଦିରି ଆସି ଦେଖିବାକ ଓଇ ଭଲ ଲାଗସି । ଯା ହନ୍ତଲେ ଭା ହେବେ ମୁଁ ନାଁହେଉଁ ବଲା । ଆମକଓଇ ହେଲା ଦେମାଇଁ କି ଗରିବ୍ ଘରକଓଇ ତମେ ଯେ ଭାଇ ଚାକିରି କର୍‌ସ । ମୁଁ ହେଲେ ହିଁ ନା ଯାଏଁ । ହିଁ ବଳେ ମଝିଆଁ କହିଲା ଯେ ମୁଁ ମା ଭା ହେବି ହିବଳେ ମାକ କହିଲା ଯେ ବଡଟାକଓଇ ଭା ନା କରି ତକଓଇ କେମତ୍ କରି ଭା କରମୁଁ । ସିଏ ମା ଚୋର ମନ୍ଦ ପି ଆଇ ନାହିଁ, ବଡକଓଇ ଆଗେ ଭାକଲେ ଯାଇ ତକଓଇ ଭା କର୍ମୁ । ହନ୍ତଲେ ମା ଦାଦା କଓଇ ଭାକର ମୁଁଇ ଭାହେବି ତାକୁଓଇ ତା ଭା ହେବି ବଲସଇଁ ଯେ ସିଏ ନାହିଁ ବଲସି । କେମତ କରି ମୁଁ ପର ଝିଟାକଓଇ ବଳମାଳରିକ ଭା କରି ଦେବି । ପର ଝିଟାକଓଇ ଆଣିଲେ ହେଲେ ଭଲକରି ପୁଷିପାରିଲେ ତା ସିଏ ତା ଜୋର୍ ବୁଲି ବୁଲି ମଦ ପିଅଇ । ମନା କଲେଇ ମନା ନ ଦେଇ । ମୋର କଥା ନା ମାନଇଁ ମୁଁଇଁ ଲେ ଆରି କିସ୍ ବୋଲି କହିବି । ହିବଳେ କନିଆଁ ବିଷୟ ଥରେ ଲାଗିନାଇଁ ବେଳେ ପଳାଇଥିଲା । ହିବଳେ ମାକ ବଲା ଯେ ଗଲା । ବେଳେ ପଳା ତୁଇଁ ତା ବଉ ଆଣିବା ବେଳେ ନାହିଁ ବଲସି । ମକତା ମନନା କରସି ଭା ହେବାକଓଇ । ନାହିଁ ହେଲେ ନାହିଁ ତକଉଇ ଭା ନା କରଁ । ଭା ନା କଲାଇ ରାଗିଲାଇ ଯା ତୁଇଁ ବୁଲି ବୁଲି ମରିବେ । ଆରି ଘରକଓଇ ନା ଆସିବେ ଘରକଓଇ ଆସିଲେ ତକଇ ଭାତ ପାଣି ନା ଦେଉଁ । ତୁଇଁ ଯେଠି ଖାଲେ ସିଠିଖାଲେ ଆରି ଦରକାର ନାହିଁ ।ବଳେ ସିଏ କାନ୍ଦି କାନ୍ଦି ପଳଲାଯେ ପଳଲାଯେ ଗୋଟେ ବଡ ଘର ଟାରେ ଶୋଇଥିଲା । ହି ବଳେ ସାନଟା ଥିଲା ଯେ ଡାକି ଆଣିଲା ।

## ସାତବାରୀ ଗୀତ

ନାମ- କୁଳମଣି ନାଏକ

୧- ଛଟା ବାଡି ରୁଣ ଝୁଣ ସାତବାରି ଗୀତ ଉତାରୀ ଆଣ
ବସିଛନ୍ତି ପା ଜଣ ।
ସିଲରେ ଠେସିଲେ ଖେଲା ତବଡ ନାନୀ ସୁର ଉତାରୀଦେବା
ଆମେ ଦୁଇକୁଳ ଥିବା ।

ଗୁରୁବାରେ ଗୁରୁହାଟ  ଗୁଆପାନ ଧରି ଜୁଗିଛେ ବାଟ
କେଭେ ନ ପାଇଲି ଭେଟ ।
୨- ଶୁକୁରୁ ବାରେ ଶୁକ  ଶୁକ ଥାଉଁ ଥାଉଁ ପଡିଲା ଦୁଃଖ
ହଁସିବେ ଉଘାରୀ ଲୁକ
୩- ସନୀବାରେ ସନୀ ଦସା  ଏଫଳ ଖାଇଲେ ସେଫଳ କଷା
ଜୀବନରେ ନାହିଁ ଆଶା ।
୪- ରଇବାରେ ରଇରଥ କେଣେ  ଛାଡିଗଲେ ପ୍ରାଣ ସଙ୍ଗାତ
ଆସିହେଲେ ମୁଁର କାନ୍ତ ।
୫- ସମବାରେ ସମଲାଉ  ଗୁଟୁକୁ ଆସୁଛି ଜୀବନ ଥାଉ
କିଏ ହେଲେ ସକ୍ଷୀ ରହୁ ।
୬- ମଙ୍ଗଳ ବାରଟି ମଣ୍ଡା ପାନ  ଭାଙ୍ଗିଥିବ ଅଠର ଗଣ୍ଡା
ଖଣ୍ଡେ ଖାଇ ମନ ଥଣ୍ଡା ।
୭- ବୁଧୁବାରେ ବୁଧୁଶ୍ୱର  ଏଗିତ ଭଣିଲେ ଉମରା ବର
ଏ ଗୀତ ସାତ ଦିନର ।

ସାତବାରୀ ଗୀତ ହେଲା ସପୂର୍ଣ ମୁଁଇଁ କହିଦେଲି ଶୁଣ, ସାତବାରୀ ଗୀତ ହେଲା ସେଷ ରହିଲା ସାତ ବରଷ ।

## ବାରମାସୀ ଗୀତ

୧- ମାଘରେ ଆମ୍ବ ବଉଳ ତ ସାଙ୍ଗେ ବସିବି ଉଆ ଚାଉଳ
ପୁରୀର ବଡ ଦେଉଳ ।
୨- ଫଗୁଣ ଦୁଳ ଗୋବିନ୍ଦ ଦୁଳି ଖେଳୁଛନ୍ତି ପରମାନନ୍ଦ
ଦୁଳିରେ ଯେତେ ଆନନ୍ଦ ।
୩- ଚଇତରେ ଫୁଟେ ମଲି ଛୁଆ ଚନ୍ଦନକୁ ମୁଁ ତେଜ କଲି
ସୁନା ଦେହ ଚୁନା କଲି ।
୪- ବୈଶାଖରେ ଯେଉଁ ଖରା  ଖରା ଦୁଇ ମାସ ନ ବୁଲ ପରା
ଦେହକୁ ପଡିବ ଜାରା ।
୫- ଜୈଷ୍ଠରେ ଆମ୍ବ ପଣସ  ପଚିସଢି ଗଲା ମୂଳରେ ନାଶ ।
ମୁଁ ହେଲେ କରିବି କିସ ।
୬- ଅସାଢେ ମେଘ ଘଡ ଘଡି  ଅନ୍ଧାର କରି ମେଘ ଆଣୁଛି ମାଡ଼ି
ପଳବା ରାଇଜ ଛାଡି ।
୭- ଶ୍ରାବଣେ ଭାରି ବରଷା ଜିବ୍ ଜନ୍ତୁ ମାନଙ୍କ ଡାଳରେ ବସା
ପାଉଛନ୍ତି ଯେତେ ବସା ।
୮- ବନ୍ଧ ତଳେ ଚାଲେ ଗେଣ୍ଡା  ଆସି ପହ˜ିଲା ଦସରା ଖଣ୍ଡା

ମୁଣ୍ଡ ପଡେ ଗଣ୍ଡା ଗଣ୍ଡା ।
୯- କାର୍ତ୍ତିକରେ ଯେଉଁ ରାତି ପ୍ରଣଧନ ଥିଲେ କୁଳେ ବସାନ୍ତି
ନିଚଳେ ରାତି ପୁହାନ୍ତି ।
୧୦- ମଙ୍ଗସିରେ ଧାନ ଶେଷ ଘରେ ଘରେ ଲକ୍ଷ୍ମୀ କରିଲେ ବାସ
ସରିଗଲା ଉପବାସ ।
୧୧- ପୁଷମାସେ ଯେଉଁ ଜାଡ ପ୍ରଣଧନ ଥିଲେ କରନ୍ତା ଖେଡ
ବିହି କଲା ଛାଡ ବିଡ ।

ବାରମାସୀ ଗୀତ ହୋଇଲା ଶେଷ ରହିଲା ବାର ବରଷ ।

# ଛଅ ଋତୁର ଗୀତ

ସିଲଇରେ ଠେସିଲେ ଖେଲା ଛଅ ଋତୁ ଗୀତ ପାଇଁ
ଦେଖିବା ସମତେ ହୋଇବେ କାବା
ନଈରେ ଭାସଇ ସୂଲ ତେବେ ହେଲେ ନାନୀ ଗାଇଁବା ଫୁଲ
ସମତେ ବଲିବେ ଭଲ ।
୧-ଗ୍ରୀ- ଗ୍ରୀଷମେ ଟାଣୁଆଁ ଖରା ମୁଣ୍ଡରେ ଧରିଛି ଦଧି ପସୁରା
ଦେହରୁ ବହୁଛି ଦାରା ମୁଣ୍ଡରେ ଧରିଛି ଦଧି ପସୁରା
୨-ବ- ବରଷା ଋତୁରେ ମେଘ ଆସଇ ମାଡି
ଲଙ୍ଗଳ ପଡଇ ଝଡି ମେଘ ଆସଇ ମାଡି
୩-ଶ- ଶରତେ ଫୁଟଇ ଫୁଲ ନିରିମଳ ଶୋଭା ଦିଶଇ ଆଲ
ଦେଖିତେ ଯୋ ମନ୍ଦ ଭଲ ନିରିମଳ ଶୋଭା ଦିଶଇ ଆଲ
୪-ହେ- ହେମ ଋତୁ କାଳରେ ସମସ୍ତେ ଲାଗନ୍ତି ଯୋଝା କାମରେ
କେହି ନ ରହନ୍ତି ଘରେ ସମସ୍ତେ ଲାଗନ୍ତି ଯୋଝା କାମରେ
୫-ଶୀ- ଶୀତ ଋତୁରେ ହେମ କାକର ସକାଳୁ ଚାଲି ନ ପାର
ଥରୁଆ ଦେହ ତର ସକାଳୁ ଚାଲି ନ ପାର
୬-ବ- ବସନ୍ତରେ ଶେଷ ହେଲା ନାନ ବଢି ଫୁଲ କେତେ ଫୁଟିଲା
ମହ ମହ ବାସ ହେଲା ନାଳ ବଢି ଫୁଲ କେତେ ଫୁଟିଲା

ଟାଟିଆରେ ମହୁରସ ଛଅ ଋତୁ ଗୀତ ହୋଇଲା ଶେଷ
ଆହୁରି ବଲିବା କିସ ।

## ବାଦୀ ଗୀତ

ପ୍ରଶ୍ନ ଦେବା -

୧ - ନୂଆଁ ଟାଟିରେ ଗୁଳ ଗୁଟେ ବରଗଛ ବାରଟି ଡାଳ ପତର କେତେ ବଉଳ ?

ଉ - ୩୬୫ ଦିନ ବା ପତର ।

୨ - ବାରଟା ମାସର କାତେଟା ଦିନ ବୁଝାଇ କହିବ ଧନ ?

ଉ - ୩୬୫ ଦିନ ।

୩ - ବର ମାସର୍ କେତେଟା ଉଳି ବୁଝାଇ କହିବ ଶାଳି ?

ଉ - ୭୩୦ ।

୪ - ବାରଟା ମାସର କେତେଟା ଋତୁ ବୁଝାଇ ମେତେ କହି ତୁ ?

ଉ - ୬ଟା ।

୫ - ବାରଟା ମାସ କେତେ ପଖଲି କହିବେ କାଦର ମଲ୍ଲୀ ?

ଉ - ୨୪ ।

୬ - ବର୍ଷକୁ ନାନୀ କେତେ ଖଆନା କହିବୁ ଗୀତାଣି ନାନା ?

ଉ - ୩ଫୁ. ୫ଖ ।

୭ - ବାରଟା ମାସର୍ କେତେଟା କାଠି କହିବ ଗୀତଣ ଟକି ?

ଉ - ୩୬୫ ।

୮ - ନଗଣ୍ଡା ରାବଣ ମାଲ ତୁଇଁ ମୁଣ୍ଡ ରଖିଦେଲୁ କାହିଁ ?

ଉ - ନଖ କଟ ବା ବିଡି ।

୯ - କାଦ ଲଟପଟ ଭୂଇଁ ସଂଅରା ନାମ କହିଦିଅ ପରା ?

ଉ - ମହିବା ସଟା, ମଇ, ବିଦା କୃଷିଯନ୍ତ୍ର ।

୧୦ - ପିନ୍ଧିଛ ଲୁଗାଟା କେତେଟା ମୁଣ୍ଡି କହିବ ଗୀତଣି ଛଣ୍ଡି ?

ଉ - ୨୧ ମୁଣ୍ଡି ।

## ଟାଙ୍ଗୁ ଗୀତ

ନାମ - ବନ୍ଦନା

୧) ଡିବି ଡିବି ବାଇଦ ନିଶାଣ ଦେଲେ ଟୋକ
ପ୍ରଥମେ ବନ୍ଧିବାରେ ଓଡିଶା ଜଗନ୍ନାଥ
ବନ୍ଧିବା ବନ୍ଧିବା ଆମେ ଡାଳ ଚଉରାଣୀ
କିରେ ପତ୍ର ଚଉରାଣୀ
ଇନ୍ଦ୍ରଠାରେ କଳା ମେଘ ଚଉଦିଗ ଚାହିଁ
ବଡ ବଡ ହଳମନ୍ତ ପାସୁରନ୍ତି ନାମ, ସୁଉଁରନ୍ତି ନାମ
ଲାଖି ବିନ୍ଧି ଗଲେରେ ପଣ୍ଡିତ ଅରଜୁନ

୨) କୁଇଲିରେ ମାଘରେ ଯେ ଆମ୍ବ ବଉଳାଇ

ଗଛରଟି ପତ୍ର ଗୋଟି ଉ  ରକୁ ଯାଇଲୋ କୁଇଲି
କୁଇଲିରେ ଫଗୁଣରେ ଫଗୁ ଗୁଣ୍ଡା ଧୂଳି
ଫଗୁ ଗୁଣ୍ଡା ଧୂଳି ମାଖି ଖେଳନ୍ତି ଚାଚରି ଲୋ କୁଇଲି (ଘୋଷା)
କୁଇଲିରେ ଚଏତରେ ଚହଟ ମହଟ
ଯୁବାତିରୀ ଯୁବା କାନ୍ଥ ଏକ ଠାଣେ ଭେଟ ଲୋ.......
କୁଇଲିରେ ବୈଶାଖରେ ରାଇଁ ଝାଇଁ ଖରା
ସେ ନଦୀ ପୋଖରୀ ପୂରି ଉଇଁ ଆସେ ତାରା ଲୋ.....
କୁଇଲିରେ ଜ୍ୟେଷ୍ଠରେ ଯେ ପାଚି ପଡେ ଆମ୍ବ
ଓଡିଶାର ଦିନ କେତେ ପଡେ ଗିରୀସମ ଲୋ......
କୁଇଲିରେ ଅଶାଳରେ ଅଶାଳିଆ ସାଜେ
ଖଣ୍ଡ ଖଣ୍ଡ କଳା ମେଘ ଚଉଦିଗେ ମାଜେ ଲୋ.......
କୁଇଲିରେ ଶ୍ରାବଣରେ ଫୁଟି ପଡେ କିଆ
ବହୁତ କାଳରୁ ତୋତେ ଚମକିଲା ଇହା ଲୋ........
କୁଇଲିରେ ଦଶରାରେ କୁଆଁରିକା ଜହ୍ନ
ଲକ୍ଷ୍ମୀ ସଙ୍ଗେ ଉଷା ଖେଳେ ପ୍ରଭୁ ଭଗବାନ ଲୋ........
କୁଇଲିରେ କା ୀକରେ ରାଇ ଜାମୁଦର
ଘରଦ୍ୱାର ଛାଡି କୃଷ୍ଣ ମଥୁରେ ନଗର
କୁଇଲିରେ ମଙ୍ଗଶୀରରେ ମକୁନ୍ଦ ମୁରାଲି
କାଳନ୍ତି ବସି କୃଷ୍ଣ ମରୁଛନ୍ତି ଭାଳି ଲୋ.......
କୁଇଲିରେ ପୋଷରେ ଯେ ଏ ଗନ୍ଦ ଫଳସା
ଯୁବା ତିରୀ ଯୁବାକାନ୍ତ ଖେଳୁଛନ୍ତି ଉଷା ଲୋ......
କୁଇଲି ମୋର ଖେଳୁଛନ୍ତି ଉଷା ଲୋ କୁଇଲି
କୁଇଲିରେ କୁଇଲି ଗୀତ ଶପୁଣ ହୋଇଲା
ବାର ମାସକେ ତେର ପଦ ଭାବରେ ବଣିଲେ ଲୋ......
କୁଇଲି ମୋର ଭାବରେ ବଣିଲା ଲୋ କୁଇଲି ।

୩) ରାଧିକାର ପାଦ ତଳେ ଦୁତି ପଡିଲା ଶଳା ପଡିଲା
କୁମ୍ଭ ରୂପ ଧରି ପ୍ରଭୁ ଉଠ ବୋଲା ଉଠ ଉଠଲୋ ଦୁତି
ରାଧିକା ବୋଇଲେ ପ୍ରଭୁ ଉଠାଇ ଆଣ ତୁମେ ବସାଇ ଆଣ
ଉଠାଇ ବସାଉ ପ୍ରଭୁ କୁଳେ ବସାନ କେବେ ଦୁଃଖ ନ ଗଲ
ଦିହର ବେଦନା ଗୋଟି ଦିହେ ରହିଲା
କେବେ ଦୁଃଖ ନ ଗଲା
ରାଧିକା ବୋଇଲେ ପ୍ରଭୁ ଆଶା କହିଲ ତୁମେ ଭଲା କହିଲ
ନବଖଣ୍ଡ ମେଦନୀକୁ ପୃଥ୍ୱୀ ବୋଇଲ
କିସ କହିବୁ ଆମେ
ଦିହର ବେଦନା ଗୋଟି ନ ଜାଣ ତୁମେ

କିସ କହିବୁ ଆମେ
ରାଧିକା ବୋଇଲେ ପ୍ରଭୁ ବୈକୁଣ୍ଠେ ବସି
ବଣାଇଁ ଶ୍ରୀ ଗଙ୍ଗା ଦେବୀ କଣ୍ଠ ଯୋଗ ହେଲା ଆସି
ବୈକୁଣ୍ଠେ ବସି ।

୪) **ଝୁମାରୀ ଗୀତ**
ବଇଁଶିକି ବାଲକାଇତେ ବଇଁଶିକି ଭାଲ କାଇତେ
ଭୃକୁଟିକ ଜପରାଣ ହୋ
ଜଳର କୁମ୍ଭୀର ହିଳ ଡେଇଁଗଲା
ତହିଁ ବନାଇବା ଚାଲ ଗୁରୁଦେବ
ହୁକମେ ସୁଜନେ ଚାଲ ।
ନାଚିଲ ନାଚିଲ ନାଚିଲରେ ଭାଇ
ଆଗରେ ନାଚିଲା କୁଲା
ଚାଷ କରିବାକୁ ଖଣ୍ଡିଆ ବଳଦ ଥିଲା
ଘାସଟାକୁ ଗିଲି ଦେଲା ଗୁରୁଦେବ
ହୁକମେ ସୁଜନେ ଚାଲ ।
୫) କିମ୍ପାଇ ହେଲୁ ହରବର ଶୟଳ ନାଗବର
ପିତା ମହାକୁମ ଫଳ ସେ ଫଳ ଭା୍ଗି ଦେଖିଲେ
ଭିତରେ ପୋଡେ ଅଙ୍ଗାର (୨)
ପିତା ମହାକୁମ ଫଳ ଦୂରକୁ ଦିଶେ ସୁନ୍ଦର
କ ।ରେ କିଲାଉ ଅଛି ପାଚିଲେ ସିନା ମଧୁର
ମୁଁ ଯେବେ ମିଛ କହିଲି
ସଭା ଜନକୁ ପଚାର, ଜାତି ଜନକୁ ପଚାର
ଶୟଳ ନାଗରବର ।
୬) ଭାଙ୍ଗି ଭାଙ୍ଗି ଏ ପତରି ଖୁଜୁରୀ ଢିଆ ଡାଙ୍ଗଳି
ହୁରିଆ ଟପରା କଥା ନହିଁ ଶହନ୍ତି କିଗୋ ନାଇଁ ବୁଝନ୍ତି
ପିଲା ଅବଳା ମାନଙ୍କୁ ଦିଅନ୍ତି ଗାଳି, ଖୁଜୁରୀ ଢିଆ ଡାଙ୍ଗଳି
ଅଛନ୍ତିରେ ମେରୁ ମେରୁ ଅଛନ୍ତିରେ ଅଧେ ସୁରୁ
ଏବା ଜଣେ କଥା କୁହା ସରୁ ଟୁକୁଳି, ଖୁଜୁରୀ ଢିଆ ଡାଙ୍ଗଳି
ଜନେ ରସା ନନ୍ଦ ଚାନ୍ଦ ରାଧା ପାଦେ ଯାଇ କର
ଏ ଗୀତ ବନାଇ ଥିଲା ଶୁକଳ ଗିରୀ, ଖୁଜୁରୀ ଢିଆ ଡାଙ୍ଗଳି ।
୭) ପାହିଗଲା ରାମ ରାତି ପୁରେ ଶଙ୍କ୍ର ଦୁନି
ଗୁଣ୍ଡିଚାକୁ ବିଜେ କଲେ ରାମ କୃଷ୍ଣ ବେନି
ବ୍ରଜବନ୍ଧୁ ଗୋଦଣ୍ଡେ ଯିବ ଶୁଣି
ରାଧିକା ବୋଇଲେ ଲୋ ଆହେ ମଧୁପୁରୀ

ଯତ୍ରା ଦିନେ ଭେଟ ହେଲେ ଗୁହେ ଦିନ ଚାରି
ବ୍ରଜବନ୍ଧୁ ଗୋ ଦଣ୍ଡେ ଯିବ ଶୁଣି
ରାଧିକା ବୋଇଲେ ଲୋ ଆହେ ଶିର ପୁରୀ
ଏକ ବଡ ରାମଦାସ ରାକ୍ଷା କରିଥିଲେ
ବ୍ରଜବନ୍ଧୁ ଗୋ ଦଣ୍ଡେ ଯିବ ଶୁଣି ।

୮) କୁଇଲିରେ ଟଙ୍କାରେ ଯେ ବାର ଖଣ୍ଡି ଧାନ
ପୁଅ ମାଇପ ବିକି କରି ହେଲେ ବୈଷ୍ଣବ ଲୋ....
କୁଇଲିରେ କ୍ଷୀର ଖିଆ ପୁତ୍ରକୁ ଯେ ଜେବି ଦେଲି ନଖେ
କ୍ଷୀର ଖିଆ ପୁତ୍ର ମୋର ଆଜି ରହିଲା ବଖେ
କୁଇଲିରେ କ୍ଷୀର ଖିଆ ପୁତ୍ରକୁ ଯେ ମାଇଲି ଚାପଳେ
କ୍ଷୀର ଖିଆ ପୁତ୍ର ମୋର କାନ୍ଦଇ ବିକଳେ
କୁଇଲିରେ କ୍ଷୀର ଖିଆ ପୁତ୍ରକୁ ଯେ ମାରି ଦେଲି ଝାଟେ
କ୍ଷୀର ଖିଆ ପୁତ୍ର ମୋର ଗଲା ନଦୀ ଘାଟେ ଲୋ.....
କୁଇଲିରେ କ୍ଷୀର ଖିଆ ପୁତ୍ରକୁ ଯେ ମାରିଲି ବିଧାଏ
କ୍ଷୀର ଖିଆ ପୁତ୍ର ମୋର କାନ୍ଦଇ ଅଧାୟେ ଲୋ....
କୁଇଲିରେ କ୍ଷୀର ଧନ ଦେବି ମୁଁ କାହାକୁ
କ୍ଷୀର ଖିଆ ପୁତ୍ର ଗଲା ମଥୁରା ପୁରକୁ ଲୋ......
କୁଇଲି ଯିବି ଯେ ଆସିବି ବୋଲି ଗଲା
ଛଅ ମାସରେ କ ଦେଇ ବରଷେ ରହିଲା
କୁଇଲିରେ ଟମକ ନିଶାଣ ବାଜି ଜାନ୍ତା
କ୍ଷୀର ଖିଆ ପୁତ୍ର ଥିଲେ ରାଜ୍ୟେ ରାଜା ହେତା ଲୋ....... ।

୯) କାଖେ କୁମ୍ଭ ଘେନି ଗଲେ ନବିନା
ଆସରେ ସଖିମାନେ କିଏ ଯିବ ଯମୁନା
ଜଣେ ପିନ୍ଧେ ନାଲି ଶାଢ଼ୀ ଜଣେ ପିନ୍ଧେ କଳା ଶାଢ଼ୀ
ଗୋଡରେ ଝୁ ି ଆ ତୋର
ରୁମୁଝୁମୁ ଶୋଭେନା
ଆସରେ ସଖିମାନେ କିଏ ଯିବ ଯମୁନା ।
ଫୁଟିଛି ଚମ୍ପା ଫୁଲ
ଫୁଟିଛିରେ ମଲ୍ଲିଫୁଲ
ଫୁଟିଛି ଚମ୍ପା ଫୁଲ ଗୋଟେ ତୋଳି ଦେବନା
ଆସରେ ସଖିମାନେ କିଏ ଯିବ ଯମୁନା
ଫୁଟିଛିରେ ମଲ୍ଲି ଫୁଲ ଗୋଟେ ତୋଳି ଦେବନା
ଆସରେ ସଖିମାନେ କିଏ ଯିବ ଯମୁନା ।

୧୦) ବନ୍ଦଇ ଶ୍ରୀ ଗଣନାଥ ଗଉରୀ ନନ୍ଦନ
ବପୁଳେ ଶୋଭିତା ଧନ ଶ୍ରୀ ଖଣ୍ଡି ଚନ୍ଦନ

କପୁଳେ ଶୋଭିତ ଧନ ଆଣିବାର ସେବା
ପ୍ରସନି ହୋଇନ ବାବୁ ପଦେ କହିଦେବା
ପ୍ରସନ ହୋଇଣ ବାବୁ ଥିଲା ମୋର ନାମ
ଲାଖି ବିନ୍ଧି ଗଲେରେ ପଣ୍ଡିତ ଅରଜୁନ
ସିଆଳି ଲତାରେ କୃଷ୍ଣ ଖେଳୁଛନ୍ତି ଦୋଳି
ମୃଗ କାନ ପ୍ରାଏରେ ଦିଶର ପାବ ଯୁଳୀ ।
୧୧) ଉଠ ଶଶୀ ନିଧି ଗୁଣ ପାହୁଡିରେ ରାତ୍ର ପାହୁଡି
ବେଳ ସାତ ଘଡି ଘଡିଏ ଉଇଁରେ
ଝିଅକୁ ଡାକଇ ବୁଢ଼ୀ
କିସ ବୋଇଲେରେ ରାଣ୍ଡର ଝିଅ
କେତେ ହିଁ ଯାଉଛ ନିଦ
ଘରର ଚେତନା କେବେ ନ ଜାଣଇ
ଘାରି ମାଡୁଥାଏ ନିଦ
କିସ ବୋଇଲୁରେ ରାଣ୍ଡର ଝିଅ
ଜୁଆଇଁ ଶୁଣିଛି ସବୁ
ଏ ବହୁ ଧରିଣ କି ଘର କଲି ମୁଁ
ଭିନ୍ନେ (ଭିନ୍ନ) ହୋଇଯାଅ ବାବୁ
କିସ ବୋଇଲୁରେ ରାଣ୍ଡର ଝିଅ
ଜଙ୍ଗଲରେ ଫୁଟଇ ମଲ୍ଲୀ
ବଡ ଘର ବୋଲି ଟଙ୍କା ସୁନା ଲୁଗା
ସାହି ପଡିଶାକୁ ଦେଲି ।
୧୨) ଲହୁଛନ୍ତି ଗଣନିଧି ଶୁଣ କୃପା ଜଳ
ମାତା ଆଡୁ ଲେଖି ଦେଲେ ବନ୍ଧୁ ସିନା ମୂଳ
ମାତା କୁଳେ ଅସୁରଣୀ ବହଣୀ କୁଳେ ବନ୍ଧୁ
ପଡୁଅଛି ମାୟାଜାଲ ମନେ କିମ୍ପାଇ କାନ୍ଦୁ
ଜନ୍ମ ସିନା ଦେଲୁ ମାତା ମାୟା ସଂସାରରେ
ଆମ୍ଭ ଜୀବ ଉଡିଗଲା ପବନ ସାଙ୍ଗରେ
ଜନ୍ମ ସିନା ଦେଲୁ ମାତା କର୍ମନାହିଁ ଦେଲୁ
ଗଛେ ଉଠି ମୂଳେ ବସି ମାରି ପକାଇଲୁ ।
୧୩) ମାତା ମନେରେ ତୁମେ ଚିନ୍ତା ନକର ମାତା ମାନେରେ
ମାତାଙ୍କର ମନ ହୃଦେ ହେଲା ଛନ
କାହାକୁ ମୁଁ ଦେବି ଏ କ୍ଷୀର ପାନ
ପାଚିଲା ରହୁଛି କ ।ଚ ଯାଉଛି
ଏହି କି ଲାଗିଛି ମାୟା ସଂସାର
ମାତା ମାନେ ତୁମେ ଚିନ୍ତା ନ କର

ଚିନ୍ତା କରିଦେଲେ ବୁଡିବ ଘର
ମାତା ମାନେ ତୁମେ ଚିନ୍ତା ନ କର
ବାର ବରଷରେ ପୁତ୍ରଟି ଜନମ
ଦିଶୁଥାଏ କଏଡଏ ସୁନ୍ଦର
ସୁନ୍ଦର ଦିଶିଲେ କିସ ହୋଇଯିବ
ମଶାଣୀ ଭୂମିରେ ଅଛି ତ ଘର
ମାତା ମାନେ ତୁମେ ଚିନ୍ତା ନ କର ।
୧୪) ଡାଳଗଲା ସରଗକୁ ଚେରଗଲା ପାତାଳକୁ
ଭଲ ଭଲ ଲୋକମାନେ ଭୂମିରେ ଯେ ଗଲେ ଲୁଚି
ନୂଆଁ ବହୂ କାନ୍ଦୁଛନ୍ତି ।
ଡାଳଗଲା ସରଗକୁ ଚେରଗଲା ପାତାଳକୁ
ଭଲ ଭଲ ଲୋକମାନେ ଅ ।ରେ ଯେ ଟଙ୍କା ଖସି
ନୂଆଁ ବହୂ କାନ୍ଦୁଛନ୍ତି ।
ବଣେ ରସା ନନ୍ଦ ଚାନ୍ଦ ରାଧା ପାଦେ ଯାଇ କର
ଫୁଲଗଲା ବନରାସୀ
ଭାଇବନ୍ଧୁ କାନ୍ଦୁଛନ୍ତି ।
୧୫) ଆସୁଛନ୍ତି କାହାସୁତ, ଚାଲରେ ଦେଖିବା ମିତ
ଗୋପ ପୁରେ ଗୋପିମାନେ ରାନ୍ଧୁଛନ୍ତି ଦୁଧ ଭାତ
ଦୁଧଭାତ ଖାଇ କରି ଟେକିଛନ୍ତି ପରବତ
ଚାଲରେ ଦେଖିବା ମିତ
କେଝେଁରି ଗଡିଆ ରଥ ଲାଗି ଅଛି ଷୋଳ ଚକ
ପିଲାମାନେ ପାଠ ଲେଖ, ଚାଲରେ ଦେଖିବା ମିତ
ବାବୁ ମାନେ ପାଠ ଲେଖ ଚାଲରେ ଦେଖରବା ମିତ
କେଝେଁରି ଗଡିଆ ରଥ ଲାଗି ଅଛି ଷୋଳ ଚକ
ଗାଈ ଗୋଠ ପରେ ଲୋକ ଚାଲରେ ଦେଖିବା ମିତ
ଛେଳି ଗୋଠ ପରେ ଲୋକ ଚାଲରେ ଦେଖିବା ମିତ ।
୧୬) ଉଠ ନିଶି ପାହିଲା ରଜନୀ ହେ ରଘୁମଣି
ଉଠ ନିଶି ପାହିଲା (ଘୋଷା)
ଆସିଲାରେ ଜାଟାଧାରୀ ବସିଲାରେ ଛତା ଧରି
ଯିବ କି ନା ଯିବ ନାତଣୀ କୁହ ସତ କରି ହେ
ରଘୁମଣି ଉଠ ନିଶି ପାହିଲା
ସକାଳ ପାହାନ୍ତେ ରାଣୀ ହରତର ହୁଏ ପୁଣି
ସେତ ବନ୍ଧୁ ତଳରୁ ଯେ ଗୋବର ଆଣି
କାଖରେ କୁମ୍ଭ କଳସୀ ଗଲେ ନୀର ଆଣି
ତୁମର ବସା ଘରେ ନାତଣୀ ଦିଅ ଶଳା ପାଣି ହେ

ରଘୁମଣି ଉଠ ନିଶି ପାହିଲା ।

୧୭) ରେଙ୍ଗାଳ ଗଛରେ କୁମ୍ଭ ବାରୁଣୀ
ନିଦ୍ରାରୁ ଉଠିଲେ ବିଷ୍ଣୁ ତାରୁଣୀ
ଘର ଚାରିଆଡେ ଲାଗିଛି ଶେଣି
ଦାଣ୍ଡ ବଢାବାକୁ ଖଜେ ବାଢୁଣି (ଝାଡୁଣୀ)
ଘର ଚାରିଆଡେ ରେଙ୍ଗାଲ ଖୁ ।
ମୁହଁ ଧୋଇବାକୁ ଖୋଜଇ ଲୋଟା
ବାହାଣ ହଳିଆ ମାଇଲା ଲାତ
ଛାଣି ଛାଣି ବାଢ ପଖାଳ ଭାତ
କେତେ ମୁଁ କହିବି ତୋହରି ଗୁଣ
ପଖାଳ ଭାତକୁ ଛି ି ଦେ ଲୁଣ ।

୧୮) ଦେଖିଲେ ଗୋବିନ୍ଦି ଚନ୍ଦ୍ର ଗଲେ ଯୋଗୀ ଧର
ତୁମର ନାତେ ଯୋଗୀ ହୋଇ ଆମେ ନାଥେ ଯୋଗୀ
ଭିକ୍ଷା ଯେ ମାଗିବୁ ଆମେ ଏ ବଙ୍ଗ ଦେଶରେ
ଭିକ୍ଷା ମାଗି ଆଣି ରାଣୀ ରାନ୍ଧି ଦିଅ ଭାତ
ଆମକୁ ସାଙ୍ଗରେ ନିଅ ପ୍ରାଣ ଗଣନାଥ ।

୧୯) ରାତି ହେଲା ଶେଷ ଉଠ ବାଳି ଚାଲ
ଚାଲ ସମସ୍ତେ ଯିବା ଫୁଲ ତୋଳି
ଫୁଲ ତୋଳିବା ହାତେ ଯାଇ ମିଳିଲେ ରତେ
ଲୋକ ବ ଆସୁଛନ୍ତି ମେଘ ପରି
ଚାଲ...........
ଫୁଲ ତୋଳିବା ହାତେ............
ତଟକା ହେବେ କୃଷ୍ଣ ଦେଖିକରି
ଚାଲ...........
ବଣେ ରସାରେ ନନ୍ଦ ନବ ଘନରେ ଚାନ୍ଦ
ତୋତେ ବ ନେଇଁ ଯିମାଇଁ ଲୋଭ କରି
ଚାଲ...........

୨୦) କୁଶଳେ ଆଛନ୍ତି କିରେ ଜଳ ଦେ
ଆମ୍ଭ ପ୍ରାଣ ସଇ କି ଗୋ ଜଳଦେ
ହନୁର ହୁଙ୍କାର ଶୁଣି ରାଧା ହେଲେ ସନ୍ତୋଷ
ବାଳା ହେଲେ ସନ୍ତୋଷ
କାହୁଁ ତୋତେ ଆଣିଦେବି ଜଳଦେ
ବାରଣାସୀ ସନ୍ଦେଶ ଜଳଦେ
ଘୁଟୁ ଘୁଟୁ ଦୁଲୁ ଦୁଲୁ କମ୍ପିଲା ରେ ମେଦିନୀ
ଶୁଭିଲାରେ ମେଦିନୀ

ଯିଏ ଯିବ ଦୂର ଦେଶ ଜଳଦେ
ବରଷେ ରହଣୀ କିରେ ଜଳଦେ
ଜଳଦେ....... ଛଅ ମାସ ରହଣି କିରେ ଜଳଦେ ।
୨୧) ବାଟରେ ବେଣୁଆ କିଗୋ ବାଟରେ ବେଣୁଆ
ଆଜି ତୁମ ସେହିଠିକି ଯାଉଛୁ କେଣୁଆଁ
ବାଟରେ କରାଇ କି ଗୋ ବାଟରେ କରାଇ
ତୁମେ ତ ନ ବାରି ଅଛ ଯାଉଛୁ ପଳାଇ
କାଉ କଟରିଲା ଗୋ କାଉ କଟରିଲା
ଆମେ ତ ଦୂରିଆ ଲୋକ ଜୋଡା ମନ୍ତରିବା ।
୨୨) କାହାକୁ ଦେଇ ଛାଡି ଯାଉଛ ମାଧଇ
ବାଟେ ବାଟେ ଯାଉଥିଲ କଥା ହୋଇ ହୋଇ
ତୁମେ ଟୁରୁ ବୁରୁ ହୋଇ
ତୁମର ବସା ଘରେ ନାତଣୀ କିଏ ଜଗଇ
ଛାଡି ଯାଉଛ ମାଧଇ
ବାଟ ଘାଟେ ଯାଉଥିଲ କଥା ହୋଇ ହୋଇ
ତୁମେ ଟୁରୁ ବୁରୁ ହୋଇ
କହିଦେଲି କଥାଟାକୁ ବଡେ ଡରଇ
ଛାଡି ଯାଉଛ ମାଧଇ
ଲୁଗାର ପଣତ କାନି ଝଡି ପଡଇ
ଛାଡି ଯାଉଛ ମାଧଇ
ଭଣେରସା ନନ୍ଦ ଚାନ୍ଦ ରାଧେ ପାଦେ ଯୋଡ଼ି କର
ତାଡ଼ିଧଡି ଯାଉଛ ମାଧଇ ।
୨୩) ରହଣୀର ପରବତେ ରଦେ ହେଲା ନିଶି
ଡାକୁଛନ୍ତି ଦଶରଥ ଉଠ ମହୀ ପତି
ବାଉଁଶ କାଟିଲି ମୁଁ ତ ନୂଆଁଇ ନୂଆଁଇ
ନବ ଯୁବା ଝିଅ ଦେଇ ବାଲେକ ଜୁଆଁଇ
ଗଞ୍ଛିଲି ପଞ୍ଛିଲି ମୁଁ ତ ସିଙ୍ଗରେ ପାନିଆଁ
କାଠର ପାନିଆଁ
ବଡବର ବୋଲି କରି କାନ୍ଦଇଁ କନିଆଁ
ସାନବର ବୋଲିକରି କାନ୍ଦଇ କନିଆଁ
ଚାଞ୍ଛିଲି ପଞ୍ଛିଲି ମୁଁ ତ ସରଗିର ଢିଙ୍କି
କୁସୁମର ଢିଙ୍କି
ଧାନ କୁଟୁଥିବ ସାଙ୍କ ବାଟ ଦେଖି ଦେଖି
ଛାଇ ଦେଖି ଦେଖି
ବାଳି ପଛ ଆଡେ ମୁଁ ତ ଖଡାଇଲି କୂଅଁ

ବନବାସ ଯିବା ଆମେ ବେଗେ ସଜ ହୁଅ ।
୨୪) ବୀର ବୋଲି ଗଉଡ ଯେ ଗାଈ ନେଉଥିଲା
ମହାଦୁନି ପରବତୁ ଗାଈ ବାହୁଡିଲା
ଛାଡ ଛାଡ ସିଂହ ରଜା ବାଟ ଛାଡି ଦିଅ,
ପଥ ଛାଡି ଦିଅ
ସଇତ କରିଲା ଗାଈ ଛାଡି ଦେବି ବାଟ
ସଇତ କରିଣ ଗାଈ ଧିରେ ଚାଲି ଗଲାରେ ପଛେ ଚାଲି ଗଲା
ଯାଇ କରି ଛଆ କୋଣେ ପ୍ରବେଶ ହୋଇଲା
କହି ବୋଲି ଦେଲା ଗାଈ ଧିରେ ଚାଲିଗଲା
ମହାନଦୀ ଗଙ୍ଗାକୂଳେ ଗାଈ ବୁଡିମଲା
ପାଚାଏ ଶାଗୁଣା ଦୁହେଁ ଯାଉଥିଲେ ଉଡି
ଦେଖିଲେ ଯେ ଗଙ୍ଗାକୂଳେ ପଡିଅଛି ମଳି
ପ୍ରେଚୋଏ ଶାଗୁଣା ଦୁହେଁ ବସିଲେ ସଙ୍ଗାତ
ଏପରି ପଟୁଆ ମଳି ଖାଆ ନାହିଁ ମିତ
ପେଚ୍ୟଏ ଶାଗୁଣା ଦୁହେଁ ଯାଉଛନ୍ତି ପଛେ
ବାସୁ ପଛେ ଆଜି ମିତ ମାରିବି ଗାରେସେ / ଖାଇବା ଗାରେସେ
ପେଚାଏ ଶାଗୁଣା ଦୁହେଁ ଯାଉଛନ୍ତି ଶୂନ
ଗୋରୁ ବାଧ୍ୟା ତିରି ବାଧ୍ୟା ବଡ ଦୁସମାନ / ହୀନମାନ
ପେଚାଏ ଶାଗୁଣା ଦୁହେଁ ଯାଉଛନ୍ତି ଶୂନ
ଆଜିଠାରୁ କାଲି ମିତ ହେବା ଭିନ୍ନ ଭିନ୍ନ ।

## ଭାଲୁ ଡରେ ଛେଳିକୁ

ଆଗର ଯୁଗ୍‌ରେ ସଭିଏ ବଣରେ ରହଥିନିଆଁ । ବଣ ବୁଲୁଁ ବୁଲୁଁ ଭାଲୁ ଆର୍ ସେଳୀ ଏକାଠିକେ ଭେଟ ଘାଟ ହେନାଏଁ । ଭାଲୁ ହିଁ ମହୁଲ ଖାବାକଇ ଯାଇଛି । ସେଳୀ ହିଁ ମହୁଲ ଖାବାକଏ ସି ଏକା ଗଛକଏ ପହିଂସି । ତାଙ୍କର ତାଙ୍କର ଦେଖା ଚୁହା ଚୁହି ନା ହେଲାଏଁ । କଳି ଲଗା ଲଗି ଆରମ୍ଭ ହେଲା । ଭାଲୁ ଭଁ...ଓ୍ ........ଫ........ଫ.......କରି ମୁଁ ବଡେ ବଲୁଆ ବେଶୀ ବଳବାନ ବୋଲି କହସି । ହିପହରା ସେଲ୍ ଯେ ଫେନ୍ତେଏଁ.......ଫେନ୍ତେଏଁ ଠୁକ୍ ଠୁକ୍ କରି ଆଗିଲ ବାଟର ଗଡ଼ଲା ଭୂଇଁରେ ବଜାଇ୍ ବଜାଇ୍ ଏଣ୍ଡେରାଇ କରି କହସି ମୁଁଇ ହିଁ ତୋର ଠାଣୁ କମ୍ ନାହିଁ । ଦୁଇଜଣଙ୍କର ଭିତ୍‌ରେ ଏକ୍‌ପାର ଜୋର ଲଢ଼ାଇ ଚାଲିଲା ।

ହିଁ ପହରା ମହୁଲରସ ପିଇବାକଏ ଫୁଲଚୁଇଁ ଚଳଇଟା ଚୁ...ଉଁ...ଇଁ....., ଚୁ....ଉଁ......ଇଁ.... କରି ଉଡି ଉଡି ଆସକରି ଦେଖିଏ ଯେ ଭାଲୁ ଆର ସେଳିର ଜୁର୍ ଲଢ଼ାଇ ଏକ୍‌ପାର କମ୍ପାସନ୍ତ ଜଙ୍ଗଲର

ମହୁଲ ବଣି ଟାକଏ ।

ଫୁଲଚୁଇଁ ଚୁଳଇ ଦେଖିଲା ଆର ଭାବିଲା ଏଳାକଏଁ ନ ଛଡାଲେ ଗଟେ କେତେ ମରିମାଏଁ । ସଡାବାକଇ ଚେଷ୍ଟା କଲା ଯେତେ ବୁଝାଲା ଯେ କେହି ନା ବୁଝିନାଇଁ । ଆରି ଆରି ଲଗାଲଗି ହେବାରେ ଲାଗିଲାଏଁ ।

କିସ୍ କରିବି ବୋଲି ଚିନ୍ତା କଲା ଘଡିଏ ସେଠାଣୁ ଚତୁର ଖେଳିଆ କଥା ମନେ ପକାଲା ଆର ଖେଳିଆ କଏ ଡାକିଗଲା । ଖେଳିଆ ଆସିକରି ବୁଝାଇ ଦେଖିଲା ହେଲେ ହଁ ନା ମାନିଲାଏଁ ।

ମହୁଲ ଗସର (ଗୁଣ୍ଡୁଚି) ଟିକ୍‌ଟିକିଆ ମୂଷା ଦେଖିକରି କୁକର ସେଠିକି ପହ ିଲା । ସେହିଁ ଦେଖିଲା ଭାଲୁ ଓ ସେଳିର କଳି ସେଠାଣୁ ଫୁଲଚୁଇଁ, ଖେଳିଆ ଓ କୁକର ତିନିଜଣ ଯାକର ବିଚାର କରି ଆମର ରାଜା ସିଂହ କଏ ଖବର ଦେବା ବନାଏଁ ଆର କିଏ ତାଙ୍କର ଭିତରୁଁ ଯିନ୍ତିଆକ ବୋଲାଏଁ । ଖେଳିଆ ଚତୁର ଆସି ସିଏ ଯାଉ ବୋଲି କୁକର କହିଲା । ସେଠାଣୁ ଖେଳିଆ ଗଲା ରାଜା ଘରକଇ । ଡରେ ମରେ ଯାଇ ପହ ିଲା ରାଜା ଓଆସରେ ଯେ ରାଜା ସିଂହ ନାଇଁନି, କାହିଁ ଗଳାଏଁ ବୋଲି ଡଙ୍ଗି ଡଙ୍ଗି ଯିବାର ବଳେ ସିଂହ ଓଆସ ପସା କୁଳୀ ଟାଙ୍ଗର ଗଳୀରେ ଚିତ୍‌ରାଙ୍ଗ ହି କରି କଁ.....କ...ଅଁ...... କରସି । ଖେଳିଆ ଜୁହାର  କଲା ସିଂହ ରାଜାକଏ ।

ସିଂହର ନିଃସହାୟ ଜୀବନ କୁଟିଏ ଚ  ଳ ହେଲା ସେ ଖେଳିଆ କଏ କହିଲା ମକେ ଆସ ଉଦ୍ଧାର କର୍ ନା ହେଲେ ମୁଁଇଁ ଗଲି ମରି । ଏହା ଶୁଣିକରି ଚତୁର ଖେଳିଆ ପାସ୍‌କଇ ଯାଇ ଦେଖିଲା ଯେ ସିଆଳି ଦେଉଳିରେ ବନାହିଥିବା ମେରୁ ଜାଲରେ ହାତ୍, ଗଡ, ବେକ୍, ଅ  । ସବୁଆଡେ ଗୋଳିଆଇ ହି କରି ସର୍ବାଙ୍ଗେ ବେନ୍ତି ହିସି କଟକଟିଆ କରି । ସିଂହଆରି ଝଟକୀ ନା ପାରସି ।

ଖେଳିଆ ଚତୁର ଝଟକରି ମୂଷା ରାଜା କଥା ମନେ ପକାଲା ଆର୍ ଫିଲିଙ୍ଗ୍ ଫିଲିଙ୍ଗ୍ ଘଟକିଲା ମୂଷା ରାଜ୍ୟକଇ । ସେ ଦେଖିଲା ହେଡେ ପାହାର ମୂଷାର ଓଆସ ସୁରୁ କୁଟିଏ ଦ୍ୱାର । ସବୁଆଡେ ଦୁଆର କେଁ ବାଟେ ଢୁକବି ବୋଲି ଚିନ୍ତା କଲା ଆର ଦୁଆରେ ଜୁରରେ ଗଗାଇବାର ଆରମ କଲା ଛେଳିଆ, ସେଠାଣୁ ତାଙ୍କର ଚାକର ମୂଷାଟା ଚୁଇଁ ଚୁଇଁ କରି ବାହାରି ଆସି କିଏ ତୁଇଁ ବୋଲି ପଚାରିଲା ଖେଳୀଆ କଇ । ସେଠାଣୁ ଚତୁର ଖେଳିଆ ନିଜର କଥା ସବୁ ଗଟେ ଗଟେ କରି କହି ଦେଲା ବଳେ ଝାଇ କରି ଖେଳିଆକଇ ଡାକିନେଲା ମୂଷା ରାଜା ପାସକଇ । ସେଠି ମୂଷା ରଜା ଖେଳିଆର ବସିବାକେ ଅସୁବିଧା ଲାଗି । ବାହାରେ କଥାବା  । ହେବା ବୋଲାଏ ଆର ବାହାର ଗଛ ମୂଳେ କଥାବା  । ହେଲାଏ । ମୂଷା ପଚାରିଲା କିସ୍ ଲାଗି ଆସିଲେ ଭାଇ ଖେଳିଆ । ଖେଳିଆ କହିଲା ଆମର ରାଜା ସିଂହ ବଡେ ବିପଦରେ ପଡିସି ତୁଇ ନାଗଲେ ତାକଇ ବ ାଇ ନାଇଁ ପାରିବା । ମୂଷା ବଡେ କଷ୍ଟରେ ହଁ କଲା ଆର ଚତୁର ଖେଳିଆ ସାଙ୍ଗରେ ଆସିଲା ସିଂହ ରାଜା ପାଖକୁ । ସେଠାରେ ଜାଲକୁ ଖଣ୍ଡ ଖଣ୍ଡ, କୁଟ୍ କୁଟା କରି କାଟି ପକାଇଲା ମୂଷା ରାଜା । ସେଠାଣୁ ମୂଷାକଏ ବିଦାଏ କରିଦେନାଏଁ । ସେ ପଳାଲା ସେଠାଣୁ ।

ସିଂହ ପାଣି ପୁଣା ପିଇ କରି କୁଟିଏ ଚ  ଳ ହେଲାପରେ ପଚାରିଲା, ହୋଇବ ଖେଳିଆ କେତେ କାମ ଆସିଥିଲେ ତୁଇ । ତୁଇଁ ନାଇଁଲେ ମୁଁଇ ଆଜି ଏଇ ଜାଲରେ ମରିଯାଇଥିତି । ଭଲେ ଥିଲେ ବାବୁ ବୋଲି ଧନ୍ୟବାଦ ଦେବା ଛଳରେ ଆସିବାର କାରଣମାନ ପଚାରିଲା ସିଂହ ।

ଚତୁର ଖେଳିଆ ଆରମ୍ଭ କଲା ଭାଲୁ ସେଳିର କଥା ସେମାନେ ନିଜେ ନିଜେ ନିଜକୁ ବହୁତ

ବଲୁଆ ଭାବୁଛନ୍ତି ଆର୍ ରାତି ଯେଣ୍ଣି ପାରି ସିଠି ଲଗାଲଗି ହେସନ୍ତ ଆଜ୍ଞା । ତୁମେ ଆଜ୍ଞା ବିଚାର କରିଦେଅ ଖେଳିଆ କହିଲା । ସିଂହ କହିଲା ହଇରେ ଖେଳିଆ ଆମେ କେମନ୍ତ ଜାଣିବା କିଏ ବଲୁଆ ଆରି କିଏ ଦୁର୍ବଳିଆ । ଖେଳିଆ କହିଲା ଯିଏ ବଲୁଆ ଯେତେ ବଲୁଆ ସେତେ ଖାଏ, ଯେତେ ବଲୁଆ ସେତେ ମଧ୍ୟ ହଗେ । ଆମ୍ଭେ କିଏ କେତେ ଦୂର ହଗି ହଗି ଯାଇ ପାରେ ନାପି ଦେବା ଯାହାର ଲମ୍ବା ହେଆକ୍ ସିଏ ସିନା ବଲୁଆ ବଲି ଆମେ ଜାଣିବା । ଠିକ୍ ଅଛି ମୁଁ ବ୍ୟବସ୍ଥା କରଇଁ । ଏମିତି କହି ଝଟକରି ପାତିମାକଳ କଇ ଡାକି ପଠାଲା । ପାତି ମାକଳ ସିଂହର ଡାକରାରେ ସାଙ୍ଗେ ସାଙ୍ଗେ ହାଜର । ସିଂହ କହିଲା ଯଥା ଶିଘ୍ର ବେଗିକରି ଭାଲୁ ଆର ସେଳିକଇ ଡାକି ଆଣ ଏଠିକି ।

ଭାଲୁ ଓ ସେଳି ରାଜା ଆଦେଶ ମାନି ସିଂହ ପାଖରେ ହାଜର ହେନାଏଁ । ସିଂହ ପଚାରିଲା ତୁମେ ଦିଜଣ ଯାକ କଳି ଝଗଡା ହେସ ଆଛା ତୁମ୍ଭ ଭିତରେ ବଲୁଆ କିଏ ହେବ ? ଭାଲୁ କହିଲା ମୁଁ, ସେଳି କହିଲା ମୁଁ । ସିଂହ ସେଠାଣୁ ପରୀକ୍ଷା କଲା ଭାଲୁ ଓ ସେଳି ପରୀକ୍ଷା ଦେବାକଏ ରାଜି ହେଲାଏଁ । ପରିକ୍ଷା ଆରମ୍ଭ ହେଲା । ପରୀକ୍ଷା ହେଉଛି ଯିଏ ଯେତେ ଦୂର ଯିବ ହଗି ହଗି ଯିବ ଯିଏ ଯେତେ ଦୂର ହଗି ପାରିବ ସେ ଏ ପରୀକ୍ଷାରେ ଜିତିବ । ଭାଲୁ ସେଳି ହଁ ମାରି ପରୀକ୍ଷା ଦେଲେ । ଭାଲୁ ଯେଉଁଠି ବେଣ୍ଣୁଆ, ଡିମିରି, ପଢଇ, ଆଖୁ, ସଲରା, ମହୁଲ ଖାଇ ଖାଇ ଗଲା ହଗିଲା ବେଳେ ଗୋଟେ ଜାଗାରେ ଗାଦିଏ ହଗିସି । ଦଶ ପନ୍ଦର ଗାଦି ହଗିଲାନେ ଅଧା ମାଇଲ ଯାଇ ପାରି ନାହିଁ । ସେଳି କିନ୍ତୁ ଧାତିଙ୍ଗ ଡ଼ାଳ, ଝଲରୀ ଡ଼ାଳ, ଚେର ବେଡା ଡାଲ, ଗିନା ପୁଇ ଖାଇ ଖାଇ ଯାଇସି ଟୁରିଜାମ ଫଳ ମିତି ଗଟେ ଗଟେ ପକାଇତେ ଯାଇସି । ସେଠାଣୁ ନାପଯଖି କରିଦେଖିନାଇଁ ଯେ ଛେଳି ଜବର ଦୂର ହଗି ହଗି ଯାଇପାରିଛି । କିନ୍ତୁ ଅଧା ମାଇଲ ଭିତରେ ରହିଲା ଭାଲୁ । ସି ଦିନ ଠାଣୁ ଭାଲୁ ହାରିଛି ଓ ସେଳି ଜିତିନ୍ତିସି । ହି ବକଏ ଭାଲୁ ଡରଇ ସେଳି କି ।

## ସାହାଡା ବଖାଣୀ

ଏକ ଥିଲା ସାଧବ ବୁଢ଼ା । ତାର ଦୁଇଟା ପୁଅ । ବଡ ପୁଅଟା ଘରେ କାମ କାର୍ଯ୍ୟ କରେ । ଆଉ ସାନ ପୁଅଟା ଛେଳି ଚରାସି । ସାନ୍ ପୁଅଟା ସବୁଦିନ ଛେଳି ଚରାଇ ଯାସି ଗୋଟେ ସାହାଡା ଗଛରେ ଟୁକୁଲିଟିଏ ଦେଖିଲା । ସାନ୍ ପୁଅଟା ଭାବିଲା ମୁଁ ସାହାଡା ଗଛଟାକେ ବାହାହେବି । ସେ ଘରେ ଆସି ମା ବୁଆକେ କହିଲା ମୁଇଁ ସାହାଡ ଗଛକେ ବାହାହେସି । ସେଠୁ ମା ବୁଆ କହେଲେ ତକେ ଟୁକୁଲି ନାଇଁ ମିଲୁଛେଯେ, ଗଛ୍‌କେ ବାହାହେସୁ । ହଉ ବାହା ହେବ ହେଲେ ହେବେ । ମା ବୁଆ କହେଲେ ସାହାଡା ଗଛକେ ବାହା ହେବୁ ହେଲେ ସାହାଡା ଗଛକେ କାଟ୍‌କି ଆଣିବୁ । ହେଠୁଁ ବାହାଘର ପାଇଁ ଦୂର ଗାଁ କେ ଚିଠିପତର ଆଉ ପାଖ୍ ଗାଁ କେ ଗୁଆ ଗୁଣ୍ଡା ଦେନେଇଁ । ବେଦି ବନାନେ, ବେଦିରେ ସାହାଡା ଗଛକେ ବସାଇଲେ । ଆଉ ପୁଅଟା ସାଙ୍ଗରେ ସାହାଡା ଗଛଟାକୁ ହାତ ଗଣ୍ଠି ପକାଇନେ । ସାହାଡା ଗଛଟାକେ ଗୋଟେ କୋନ୍‌ରେ ଡେରିଦେଲେ, ପିଲା ଯେଉଁଠି ଶୋଏ, ସେଇଠି ସାହାଡା ଗଛଟାକେ ରଖିଲାଇ । ରାତ୍‌ରେ ସାହାଡା ଗଛନେ ସାହାଡା ସୁନ୍ଦରୀ ବାହାରକୁ ବାହାରେଲା ଘର, ଦୁଆର ସବୁ ସଫା ସୁତର କଲାଇଁ । ଦିନ୍‌କେ ଦିନ୍ କିଏ ଘର ଦୁଆର ସଫା ସୁତରା କରସି ବୋଲି ପିଲାର ବୁଆ ଘର୍ ପଛପଟେ ଜଗିସି । ବୁଢ଼ା ଦେଖସି ସାହାଡା ଗଛରୁ ଝିଅଟେ ବାହାରଇଁ ଆଉ ଘର୍ ଦୁଆର ସଫା

ସୁତର କରସି । ହେଠୁ ସାଧବ ବୁଢ଼ା ବୁଢ଼ୀକୁ କଥା କହିସ । ବୁଢ଼ୀ ବୁଢ଼ା କୁ କହସ ତୁଇ ମୋତେ ହେମନ୍ତ ନାକଇ । ମୁଇଁ ଆଜି ଲୁଚିକରି ଦେଖିବି । ସାହାଡା ସୁନ୍ଦରୀ ରାତିରେ ବାହାର୍‌ଲା ବେଳେ ସାହାଡା ସୁନ୍ଦରୀର ଶାଶୁକ ଦେଖ୍‌ସି । ବୁଢ଼ୀ ସତ୍‌କର ଦେଖିଲି ବୋଲି ବୁଢ଼ାକେ କହିଲା ।

ସାଧବ ବୁଢ଼ା ବୁଢ଼ୀକେ କହେଲା, ଗାଁ ଲୋକଳାକେ ଡାକ୍‌ବି । ବାଲି ଯାତ୍‌ରା ଗୋଟେ ଗାଁ ମୁଣ୍ଡିରେ କର୍‌ବା । ଯେନ ବାଲି ଯାତ୍‌ରା ଦେଖି କଣା, ଛୋଟା, କେମ୍ପା ସବ୍ ବାହାରବେ । ଯଦି କିଏ ନା ବାହାରବେ ସାନ୍ ବହୁତା କହେଲା ତାର ଜମିରେ ତକୁଇ ପୁଜିବି ବୋଲି କହିଲା, ହେଠୁଁ ସଭିଏଁ ଗଲାଇଁ । ସାହାଡା ଗଛନୁଁ ସାହାଡା ସୁନ୍ଦରୀ ବି ବାହାର କଇ ଗଲାଇଁ । ସାଧବ ବୁଢ଼ା ସାହାଡା ସୁନ୍ଦରୀ ବାହାରକୁ ଗଲାଇଁ ବେଳେ ସେ ସାହାଡା ଗଛଟାକେ ଆଣିଲାଇଁ । ସାହାଡା ସୁନ୍ଦରୀ ଯେଉଁ ଗଛଟାରେ ରହିଥିଲଇଁ, ସେହି ଗଛଟାକେ ଆଣ୍‌ଲାଇଁ, ଆଉ ପୋଡାଇ ଦେଲାଇଁ । ସାହାଡା ସୁନ୍ଦରୀର ସାହାଡା ଗଛଟାକେ ପୋଡାଇ ଦେଲାବେଳେ, ସାହାଡା ସୁନ୍ଦରୀ ଘଟିକ ଘଟିକ ଆଉ କହସି ମୋର ଘର୍‌ଟା କିସ୍‌ପାଇଁ ପୋଡାସ । ମୁଇଁ ନିଆଁରେ ପୋଡାଇ ହେବି କହଲାଇଁ ବେଳେ, ସାହାଡା ସୁନ୍ଦରୀ ଶାଶ୍ ତାକୁ ଧରି ପକାସି । କିସ୍ ପାଇଁ ମୋତେ ଧରି ରଖିଲ ବୋଲି ସାହାଡା ସୁନ୍ଦରୀ କହସି, ମୋର ଘରଟା କିସ୍‌ପାଇଁ ପୋଡାଲ । ମୁଇଁ କେନଠି ରହିବି । ସାହାଡା ସୁନ୍ଦରୀ ଶାଶୁ ବୋଇଲା କିସ୍ ପାଇଁ ପୋଡିହେବ, ଘର, ଦୁଆର ନାହିଁ କି ? ମୋର ପୁଅର ନା ଦେଖି କି ଘର । ତୁମ୍‌କୋଇ ବୋହୂ କରିବାକୁ ଆଣିସୁଁ । କରି, ଧର୍‌କିରିଖାବ । ଭଲ୍‌କରି ରହିବ । ଆମ୍‌ତେ ବୁଢ଼ା ବୁଢ଼ୀ ହେନୁ । ନା ପାରୁ କାମ୍ କରି । ଆମ୍‌କୋଇକାମ୍ ଦାମ୍ କରି ଖୁଆବ । ଆଉ ଦୁଇଜଣ ଯାକ ଭଲରେ ଘର ସଂସାର କରି ସୁଖିରେ ରହବ ।

